



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-07 ◆WEDNESDAY ◆01 JULY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୦୭ ◆ବୁଧବାର ◆୦୧ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



ADMISSION OPEN FOR NEET 2026 -27

# TETRAHEDRON ACADEMY PRIVATE LIMITED

Tangi, Cuttack-754022

: 8093064522, 8093064525, 8093064500

Mentor Trideb Sir :7008222977

## We are expecting 150 MBBS Admissions in 2026

| Score | Name | Place | Mobile |
|---|---|---|---|
| 653 | DIBYA RANJAN | JAJPUR | M. : 9692036713 |
| 648 | SIBA SANKAR | BALESWAR | M. : 6371756580 |
| 647 | SUSHREE PRIYANKA | DHENKANAL | M. : 9777153555 |
| 645 | ADITYA | JAGATSINGHPUR | M. : 9937769733 |
| 635 | BISWABID | JAJPUR | M. : 9558959879 |
| 635 | SHUBHAM | BALESWAR | M. : 9123066603 |
| 631 | ADYASHA | CUTTACK | M. : 8249136458 |
| 630 | JYOTI PRAKASH | BALESWAR | M. : 9040026074 |
| 620 | SANDEEP KU. | KEONJHAR | M. : 7749823914 |
| 620 | SAI PRAKASH | JAGATSINGHPUR | M. : 9777090684 |
| 616 | BIKASH | PURI | M. : 9139254073 |
| 616 | SUSHREE SAMIKHYA | JAJPUR | M. : 7205422843 |
| 615 | DIBYAJYOTI | CUTTACK | M. : 9778171571 |
| 612 | ABINASH | JAGATSINGHPUR | M. : 9853385091 |
| 607 | SOUMYA RANJAN | DHENKANAL | M. : 9437809042 |
| 607 | MANORANJAN | KENDRAPARA | M. : 9556233735 |
| 605 | PRASANTA KU. | CUTTACK | M. : 9937898486 |
| 605 | PRIYANSU PRITAM | JAJPUR | M. : 7008399671 |
| 603 | PRANESH | BARIPADA | M. : 9439093446 |
| 602 | AMIYADEEP | KENDRAPARA | M. : 9692308132 |
| 601 | BISWARUPA | KENDRAPARA | M. : 6371780995 |
| 591 | RIDHIRANI | ANGUL | M. : 7008146953 |
| 590 | ADARSH AMLAN | CUTTACK | M. : 9861012314 |
| 590 | DEBA PRASAD | BALESWAR | M. : 9040165239 |
| 590 | SASWAT SWAYANSHU | DHENKANAL | M. : 7077762559 |
| 587 | RAJESH | BALESWAR | M. : 8457895059 |
| 587 | SMRUTI RANJAN | JAJPUR | M. : 8018868766 |
| 586 | PRAKASH | CUTTACK | M. : 8260761144 |
| 585 | SUBHASHREE | CUTTACK | M. : 9937339439 |
| 582 | BHARAT KU. | BOUDH | M. : 7749022783 |
| 582 | RAJESH | KENDAPARA | M. : 8260397534 |
| 580 | RAMAKRUSHNA | ANGUL | M. : 7684000422 |
| 580 | TARINI PRASAD | KENDRAPARA | M. : 8455886194 |

& Many More .....

## OUR INCREDIBLE ACHIEVERS IN AIIMS

| Score | AIIMS | Name | Mobile |
|---|---|---|---|
| 710 | AIIMS BBSR(2024) | KAMALAKANTA | Mob. : 8249906661 |
| 700 | AIIMS RAIPUR(2024) | RAHUL | M. : 6372741832 |
| 697 | AIIMS DELHI (2021) | SUSHREE SANGITA | Mob. : 9810975701 |
| 695 | AIIMS GORAKHPUR(2024) | OMM PRAKASH | M. : 6372521307 |
| 695 | AIIMS GORAKHPUR(2024) | SWAGATIKA | M. : 7381845430 |
| 680 | AIIMS BBSR(2021) | DEVASIS SAHOO | Mob. : 9861492793 |
| 675 | AIIMS GORAKHPUR(2023) | ASHIRBAD BISWAL | Mob. : 7846821473 |
| 670 | AIIMS KALYANI (2023) | ANUPAM NAYAK | Mob. : 7205755502 |
| 670 | AIIMS MADURAI(2024) | ADITYA NARAYAN | M. : 8260333635 |
| 665 | AIIMS RAIPUR(2022) | SATYAJIT NAYAK | Mob. : 8260601336 |
| 590 | AIIMS KALYANI(2025) | SOURAV RANJAN | Mob. : 9337135920 |
| 585 | AIIMS KALYANI(2025) | AMIT ANSUMAN | Mob. : 8260552053 |
| 578 | AIIMS KALYANI(2025) | G.S. TANISHA | Mob. :6370203229 |
| 575 | AIIMS DEOGHAR(2025) | SOUMYA RANJAN | Mob. : 9853490176 |
| 574 | AIIMS BBSR (2025) | ASHUTOSH (SC) | Mob. : 9438110102 |

2025 : 127 MBBS ADMISSIONS
2024 : 71 MBBS ADMISSIONS
2023 : 54 MBBS ADMISSIONS

## OUR CHSE RESULTS -2026

| Above 98% | Above 95% | Above 560 | Above 90% | Above 89% | Above 88% |
|---|---|---|---|---|---|
| 13 STUDENTS | 95 STUDENTS | 163 STUDENTS | 315 STUDENTS | 367 STUDENTS | 412 STUDENTS |

| Above 85% | Above 80% | Above 75% | Above 70% | Above 60% |
|---|---|---|---|---|
| 558 STUDENTS | 774 STUDENTS | 948 STUDENTS | 1066 STUDENTS | 1144 STUDENTS |

## OUR CHSE RESULTS -2025

| Above 95% | Above 560 | Above 90% | Above 89% | Above 88% |
|---|---|---|---|---|
| 14 STUDENTS | 51 STUDENTS | 199 STUDENTS | 236 STUDENTS | 285 STUDENTS |

| Above 500 | Above 80% | Above 75% | Above 70% | Above 60% |
|---|---|---|---|---|
| 536 STUDENTS | 714 STUDENTS | 902 STUDENTS | 1023 STUDENTS | 1120 STUDENTS |

## OUR FACULTIES

DEPT. OF PHYSICS :
Mr. Maheswar Parida (MP Sir) : (43 Yrs. Experience)
Mr. Milan Kumar Samal (Milan Sir) : (35 Yrs. Experience)
Mr. Samal Sir : (30 Yrs. Experience)
Mr. Manas Mishra (MM Sir) : (28 Yrs. Experience)
Mr. Suman Ku. Sharma (SK Sir : (16 Yrs. Experience)
Mr. Sangram Sahoo (SS Sir) : (15 Yrs. Experience)
Mr. Rahul Singh (RS Sir) : (11 Yrs. Experience)

DEPT. OF BOTANY :
Mr. Amitav Behera (AB Sir) : (28 Yrs. Experience)
Mr. Manas Kumar (MK Sir) : (28 Yrs. Experience)

DEPT. OF CHEMISTRY :
Dr. Kailash Chandra Rout (KR Sir) : (40 Yrs. Experience)
Dr. Baikunthha Nath Dash (BN Sir): (39 Yrs. Experience)
Mr. Tridib Behera (CH Sir) : (26 Yrs. Experience)
Mr. Bhagirathi Mallick (BM Sir) : (40 Yrs. Experience)
Dr. Ashok Kumar Roul (AKR Sir) : (37 Yrs. Experience)
Mr. Keshab Chandra Nath(KN Sir) : (18 Yrs. Experience)
Dr. Ranjit Kumar Kesh (RK Sir) : (12 Yrs. Experience)
Mr. Padarbinda Mantri (PM Sir) : (11 Yrs. Experience)

DEPT. OF ZOOLOGY :
Dr. Kamalakanta Sahoo (KK Sir) : (40 Yrs. Experience)
Mr. Akshya Ku. Mohanty (AS Sir) : 40 Yrs. Experience)
Mrs. Manorama Sahu (MS Ma'am) : 12 Yrs. Experience)

- We give maximum emphasis on physics and chemistry
- We teach our students from the concept level to higher level.
- Maximum problem solving approach on each subject in the class room.
- Doubt clearing classes by expert faculties from 3p.m. to 9p.m.
- 100% monitoring on Self Study of students.
- Special scholarship for very very poor talented students.
- Special Scholarship for SC and ST students.
- Special discount for OAV & Navodaya Students

- ONE YEAR NEET COURSE STARTS ON 02ND JULY , 09TH JULY & 16TH JULY -2026
- The NEET Qualifying Test will be held on 28TH JUNE, 05TH JULY & 12TH JULY 2026
- The Exam will be conducted from 1:00 p.m. to 4:00 p.m. (Reporting Time : 12:00 noon)

Name of the Exam Centre :
TETRAHEDRON OLD CAMPUS,TANGI, CUTTACK,MOB. : 8093064525, 8093064500, 8093064522
TETRAHEDRON COACHING, ARUNODAYA NAGAR, CUTTACK, MOB. : 8093064572, 8093064508

Visit our Website : NEET : www.tetrahedroncoaching.com

## ଉଦ୍ଧବଙ୍କୁ ପୁଣି ଝଟ୍‌କା: ସିନ୍ଦେ ଶିବିରରେ ସାମିଲ ହେଲେ ସଚିନ ଅହିର

ମୁମ୍ବାଇ, ୩୦।୬(ଏଜେନ୍ସି): ମହାରାଷ୍ଟ୍ରରେ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି)କୁ ମଙ୍ଗଳବାର ପୁଣି ଏକ ବଡ଼ ଧକ୍କା ଲାଗିଛି। ଦଳର ବରିଷ୍ଠ ନେତା ତଥା ଆଦିତ୍ୟ ଠାକରେଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ଭାବେ ଜଣାଶୁଣା ବିଧାନ ପରିଷଦ ସଦସ୍ୟ (ଏମ୍‌ଏଲ୍‌ସି) ସଚିନ ଅହିର ଆଜି ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାରେ ସାମିଲ ହୋଇଛନ୍ତି। ଶାସକ ମହାୟୁତି ମେଣ୍ଟର ପ୍ରାର୍ଥୀ ଭାବେ ଏମ୍‌ଏଲ୍‌ସି ଉପାଧ୍ୟକ୍ଷ ପଦ ପାଇଁ ସେ ନିଜର ନାମାଙ୍କନ ପତ୍ର ମଧ୍ୟ ଦାଖଲ କରିଛନ୍ତି। ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଏବଂ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଓ ସୁନେତ୍ରା ପାୱାରଙ୍କ ଉପସ୍ଥିତିରେ ସେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ୨୦୨୨ରେ ଶିବସେନା ବିଭାଜନ ପରେ ମଧ୍ୟ ଅହିର ଉଦ୍ଧବ ଠାକରେଙ୍କ ସହିତ ରହିଥିଲେ। ତାଙ୍କର ଏହି ହଠାତ୍ ଦଳ ପରିବର୍ତ୍ତନ ସମସ୍ତଙ୍କୁ ଚକିତ କରିଛି। ଉଦ୍ଧବ ସେନାର ୯ ଜଣ ଲୋକସଭା ସାଂସଦଙ୍କ ମଧ୍ୟରୁ ୬ ଜଣ ଶିନ୍ଦେଙ୍କ ଦଳରେ ଯୋଗ ଦେବାର ମାତ୍ର କିଛି ଦିନ ପରେ ଏହି ଘଟଣା ଘଟିଛି। ସଚିନ ମୁମ୍ବାଇ ରାଜନୀତିର ଜଣେ ପ୍ରଭାବଶାଳୀ ନେତା ଭାବେ ପରିଚିତ। ସେ ପୂର୍ବରୁ ୱର୍ଲି ଆସନରୁ ବିଧାୟକ ରହିବା ସହ ଏନ୍‌ସିପିର ମୁମ୍ବଇ ୟୁନିଟ୍ ସଭାପତି ଭାବେ କାର୍ଯ୍ୟ କରିଛନ୍ତି। ୨୦୧୯ ବିଧାନସଭା ନିର୍ବାଚନ ପୂର୍ବରୁ ସେ ଅବିଭକ୍ତ ଶିବସେନାରେ ଯୋଗ ଦେଇଥିଲେ। ମୁମ୍ବାଇର ମିଲ୍ ଶ୍ରମିକମାନଙ୍କ ମଧ୍ୟରେ ଜଣେ ପ୍ରମୁଖ ନେତା ଭାବେ ତାଙ୍କର ବେଶ୍ ଜନପ୍ରିୟତା ରହିଛି। ୨୦୧୯ ଏବଂ ୨୦୨୪ ବିଧାନସଭା ନିର୍ବାଚନରେ ଆଦିତ୍ୟ ଠାକରେଙ୍କ ବିଜୟ ସୁନିଶ୍ଚିତ କରିବାରେ ସଚିନ୍‌ଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଉଦ୍ଧବ ଶିବିରର ବିଧାୟକ ସୁନୀଲ ରାଉତ ଏହି ଘଟଣାକୁ ହାଲୁକା ଭାବେ ଗ୍ରହଣ କରିଛନ୍ତି। ସେ କହିଛନ୍ତି ଯେ, ଦଳ ପୂର୍ବରୁ ଅନେକ ଶକ୍ତ ଧକ୍କା ସହିଛି। ଏଥିରେ ଦଳ ଶେଷ ହୋଇଯିବ ନାହିଁ।

## ପାକିସ୍ତାନରେ ଭାଙ୍ଗିଲା ୧୨୫ ବର୍ଷର ଐତିହାସିକ ଶିଖ୍ ଗୁରୁଦ୍ୱାରା

ଫାରୁକାବାଦ, ୩୦।୬(ଏଜେନ୍ସି): ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଏକ ୧୨୫ ବର୍ଷର ପୁରାତନ ଐତିହାସିକ ଶିଖ୍ ଗୁରୁଦ୍ୱାରକୁ ଆଂଶିକ ଭାବେ ଭାଙ୍ଗି ଦିଆଯିବା ଘଟଣାକୁ ନେଇ ଶିଖ୍ ସମ୍ପ୍ରଦାୟ ମଧ୍ୟରେ ତୀବ୍ର ଅସନ୍ତୋଷ ଏବଂ ଉତ୍ତେଜନା ପ୍ରକାଶ ପାଇଛି। ଫାରୁକାବାଦ ସ୍ଥିତ ଗୁରୁଦ୍ୱାର ଶ୍ରୀ ସିଂ ସଭାରେ ଗତ ଜୁନ୍ ୨୬ରେ ଏହି ଘଟଣା ଘଟିଥିଲା। ସ୍ଥାନୀୟ ପ୍ରଶାସନର କିଛି ଅଧିକାରୀଙ୍କ ସହାୟତାରେ ଭୂ-ମାଫିଆମାନେ ଏହି ସଂରକ୍ଷିତ ଐତିହ୍ୟ ସ୍ଥଳକୁ ଜବରଦଖଲ କରିବା ଉଦ୍ଦେଶ୍ୟରେ ଏହାର ମୁଖ୍ୟ ଗମ୍ବୁଜ ସମେତ କିଛି ଅଂଶ ଭାଙ୍ଗି ଦେଇଛନ୍ତି। ଶିଖ୍ କର୍ମକର୍ତ୍ତା ଏବଂ ସ୍ଥାନୀୟ ବାସିନ୍ଦାଙ୍କ ବିରୋଧ ପରେ ସ୍ଥାନୀୟ ପ୍ରଶାସନ ଏହି ସ୍ଥଳକୁ ସିଲ୍ କରିଛି ଏବଂ ସମସ୍ତ ନିର୍ମାଣ ତଥା ଭଙ୍ଗାରୁଜା କାର୍ଯ୍ୟକୁ ସ୍ଥଗିତ ରଖିଛି। ପ୍ରଶାସନ ଏହି ଘଟଣାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଚାର କରୁଛି। ଗୁରୁଦ୍ୱାର ଶ୍ରୀ ସିଂ ସଭା ଏକ ସଂରକ୍ଷିତ ଐତିହ୍ୟ ସ୍ଥଳ ଭାବେ ସ୍ୱୀକୃତିପ୍ରାପ୍ତ। ୧୯୬୦ରେ ପାକିସ୍ତାନ ସରକାର ଏହି ସ୍ଥାନକୁ ଭାରତରୁ ଆସିଥିବା ଶରଣାର୍ଥୀଙ୍କୁ ରହିବା ପାଇଁ ଆବଣ୍ଟନ କରିଥିଲେ। ସର୍ତ୍ତ ଥିଲା ଯେ ମୂଳ ସଂରଚନାରେ କୌଣସି ପରିବର୍ତ୍ତନ କରାଯାଇପାରିବ ନାହିଁ। ବର୍ତ୍ତମାନର ଭଙ୍ଗାରୁଜା ଏହି ନିୟମର ସ୍ପଷ୍ଟ ଉଲ୍ଲଂଘନ ବୋଲି ସଂରକ୍ଷଣ ବିଶେଷଜ୍ଞମାନେ କହିଛନ୍ତି। ଶିଖ୍ ସଂଗଠନଗୁଡ଼ିକ ଏଭାକ୍ୟୁଇ ଟ୍ରଷ୍ଟ ପ୍ରପର୍ଟି ବୋର୍ଡ ଏବଂ ପାକିସ୍ତାନ ଶିଖ୍ ଗୁରୁଦ୍ୱାର ପ୍ରବନ୍ଧକ କମିଟି ଉପରେ ଅବହେଳାର ଅଭିଯୋଗ ଆଣିଛନ୍ତି।

## ରାମ ମନ୍ଦିର ଦାନ ଚୋରି ମାମଲା: ୧୫ ହଜାର ଦରମାରେ ୨୫ ଲକ୍ଷ ଟଙ୍କାର ଜମି

ଅଯୋଧ୍ୟା, ୩୦।୬(ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ଚୋରି ମାମଲା ଦେଶରେ ହଇଚଇ ସୃଷ୍ଟି କରିଛି। ଶ୍ରଦ୍ଧାଳୁଙ୍କ ଦାନ ଅର୍ଥରେ ଦୁର୍ନୀତି ଭକ୍ତଙ୍କ ମନରେ ଆଘାତ ଦେବା ସହ ଆକ୍ରୋଶ ସୃଷ୍ଟି କରିଛି। ଏହି ଦୁର୍ନୀତିର ତଦନ୍ତ ଚାଲିଥିବା ବେଳେ ଧିରେ ଧିରେ ଅନେକ ଗୁମର ଖୋଲିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ମନ୍ଦିରରେ ଟଙ୍କା ଗଣିବା କାର୍ଯ୍ୟରେ ନିୟୋଜିତ ଥିବା ସାମାନ୍ୟ କର୍ମଚାରୀଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ମାତ୍ର ୧୨, ୦୦୦ ରୁ ୧୫, ୦୦୦ ଟଙ୍କା ମାସିକ ଦରମା ପାଉଥିବା କର୍ମଚାରୀମାନେ କିପରି କୋଟି କୋଟି ଟଙ୍କାର ସମ୍ପତ୍ତି ଠୁଳ କଲେ, ତାହା ଏବେ ତଦନ୍ତକାରୀ ସଂସ୍ଥା ପାଇଁ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୁଖ୍ୟ ଅଭିଯୁକ୍ତ ଲବକୁଶ ମିଶ୍ର (୨୭) ମନ୍ଦିରର ନଗଦ ଟଙ୍କା ଗଣିବା ଦଳର ଏକ ସାଧାରଣ ସଦସ୍ୟ ଥିଲେ। ମାତ୍ର ତାଙ୍କର ଅଯୋଧ୍ୟା-ଲକ୍ଷ୍ନୌ ହାଇୱେ ନିକଟରେ ପ୍ରାୟ ୨୫ ଲକ୍ଷ ଟଙ୍କା ମୂଲ୍ୟର ଏକ ଦୁଇ ମହଲା ବିଶିଷ୍ଟ ଅଟ୍ଟାଳିକା ନିର୍ମାଣ ହେଉଥିବା ଜଣାପଡ଼ିଛି। ମନ୍ଦିର ଟ୍ରଷ୍ଟରେ ଯୋଗ ଦେବାର ମାତ୍ର ଏକ ବର୍ଷ ମଧ୍ୟରେ ସେ ନିଜ ପତ୍ନୀଙ୍କ ନାମରେ ୮.୮ ଲକ୍ଷ ଟଙ୍କାର ଜମି କିଣିବା ସହ ଏହି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ପୁଲିସ ଚଢ଼ଉ ସମୟରେ ଲବକୁଶଙ୍କ ପୈତୃକ ଗ୍ରାମ ମିଲ୍କିପୁରରେ ଥିବା ଘରୁ ଗୋବର ଗଦା ତଳୁ ୧୨ ଲକ୍ଷ ଟଙ୍କା ନଗଦ ଜବତ କରାଯାଇଛି। ଅନ୍ୟତମ ଅଭିଯୁକ୍ତ ୨୦ ବର୍ଷୀୟ ଅନୁକଳ୍ପ ମିଶ୍ରଙ୍କ କ୍ଷେତ୍ରରେ ମଧ୍ୟ ସମାନ ଘଟଣା ଦେଖିବାକୁ ମିଳିଛି। ସେ ନିଜ ଗାଁ ବାହାରେ ପ୍ରାୟ ୬୫ ଲକ୍ଷ ଟଙ୍କା ମୂଲ୍ୟର ଏକ ଫାର୍ମହାଉସ୍ ନିର୍ମାଣ କରିଛନ୍ତି। ଏହା ବ୍ୟତୀତ ତାଙ୍କ ପାଖରେ ୧ ଲକ୍ଷ ଟଙ୍କାର ବାଇକ୍ ଥିବା ବେଳେ ନିକଟରେ ସେ ଏକ ମହିନ୍ଦ୍ରା ସ୍କର୍ପିଓ ଗାଡ଼ି ବୁକିଂ କରିଥିବା ମଧ୍ୟ ତଦନ୍ତରୁ ଜଣାପଡ଼ିଛି। ଉଭୟ ଲବକୁଶ ଏବଂ ଅନୁକଳ୍ପଙ୍କ ପରିବାର ବେଶ୍ କଷ୍ଟେମଷ୍ଟେ ଚଳୁଥିବା ସେମାନଙ୍କ ଚିହ୍ନା ଲୋକମାନେ କହିଛନ୍ତି। ଏପରିକି ଲବକୁଶଙ୍କ ପଡ଼ୋଶୀ କହିଛନ୍ତି ଯେ, 'ସେମାନଙ୍କ ଜୀବନଶୈଳୀରୁ, ଏହା କେବେ ଜଣାପଡ଼ିନଥିଲା ଯେ ସେମାନଙ୍କର ଏତେ ଟଙ୍କା ଅଛି'। ତେବେ ଉଭୟ ଗତ ଏକ ବର୍ଷ ମଧ୍ୟରେ ଅସ୍ୱାଭାବିକ ଭାବେ ସମ୍ପତ୍ତି ଠୁଳ କରିଛନ୍ତି।

## ପେଟ୍ରୋକେମିକାଲ୍ସ ପ୍ଲାଣ୍ଟ ଅଗ୍ନିକାଣ୍ଡରେ ଜଣେ ମୃତ, ୩୫ ଆହତ

ହଳଦିଆ, ୩୦।୬(ଏଜେନ୍ସି): ପଶ୍ଚିମବଙ୍ଗର ପୂର୍ବ ମେଦିନୀ ପୁରରେ ହଳଦିଆ ପେଟ୍ରୋକେମିକାଲ୍ସ ପ୍ଲାଣ୍ଟରେ ମଙ୍ଗଳବାର ଭୋରରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଫଳରେ ଅତିକମରେ ୩୫ ଜଣ ଶ୍ରମିକ ଓ ସ୍ଥାନୀୟ ବାସିନ୍ଦା ଆହତ ହୋଇଛନ୍ତି। ନାଫଥା ପାଇପଲାଇନ ଫାଟିଯିବା କାରଣରୁ ଏହି ଦୁର୍ଘଟଣା ଘଟିଥିବା ବେଳେ ଏହା ସମଗ୍ର ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଭୋର ପ୍ରାୟ ୪.୩୦ରେ ବଜ୍ରପାତ ହୋଇଥିଲା। ପରେ ନାଫଥା ପାଇପଲାଇନରେ ଲିକେଜ୍ ହୋଇ ଅଗ୍ନିକାଣ୍ଡ ଘଟିଥିବା ଦେଖିବାକୁ ମିଳିଥିଲା। କିଛି ସମୟ ମଧ୍ୟରେ ଏକ ପ୍ରଚଣ୍ଡ ବିସ୍ଫୋରଣ ଶବ୍ଦ ଶୁଣାଯିବା ସହ ପୁରା ପ୍ଲାଣ୍ଟ ପରିସରକୁ ନିଆଁ ବ୍ୟାପିଯାଇଥିଲା। ଦୁର୍ଘଟଣା ସମୟରେ ଅନେକ ଲୋକ କାମକୁ ଯିବା ପାଇଁ ବାହାରକୁ ଆସିଥିବା ବେଳେ ସେମାନେ ନିଆଁର କବଳରେ ପଡ଼ିଯାଇଥିଲେ। ଏହି ଦୁର୍ଘଟଣାରେ ମନୁ ବିବି ନାମକ ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପ୍ରାୟ ୩୫ ଜଣ ବ୍ୟକ୍ତି ପୋଡ଼ି ହୋଇ ଆହତ ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ହଳଦିଆ ସବ୍-ଡିଭିଜନାଲ୍ ହସ୍ପିଟାଲକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବା ୫ ଜଣ ଗୁରୁତରଙ୍କୁ 'ଗ୍ରୀନ୍ କରିଡର' ମାଧ୍ୟମରେ କୋଲକାତାର ଏସ୍‌ଏସ୍‌କେଏମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅଗ୍ନିକାଣ୍ଡ ଓ ପାଇପଲାଇନ ବିସ୍ଫୋରଣ ଯୋଗୁଁ ହଳଦିଆ ଏବଂ ଦୁର୍ଗାଚକ ମଧ୍ୟରେ ଟ୍ରେନ୍ ସେବା ବନ୍ଦ ରହିଛି। ହଳଦିଆ-ହାୱଡା ଲୋକାଲ ବାତିଲ କରାଯାଇଛି।

## ୨୨୦ ଫୁଟ୍ ବୋରୱେଲ୍‌ରେ ଖସିପଡ଼ିଲା ୪ ବର୍ଷର ଶିଶୁ

ଅମ୍ବାଲା, ୩୦।୬(ଏଜେନ୍ସି): ହରିୟାଣାର ଅମ୍ବାଲା ଜିଲ୍ଲା ଅନ୍ତର୍ଗତ ଧନୌରା ଗ୍ରାମରେ ମଙ୍ଗଳବାର ଏକ ୪ ବର୍ଷର ଶିଶୁ ୨୨୦ ଫୁଟ୍ ଗଭୀର ଏକ ଖୋଲା ବୋରୱେଲ୍ ମଧ୍ୟକୁ ଖସି ପଡ଼ିଛି। ଏହାପରେ ସେଠାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଶିଶୁଟିର ନାମ ନିର୍ଭୟ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୬.୩୦ରେ ନିର୍ଭୟ ତାଙ୍କ ପିତା ମନଜିତ୍‌ଙ୍କ ସହିତ ସେମାନଙ୍କ ଚାଷ ଜମିକୁ ଯାଇଥିଲେ। ସେଠାରେ ନିର୍ଭୟଙ୍କ ଜେଜେବାପା କର୍ଣ୍ଣେଲ ସିଂହ କାମ କରୁଥିଲେ। ପିତା ଓ ଜେଜେବାପା କାମରେ ବ୍ୟସ୍ତ ଥିବା ସମୟରେ ନିର୍ଭୟ ପାଖରେ ଖେଳୁଥିଲେ। ଖେଳୁ ଖେଳୁ ସେ ସେଠାରେ ଥିବା ଏକ ଖୋଲା ବୋରୱେଲ୍ ନିକଟକୁ ଚାଲିଯାଇଥିଲେ ଏବଂ ସେଥିରେ ମାଟି ପକାଇବାକୁ ଚେଷ୍ଟା କରିଥିଲେ। ବୋରୱେଲ୍ ଚାରିପାଖର ମାଟି ଓଦା ଏବଂ ପିଚ୍ଛିଳ ଥିବାରୁ ନିର୍ଭୟ ଭାରସାମ୍ୟ ହରାଇ ଉକ୍ତ ୯ ଇଞ୍ଚ ଚଉଡ଼ାର ସଂକୀର୍ଣ୍ଣ ଗାତ ଭିତରକୁ ଖସି ପଡ଼ିଥିଲେ। ଶିଶୁଟି ଗାତରେ ପଡ଼ିବା ପରେ ପରିବାର ଲୋକେ ଏବଂ ଗ୍ରାମବାସୀ ଉଦ୍ଧାର ପାଇଁ ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ପରବର୍ତ୍ତୀ ସମୟରେ ପ୍ରଶାସନକୁ ଖବର ଦିଆଯିବା ପରେ ସକାଳ ପ୍ରାୟ ୭.୩୦ ସୁଦ୍ଧା ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ବର୍ତ୍ତମାନ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ ଏବଂ ଭାରତୀୟ ସେନା ପକ୍ଷରୁ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଡେପୁଟି କମିଶନର ଅଜୟ ସିଂହ ତୋମାର ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ବୋରୱେଲ୍ ମାତ୍ର ୯ ଇଞ୍ଚ ଚଉଡ଼ା ହୋଇଥିବାରୁ ଉଦ୍ଧାର କାର୍ଯ୍ୟ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ହୋଇଛି। ଏହି ଘଟଣା ପୁଣି ଥରେ ଖୋଲା ବୋରୱେଲ୍‌ର ବିପଦକୁ ସାମ୍ନାକୁ ଆଣିଛି।



## ସ୍କୁଲ ବସ୍ ଉପରେ ଗଛ ପଡ଼ି ୧୧ ବର୍ଷୀୟ ଛାତ୍ର ମୃତ

ମୁମ୍ବାଇ, ୩୦।୬(ଏଜେନ୍ସି): ମୁମ୍ବାଇର ଚେମ୍ବୁର ଅଞ୍ଚଳରେ ମଙ୍ଗଳବାର ଏକ ସ୍କୁଲ ବସ୍ ଉପରେ ଏକ ବିରାଟ ଗଛ ଉପୁଡ଼ି ପଡ଼ିବା ଫଳରେ ଜଣେ ୧୧ ବର୍ଷୀୟ ଛାତ୍ରଙ୍କର ମୃତ୍ୟୁ ହୋଇଛି। ଏହାସହ ଅନ୍ୟ ୫ ଜଣ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ, ଅପରାହ୍ଣ ପ୍ରାୟ ୨.୫୦ରେ ପ୍ରାୟ ୧୮ ଜଣ ପିଲାଙ୍କୁ ନେଇ ତିଲକ ନଗର ସ୍ଥିତ ୟୁନିଭର୍ସାଲ ସ୍କୁଲ ବସ୍‌ଟି ଯାତ୍ରା କରୁଥିଲା। ଏହି ସମୟରେ ହଠାତ୍ ଗଛଟି ବସ୍ ଉପରେ ପଡ଼ିଯିବା ଫଳରେ ବସ୍‌ର ଏକ ଅଂଶ ସମ୍ପୂର୍ଣ୍ଣ ଭାବେ ଚାପି ହୋଇଯାଇଥିଲା। ଫଳରେ ଛାତ୍ରଛାତ୍ରୀ ମଧ୍ୟ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକ ଏବଂ ବସ୍ କଣ୍ଡକ୍ଟରଙ୍କ ସହାୟତାରେ ପିଲାମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇଥିଲା। ମୃତ ଛାତ୍ରଙ୍କ ନାମ ବିହାନ ଶ୍ରୀବାସ୍ତବ ବୋଲି ଜଣାପଡ଼ିଛି। ତାଙ୍କୁ ଡାକ୍ତରଖାନା ଆଣିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିବା ଡାକ୍ତର କହିଛନ୍ତି। ଆହତ ଅନ୍ୟ ୫ ଜଣ ଆହତ ଛାତ୍ରଙ୍କୁ ଚେମ୍ବୁରର ଜେନ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ସ୍ଥିର ଥିବାବେଳେ ଜଣେ ଛାତ୍ରଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି ଏବଂ ତାଙ୍କର ଚିକିତ୍ସା ଜାରି ରହିଛି। ଘଟଣାସ୍ଥଳରେ ମୁମ୍ବାଇ ପୁଲିସ ଏବଂ ବିଏମସିର ଉଦ୍ଧାରକାରୀ ଦଳ ପହଞ୍ଚିଥିଲେ। ଗଛଟିକୁ ବସ୍ ଉପରୁ ହଟାଇବା ପାଇଁ ଏକ କ୍ରେନ୍ ସହାୟତା ନିଆଯାଇଥିଲା। ଗଛଟି କେଉଁ କାରଣରୁ ଉପୁଡ଼ିଲା, ସେ ନେଇ ଅଧିକାରୀମାନେ ଅଧିକ ତଦନ୍ତ ଚଳାଇଛନ୍ତି। ଏହି ଦୁଃଖଦ ଘଟଣା ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି।


## ରାମ ମନ୍ଦିର ଚାନ୍ଦା ଚୋରି
# ଚମ୍ପତ ରାୟଙ୍କ ଅଡୁଆ ବଢ଼ିଲା

- ଦୀର୍ଘ ସମୟ ଧରି ଜେରା କଲା ପୁଲିସ
- ଚମ୍ପତଠାରୁ ଦୂରେଇଲା ବିଶ୍ୱ ହିନ୍ଦୁ ପରିଷଦ

ଅଯୋଧ୍ୟା, ୩୦।୬(ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରକୁ ମିଳିଥିବା ଦାନ ଅର୍ଥର ବ୍ୟାପକ ଚୋରି ଏବଂ ହେରଫେର ଅଭିଯୋଗକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟଙ୍କଠାରୁ ନିଜକୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ରଖିଛି। ଟ୍ରଷ୍ଟରେ ଆର୍ଥିକ ଅନିୟମିତତା ଏବଂ କର୍ମକର୍ତ୍ତାଙ୍କ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ପରେ ଚମ୍ପତ ରାୟ ନୈତିକତା ଦୃଷ୍ଟିରୁ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ସେହିଭଳି ବିଶେଷ ତଦନ୍ତକାରୀ ଦଳ (ଏସ୍‌ଆଇଟି)ର ପ୍ରାଥମିକ ତଦନ୍ତ ରିପୋର୍ଟ ପରେ ବଢୁଥିବା ଚାପ ଯୋଗୁଁ ଟ୍ରଷ୍ଟି ଅନିଲ ମିଶ୍ର ମଧ୍ୟ ଇସ୍ତଫା ପ୍ରଦାନ କରିଛନ୍ତି। ଚାନ୍ଦା ଘୋଟାଲାକୁ ନେ ସନ୍ଦେହ ଘେରରେ ଥିବା ଚମ୍ପତ ରାୟଙ୍କୁ ଇତିମଧ୍ୟରେ ପୁଲିସ ଦୀର୍ଘ ସମୟ ଧରି ପଚରାଉଚରା କରିଥିବା ଜଣାପଡ଼ିଛି।

ଏକ ସାକ୍ଷାତକାରରେ ଭିଏଚ୍‌ପିର ଅନ୍ତର୍ଜାତୀୟ ସଭାପତି ଆଲୋକ କୁମାର ସ୍ପଷ୍ଟ କହିଛନ୍ତି ଯେ, 'ଆମର ଭୂମିକା ଶେଷ ହୋଇଛି। ଦେଶର କୌଣସି ସ୍ଥାନରେ ମନ୍ଦିର ନିର୍ମାଣ ବା ପରିଚାଳନା କରିବା ଭିଏଚ୍‌ପିର କାମ ନୁହେଁ। ଟ୍ରଷ୍ଟରେ ଯାହା ଘଟୁଛି, ସେଥିପାଇଁ ଟ୍ରଷ୍ଟ ହିଁ ଦାୟୀ ରହିବ।' ଚମ୍ପତ ରାୟ ଟ୍ରଷ୍ଟର ସାଧାରଣ ସମ୍ପାଦକ ଭାବେ ନେଇଥିବା ନିଷ୍ପତ୍ତି ପାଇଁ ଭିଏଚ୍‌ପି ଦାୟୀ ରହିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅଯୋଧ୍ୟାରେ ଯାହା ଘଟିଛି ତାହା ଅତ୍ୟନ୍ତ ଲଜ୍ଜାଜନକ ଏବଂ ଏହାଦ୍ୱାରା ସାରା ବିଶ୍ୱର ହିନ୍ଦୁ, ଦାନ ଦେଇଥିବା ଶ୍ରଦ୍ଧାଳୁ ଏବଂ କରସେବକଙ୍କ ପରିବାର ଗଭୀର ଭାବେ ମାନସିକ ଆଘାତ ପ୍ରାପ୍ତ ହୋଇଛନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଏହି ଦାନ ହେରଫେର ମାମଲାରେ ବର୍ତ୍ତମାନ ସୁଦ୍ଧା ଅବିନାଶ ଶୁକ୍ଳା, ଅନୁକଳ୍ପ ମିଶ୍ର ଏବଂ ଲବକୁଶ ମିଶ୍ରଙ୍କ ସମେତ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇଟି ବର୍ତ୍ତମାନ ବ୍ୟାପକ ତଦନ୍ତ ଜାରି ରଖିଛି। ଟ୍ରଷ୍ଟ ଏବଂ ଅଭିଯୁକ୍ତଙ୍କ ସହ ଜଡ଼ିତ ଗତ ୫ ବର୍ଷର ବ୍ୟାଙ୍କ ରେକର୍ଡ ଯାଞ୍ଚ କରାଯାଉଛି। ଜମା ରାଶି, କାରବାରର ଇତିହାସ ଏବଂ ନଗଦ ଅର୍ଥର ଗତିବିଧିକୁ ଅନୁଧ୍ୟାନ କରାଯାଉଛି। ସିସିଟିଭି ଫୁଟେଜ୍ ଏବଂ ଆଭ୍ୟନ୍ତରୀଣ ରେକର୍ଡକୁ ଯାଞ୍ଚ କରି ଦାନ କରାଯାଇଥିବା ଅର୍ଥ ସହ ସରକାରୀ ରେକର୍ଡ ମେଳ କରାଯାଉଛି। ଆଲୋକ କୁମାର ଦାବି କରିଛନ୍ତି ଯେ, ଏହି ତଦନ୍ତ କେବଳ ଗିରଫ ହୋଇଥିବା ୮ ଜଣଙ୍କ ମଧ୍ୟରେ ସୀମିତ ନରହି ଚମ୍ପତ ରାୟ ଏବଂ ଅନ୍ୟ ବରିଷ୍ଠ କର୍ମକର୍ତ୍ତାଙ୍କ ବିରୋଧରେ ମଧ୍ୟ ହେବା ଉଚିତ।



## ଏସ୍‌ଆଇଆର୍ ପ୍ରସଙ୍ଗରେ ପ୍ରଧାନ ବିଚାରପତିଙ୍କୁ ଚିଠି ଲେଖିଲେ ୨୩ଟି ଦଳ

ନୂଆଦିଲ୍ଲୀ, ୩୦।୬: ବିବାଦୀୟ ସ୍ୱତନ୍ତ୍ର ।।ଭୋଟର ତାଲିକା ସଂଶୋଧନ ବା ଏସଆଇଆର ପ୍ରସଙ୍ଗରେ ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ଚିଠି ଲେଖଇଛନ୍ତି ୨୩ଟି ବିରୋଧୀ ଦଳ। ଏସଆଇଆର ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ ନାହିଁ ବୋଲି ସେମାନେ ଅଭିଯୋଗ କରିବା ସହିତ କୋର୍ଟଙ୍କ ହସ୍ତକ୍ଷେପ ଦାବି କରିଥିବା ଜଣାପଡ଼ିଛି।

କଂଗ୍ରେସ ମୁଖପାତ୍ର ଜୟରାମ ରମେଶ ଆଜି ଏହି ସୂଚନା ଦେଇ କହିଛନ୍ତି ଯେ ଡିଏମକେ ଏବଂ ଆପ୍ ସହିତ ଇଣ୍ଡିଆ ମେଣ୍ଟର ୨୧ଟି ଦଳ ତରଫରୁ ଏହି ଚିଠି ଲେଖାଯାଇଛି। ଗତ ଜୁନ ୮ ତାରିଖରେ ଇଣ୍ଡିଆ ମେଣ୍ଟ ବୈଠକରେ ଏସଂପର୍କରେ ନିଷ୍ପତ୍ତି ହୋଇଥିଲା। ସେହି ବୈଠକରେ ଡିଏମକେ ଏବଂ ଆପ୍ ଯୋଗ ଦେଇନଥିଲେ ମଧ୍ୟ ସେମାନେ ଏହି ପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ଦୁଇ ଦଳ ଇଣ୍ଡିଆ ମେଣ୍ଟର ଅଂଶୀଦାର ନୁହନ୍ତି। ତାମିଲନାଡୁରେ ବିଜୟଙ୍କ ଟିଭିକେ ଦଳ ସହ କଂଗ୍ରେସ ହାତ ମିଳାଇବାରୁ ଏଥିରେ ବିରକ୍ତି ପ୍ରକାଶ କରି ଇଣ୍ଡିଆ ମେଣ୍ଟରୁ ବାହାରି ଯାଇଥିଲା ଷ୍ଟାଲିନଙ୍କ ଡିଏମକେ। ତେବେ ଏସଆଇଆର ପ୍ରସଙ୍ଗରେ ସେମାନେ ଅନ୍ୟ ଦଳ ସହିତ ଏକମତ ବୋଲି ସ୍ପଷ୍ଟ କରିଛନ୍ତି। ୨୩ଟି ରାଜନୈତିକ ଦଳ ସହିତ ସ୍ୱାଧୀନ ସାଂସଦ ତଥା ବିଶିଷ୍ଟ ଆଇନଜୀବୀ କପିଲ ଶିବଲ ମଧ୍ୟ ଏହି ପତ୍ରରେ ସ୍ୱାକ୍ଷର କରିଛନ୍ତି।

ପତ୍ରରେ କଣ ଲେଖାଯାଇଛି, ତାହାର ବିସ୍ତୃତ ବିବରଣୀ ହସ୍ତଗତ ହୋଇନାହିଁ। ତେବେ ଏସଆଇଆର ପ୍ରକ୍ରିୟାରେ ଚାଲିଥିବା ଅନିୟମିତତା ନେଇ ସେମାନେ ପ୍ରଧାନ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଏଥିରେ ସୁପ୍ରିମ କୋର୍ଟ ହସ୍ତକ୍ଷେପ କରିବାକୁ ସେମାନେ ଦାବି କରିଛନ୍ତି। ଏସଆଇଆର ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ ନାହିଁ ଏବଂ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଏଥିରେ ଟାର୍ଗେଟ କରାଯାଉଥିବା ପତ୍ରରେ ଉଲ୍ଲେଖ ଥିବା ଜଣାପଡ଼ିଛି। ଗତବର୍ଷ ବିହାରରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ୧୩ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସଂପନ୍ନ ହୋଇଛି। ଏଥିରେ ୫ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଛି। ଗତ ଏପ୍ରିଲରେ ପଶ୍ଚିମ ବଙ୍ଗରେ ହୋଇଥିବା ବିଧାନସଭା ନିର୍ବାଚନରେ ୨୭ ଲକ୍ଷ ଭୋଟରଙ୍କୁ ମତଦାନରୁ ବଞ୍ଚିତ କରାଯାଇଥିଲା। ସେମାନଙ୍କର ଅପିଲ ଏବେ ବି ବିଭିନ୍ନ ଟ୍ରିବୁନାଲର ବିଚାରାଧୀନ ରହିଛି। ବିଚାର ପ୍ରକ୍ରିୟାକୁ ଜାଣିଶୁଣି ମନ୍ଥର କରାଯାଉଥିବା ଅଭିଯୋଗ ହୋଇଛି।

## ଆମ ପାଣି ବନ୍ଦ କଲେ ହାତ କାଟି ଦେବୁ: ପାକ୍ ଧମକ

ଇସଲାମାବାଦ, ୩୦।୬(ଏଜେନ୍ସି): ସିନ୍ଧୁ ଜଳ ବଣ୍ଟନକୁ ନେଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ ବିବାଦ ଲାଗି ରହିଛି। ଏନେଇ ପାକିସ୍ତାନ ଭାରତକୁ ବାରମ୍ବାର ଧମକ ଦେଇଆସିଛି। ଏହି ପରିପ୍ରେକ୍ଷୀରେ ଆଜି ପୁଣି ପାକିସ୍ତାନର ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ମୁସାଦିକ ମଲିକ ଭାରତକୁ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ, ସିନ୍ଧୁ ଜଳ ଚୁକ୍ତି ଅନୁଯାୟୀ ପାକିସ୍ତାନର ଜଳ ଯୋଗାଣକୁ ରୋକିଲେ, ଇସଲାମାବାଦ ସେମାନଙ୍କ 'ହାତ କାଟି ଦେବ'। ସୂଚନା ମନ୍ତ୍ରୀ ଅତାଉଲ୍ଲା ତାରାରଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ମଲିକ ଅଭିଯୋଗ କରିଛନ୍ତି ଯେ ଭାରତ ପାକିସ୍ତାନର ଜଳ ଯୋଗାଣକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛି। ସେ କହିଛନ୍ତି, 'ପଡ଼ୋଶୀ ଦେଶର ପ୍ରଧାନମନ୍ତ୍ରୀ ଏକ ଟ୍ୟାପ୍ (କଳ)ର ନିୟନ୍ତ୍ରଣ ନିଜ ହାତରେ ରଖି ପାକିସ୍ତାନକୁ ବୁନ୍ଦାଏ ଜଳ ମଧ୍ୟ ଛାଡିବେ ନାହିଁ କହୁଛନ୍ତି' ।ମଲିକ ଦୋହରାଇଛନ୍ତି ଯେ ପାକିସ୍ତାନ ନିଜର ଜଳ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ପ୍ରତିବଦ୍ଧ ଏବଂ ଭାରତକୁ ଜଳ ପ୍ରବାହରେ ବାଧା ସୃଷ୍ଟି କରିବାକୁ ଅନୁମତି ଦିଆଯିବ ନାହିଁ। ୨୦୨୫ରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିଛି। ଭାରତର ଯୁକ୍ତି ହେଉଛି ଯେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ଜାରି ରହିଥିବା ବେଳେ ଏହି ଚୁକ୍ତିକୁ କାର୍ଯ୍ୟକାରୀ କରିବା ସମ୍ଭବ ନୁହେଁ। ଅନ୍ୟପଟେ, ପାକିସ୍ତାନର ସୂଚନା ମନ୍ତ୍ରୀ ତାରାର ଦାବି କରିଛନ୍ତି।

## ସିୟାଙ୍କୁ ନେଇ ସନ୍ଦେହରେ ଥିଲେ କେତନ ଅଗ୍ରୱାଲ

ପୁଣେ, ୩୦।୬(ଏଜେନ୍ସି): ମହାରାଷ୍ଟ୍ରର ଲୋହଗଡ଼ ଦୁର୍ଗରେ ପୁଣେ ବ୍ୟବସାୟୀ କେତନ ଅଗ୍ରୱାଲଙ୍କ ହତ୍ୟା ମାମଲାରେ ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, କେତନଙ୍କୁ ନିଜ ଭାବି ପତ୍ନୀ ସିୟା ଗୋୟଲଙ୍କ ଚରିତ୍ର ଉପରେ ସନ୍ଦେହ ଥିଲା ଏବଂ ସେ ସିୟାଙ୍କର ଅନ୍ୟ କାହା ସହ ପ୍ରେମ ସମ୍ପର୍କ ଥିବା ନେଇ ନିଜ ପରିବାର ସହିତ ଆଲୋଚନା ମଧ୍ୟ କରିଥିଲେ। ପୁଲିସର ସୂଚନା ଅନୁଯାୟୀ, କେତନ ଏବଂ ସିୟାଙ୍କ ମଧ୍ୟରେ ଚଳିତ ବର୍ଷ ଫେବୃଆରୀରେ ନିର୍ବନ୍ଧ ସମ୍ପନ୍ନ ହୋଇଥିଲା ଏବଂ ଆସନ୍ତା ନଭେମ୍ବରରେ ସେମାନଙ୍କର ବିବାହ ସ୍ଥିର ହୋଇଥିଲା। ତେବେ କେତନ ନିଜ ପରିବାର ସଦସ୍ୟଙ୍କୁ ସିୟାଙ୍କର ଚେତନ ଚୌଧୁରୀ ନାମକ ଜଣେ ଯୁବକଙ୍କ ସହ ନିବିଡ଼ ସମ୍ପର୍କ ରହିଛି ବୋଲି ଅବଗତ କରିଥିଲେ। ଏପରିକି କେତନ ବିବାହ ସ୍ଥିର କରିବା ପୂର୍ବରୁ ସିୟାଙ୍କର ପୃଷ୍ଠଭୂମି ଯାଞ୍ଚ କରାଯାଇଛି କି ନାହିଁ ବୋଲି ବାରମ୍ବାର ପରିବାରକୁ ପ୍ରଶ୍ନ କରିଥିଲେ। ସିୟା ଫୋନ୍‌ରେ ସବୁବେଳେ ବ୍ୟସ୍ତ ରହୁଥିବା ଏବଂ କଥାବାର୍ତ୍ତା ବେଳେ ପ୍ରାୟତଃ ଚେତନଙ୍କ ନାମ ନେଉଥିବା କଥା ମଧ୍ୟ ସେ ପରିବାରକୁ କହିଥିଲେ।



ଜୁନ୍ ୧୮ରେ ସିୟା ଏବଂ ତାଙ୍କ ପ୍ରେମୀ ଚେତନ ଚୌଧୁରୀ ମିଶି କେତନଙ୍କୁ ଲୋହଗଡ଼ ଦୁର୍ଗର ଏକ ପାହାଡ଼ ଉପରୁ ଠେଲି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ସିୟା ଗୋୟଲ ଏବଂ ଚେତନ ଚୌଧୁରୀଙ୍କୁ ଗିରଫ କରିଛି। କୋର୍ଟ ସେମାନଙ୍କୁ ଜୁଲାଇ ୩ ପର୍ଯ୍ୟନ୍ତ ପୁଲିସ ହେପାଜତକୁ ପଠାଇଛନ୍ତି। କେତନଙ୍କ ପିତା ବିଶାଳ ଅଗ୍ରୱାଲଙ୍କ ଅଭିଯୋଗ ଅନୁଯାୟୀ, ସିୟା ପୂର୍ବରୁ ବାଲି ଯିବାର ଏକ ଯୋଜନାକୁ ମଧ୍ୟ ଜାଣିଶୁଣି ବାତିଲ କରିଥିଲେ ଏବଂ ସବୁବେଳେ ଛୋଟ ଛୋଟ କଥାରେ କେତନଙ୍କ ସହ ଝଗଡ଼ା କରୁଥିଲେ। ପୁଲିସ ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରଖିଛି। ଏହାସହ ଅପରାଧ ସ୍ଥଳରେ କ୍ରାଇମ ସିନ ରିକ୍ରିଏସନ୍ କରି ଅଧିକ ତଦନ୍ତ ଚଳାଇଛି।

କେତନ ଅଗ୍ରୱାଲ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲଙ୍କ ଓକିଲ ବୋଲି ଦାବି କରୁଥିବା ଆଡଭୋକେଟ୍ ଆଶୁତୋଷ ଶ୍ରୀବାସ୍ତବ, ସିୟାଙ୍କ ଭାଇ ସାହିଲ ଗୋୟଲଙ୍କ ବିରୋଧରେ ୧୦ କୋଟି ଟଙ୍କାର ମାନହାନି ନୋଟିସ୍ ପଠାଇଛନ୍ତି। ଏକ ସାକ୍ଷାତକାରରେ ସାହିଲ କହିଥିଲେ ଯେ, ଗୋୟଲ ପରିବାର ପକ୍ଷରୁ ଆଶୁତୋଷ ଶ୍ରୀବାସ୍ତବଙ୍କୁ ନିଯୁକ୍ତ କରାଯାଇ ନାହିଁ। ସେ ଅଭିଯୋଗ କରିଥିଲେ ଯେ ଶ୍ରୀବାସ୍ତବ ହୁଏତ ପ୍ରତାରଣା କରି ସିୟାଙ୍କଠାରୁ କେତେକ ଆଇନଗତ ଦଲିଲରେ ସ୍ୱାକ୍ଷର କରାଇ ନେଇଥାଇ ପାରନ୍ତି ଏବଂ ପରିବାରକୁ ଧମକ ଦେଉଛନ୍ତି।

## ଇଥାନଲ୍ ମିଶ୍ରଣ ଏକ ପରୀକ୍ଷା, ଫଳାଫଳ ଆସନ୍ତାବର୍ଷକୁ

ନୂଆଦିଲ୍ଲୀ,୩୦।୬(ଏଜେନ୍ସି):ଭାରତ ୨୦୨୫ରେ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣର ଲକ୍ଷ୍ୟ ହାସଲ କରିଛି, ନିର୍ଦ୍ଧାରିତ ସମୟର ୫ ବର୍ଷ ପୂର୍ବରୁ ଏହା ହୋଇଛି। ହେଲେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଚଳିତବର୍ଷ ଏପ୍ରିଲ ପହିଲାରୁ ସାରା ଦେଶରେ ଇଥାନଲ୍ ମିଶ୍ରିତ ପେଟ୍ରୋଲ ଯୋଗାଣ ଆରମ୍ଭ କରିଛନ୍ତି। କେନ୍ଦ୍ର ସରକାର ମଙ୍ଗଳବାର ସୁପ୍ରିମକୋର୍ଟକୁ ସୂଚନା ଦେଇଛନ୍ତି ଯେ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ ପାଇଁ ପରୀକ୍ଷଣ ଚାଲିଛି। ଏହାର ଫଳାଫଳ ଆସନ୍ତା ବର୍ଷ ଆସିଯିବ ବୋଲି ସରକାର କହିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ ଦେଶରେ ପେଟ୍ରୋଲରେ ଇଥାନଲ୍ ମିଶ୍ରଣ ଯୋଗୁଁ ପୁରୁଣା ଯାନବାହନଗୁଡିକ ପ୍ରତି ସମ୍ଭାବ୍ୟ କ୍ଷତି ପହଞ୍ଚିବା ନେଇ ଜୋରଦାର ବିତର୍କ ଚାଲିଛି। ସରକାର କୌଣସି ଠୋସ୍ ପ୍ରମାଣ ନ ଥିବା କହି ଇ-୨୦ପେଟ୍ରୋଲ ଯାନ୍ତ୍ରିକ କ୍ଷତି ଘଟାଉଥିବା ଚିନ୍ତାକୁ ଦୂର କରିବାକୁ ଚେଷ୍ଟା କରିଛନ୍ତି। ସରକାରଙ୍କ ଯୁକ୍ତି ହେଉଛି, ଏହି ନୀତି ଭାରତର

### ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଲେ କେନ୍ଦ୍ର ସରକାର

ଶକ୍ତି ସୁରକ୍ଷା, ଚାଷୀ ଏବଂ ପରିବେଶ ପାଇଁ ଲାଭଦାୟକ ପ୍ରମାଣିତ ହେବ। କର୍ଣ୍ଣାଟକ ହାଇକୋର୍ଟର ଏକ ଆଦେଶକୁ ଚ୍ୟାଲେଞ୍ଜ କରି ଭାରତ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍ (ବିପିସିଏଲ୍) ଦ୍ୱାରା ଦାୟର କରାଯାଇଥିବା ଏକ ଆବେଦନ ଉପରେ ଯୁକ୍ତି ସମୟରେ ଆଟର୍ଣ୍ଣି ଜେନେରାଲ୍ ଆର. ଭେଙ୍କଟରମଣି ଏହି ମନ୍ତବ୍ୟ ଦେଇଛନ୍ତି।




ଜୁନ୍ ୨୩ ଆଦେଶରେ କର୍ଣ୍ଣାଟକ ହାଇକୋର୍ଟ ତୈଳ କମ୍ପାନୀ ବିପିସିଏଲ, ଏଚ୍‌ପିସିଏଲ ଏବଂ ଇଣ୍ଡିଆନ ଅଏଲ୍ କର୍ପୋରେସନ (ଆଇଓସି)କୁ ଟେଣ୍ଡର ଚୂଡ଼ାନ୍ତ କରିବା ପୂର୍ବରୁ ଇଥାନଲ୍ ଆବଣ୍ଟନ ବୃଦ୍ଧି ପାଇଁ ଏକ ଡିଷ୍ଟିଲେରୀ ଦ୍ୱାରା ଦାୟର କରାଯାଇଥିବା ଆବେଦନ ଉପରେ ବିଚାର କରି ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିଲେ। ତଥାପି, ବିପିସିଏଲ ସୁପ୍ରିମକୋର୍ଟରେ ଯୁକ୍ତି ଦର୍ଶାଇଥିଲା ଯେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ ହାସଲ କରିବା ପାଇଁ ସରକାରଙ୍କ ବ୍ୟାପକ ନୀତିଗତ ଉଦ୍ଦେଶ୍ୟକୁ ପ୍ରଭାବିତ କରିପାରେ। ଆଟର୍ଣ୍ଣି ଜେନେରାଲ କହିଛନ୍ତି, ସରକାର ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ ସହିତ ଏହାର ପରୀକ୍ଷଣ କରୁଛନ୍ତି। ଆସନ୍ତା ବର୍ଷ ସୁଦ୍ଧା ଫଳାଫଳ କ'ଣ ରହୁଛି ତାହା ଦେଖାଯିବ। ଶୁଣାଣି ସମୟରେ, ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ ଯେ ବିପିସିଏଲ୍‌ର ଏହି ନିର୍ଦ୍ଦେଶ ବିରୁଦ୍ଧରେ କର୍ଣ୍ଣାଟକ ହାଇକୋର୍ଟ ଡିଭିଜନ ବେଞ୍ଚକୁ କାହିଁକି ଯାଇନାହିଁ।



ଏସୀୟ କ୍ରୀଡ଼ାରେ ହରମନ୍‌ପ୍ରୀତଙ୍କୁ ନେତୃତ୍ୱ

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-07 ◆WEDNESDAY ◆01 JULY 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୦୭ ◆ବୁଧବାର ◆୦୧ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଟ୍ରମ୍ପଙ୍କୁ ପୁଣି ଝଟ୍‌କା ଦେଲେ ଆମେରିକା ସୁପ୍ରିମକୋର୍ଟ

■ ୱାଶିଂଟନ୍, ୩୦।୬ (ଏଜେନ୍ସି): ଆମେରିକା ସୁପ୍ରିମକୋର୍ଟ ମଙ୍ଗଳବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଏକ ବଡ଼ ଝଟ୍‌କା ଦେଇଛନ୍ତି। ଜନ୍ମଗତ ନାଗରିକତା ପ୍ରଦାନ ପାଇଁ ବ୍ୟବସ୍ଥାରେ ପରିବର୍ତ୍ତନ ନିମନ୍ତେ କୋର୍ଟ ତାଙ୍କର ପ୍ରୟାସକୁ ଅଟକାଇଛନ୍ତି। ୬-୩ ବହୁମତ ନିଷ୍ପତ୍ତିରେ, କୋର୍ଟ ରାୟ ଦେଇଛନ୍ତି ଯେ ଟ୍ରମ୍ପଙ୍କ ଦ୍ୱାରା ୨୦୨୫ ଜାନୁଆରୀ ୨୦ ରେ ତାଙ୍କ ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ଦିନ ଜାରି କରାଯାଇଥିବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଆଇନ ଅନୁଯାୟୀ ନୁହେଁ। ୫ ଜଣ ବିଚାରପତି କହିଛନ୍ତି ଯେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଆମେରିକା ସମ୍ବିଧାନର ଚତୁର୍ଦ୍ଦଶ ସଂଶୋଧନକୁ ଉଲ୍ଲଘଂନ କରୁଛି, ଯାହା ଆମେରିକାରେ ଜନ୍ମିତ ପ୍ରାୟ ସମସ୍ତଙ୍କୁ ନାଗରିକତା ପ୍ରଦାନ କରେ। ଏହି ସମୟରେ, ବିଚାରପତି ବ୍ରେଟ୍ କାଭାନା କହିଛନ୍ତି ଯେ ଏହି ନିର୍ଦ୍ଦେଶ ସଂଘୀୟ ଆଇନକୁ ଉଲ୍ଲଘଂନ କରେ, କିନ୍ତୁ ସମ୍ବିଧାନକୁ ନୁହେଁ। ଚଳିତ ମାସରେ ସୁପ୍ରିମକୋର୍ଟରେ ଏହା ଟ୍ରମ୍ପଙ୍କ ତୃତୀୟ ବଡ଼ ବିପର୍ଯ୍ୟୟ। ଫେବୃଆରୀ ପୂର୍ବରୁ, କୋର୍ଟ ତାଙ୍କ ଟାରିଫ୍ ନୀତିକୁ ବାତିଲ କରିଦେଇଥିଲେ। ସୋମବାର, କୋର୍ଟ ତାଙ୍କୁ



ଫେଡେରାଲ୍ ରିଜର୍ଭ ଅଧିକାରୀ ଲିସା କୁକ୍‌ଙ୍କୁ ତୁରନ୍ତ ପଦରୁ ବହିଷ୍କାର କରିବାରୁ ମଧ୍ୟ ବାରଣ କରିଥିଲେ।

## ଜନ୍ମଗତ ନାଗରିକତାକୁ ଅବରୋଧ କରିବା ପାଇଁ ନିର୍ଦ୍ଦେଶ ପ୍ରତ୍ୟାହାର

ଟ୍ରମ୍ପ୍‌ଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ସମ୍ବିଧାନର ଚତୁର୍ଦ୍ଦଶ ସଂଶୋଧନକୁ ପୁନଃ ବ୍ୟାଖ୍ୟା କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଏହି ସଂଶୋଧନରେ କୁହାଯାଇଥିଲା ଯେ ଆମେରିକାରେ ଜନ୍ମଗ୍ରହଣ କରିଥିବା ଏବଂ ଏହାର କ୍ଷେତ୍ରାଧିକାର ଅଧୀନରେ ଥିବା ପ୍ରତ୍ୟେକ ବ୍ୟକ୍ତି ଜଣେ ଆମେରିକୀୟ ନାଗରିକ। ତଥାପି, ସୁପ୍ରିମକୋର୍ଟର ୯ ଜଣ ବିଚାରପତିଙ୍କ ମଧ୍ୟରୁ ୬ ଜଣ ସାଧାରଣତଃ ରକ୍ଷଣଶୀଳ ବିଚାରଧାରର ବୋଲି ବିବେଚନା କରାଯାଉଛି, ସେଥିରେ ଟ୍ରମ୍ପଙ୍କ ଦ୍ୱାରା ନିଯୁକ୍ତ ତିନି ଜଣ ମଧ୍ୟ ସାମିଲ। କୋର୍ଟ ଅନ୍ୟ ଅନେକ ମାମଲାରେ ଟ୍ରମ୍ପଙ୍କ ସପକ୍ଷରେ ମଧ୍ୟ ରାୟ ଦେଇଛନ୍ତି।

## ୧୨୬ ବର୍ଷରେ ୫ମ ଶୁଖିଲା ଜୁନ୍

# ମହାବିପଦରେ ୨୨ ରାଜ୍ୟ

■ ନୂଆଦିଲ୍ଲୀ, ୩୦।୬ (ଏଜେନ୍ସି): ଏଥର ନିରାଶ କଲା ଜୁନ୍ ମୌସୁମୀ। କେବଳ ନିରାଶ କରିନାହିଁ, ଭୟଙ୍କର ପରିସ୍ଥିତି ମଧ୍ୟ ସୃଷ୍ଟି କରିଛି। ବର୍ଷା ନଥିବାରୁ ମରୁଡ଼ି ପରିସ୍ଥିତି ଦେଖାଦେଲାଣି। ଏଥର ଜୁନ ମାସରେ ୪୦ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିବାରୁ ଗତ ୧୨୬ ବର୍ଷରେ ସବୁଠାରୁ ପଞ୍ଚମ ଶୁଖିଲା ଜୁନ ମାସରେ ପରିଣତ ହୋଇଛି। ୧୯୦୧ ପରେ ପଞ୍ଚମ ଥର ଲାଗି ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଧୋକା ଦେଇଥିବାରୁ ଦେଶର ବ୍ୟାପକ ଅଞ୍ଚଳ ଶୁଖିଲା ପଡ଼ିଛି। ଚାଷ କାମ ଆରମ୍ଭ ହୋଇପାରି ନଥିବାରୁ କୃଷି କ୍ଷେତ୍ର ପାଇଁ ମାଡ଼ି ଆସିଲାଣି ମହାବିପଦ।

ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଜୁନ ମାସରେ ୧୬୫.୩ ଏମ୍‌ଏମ୍ ବର୍ଷା ହେବା କଥା। କିନ୍ତୁ ଜୁନ ୧ରୁ ୩୦ ତାରିଖ ମଧ୍ୟରେ ଏଥର ହୋଇଛି ମାତ୍ର ୯୯.୫ ଏମ୍‌ଏମ୍ ବର୍ଷା। ପୂରା ମାସରେ ୪୦ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଛି। ପାଣିପାଗ ବିଭାଗ ତଥ୍ୟ ଅନୁଯାୟୀ ୨୦୦୯ ଜୁନରେ




## ଆସୁଛି ଯୋଡ଼ା ଲଘୁଚାପ

# ଆଜିଠାରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା

■ ଭୁବନେଶ୍ୱର, ୩୦।୬ (ସମିସ): କମ୍ ବର୍ଷାକୁ ନେଇ ସାରା ରାଜ୍ୟରେ ଚାଷବାସ ପଛେଇଥିବା ସମୟରେ ଆଗପଛ ହୋଇ ଆସୁଛି ଦୁଇଟି ଲଘୁଚାପ। ଚଳିତ ମୌସୁମୀ ଋତୁର ପ୍ରଥମ ଲଘୁଚାପ ଜୁଲାଇ ୩ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଏହି ଲଘୁଚାପ ପ୍ରଭାବରେ ରାଜ୍ୟରେ ୨ ତାରିଖଠାରୁ ବର୍ଷାର ପ୍ରଭାବ ବୃଦ୍ଧି ପାଇବ ବୋଲି କୁହାଯାଉଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ବର୍ତ୍ତମାନ ଉପର ବାୟୁମଣ୍ଡଳୀୟ ଏକ ଘୂର୍ଣ୍ଣିବଳୟ ରହିଛି। ଉତ୍ତର ବଙ୍ଗୋପସାଗର ଏବଂ ସଂଲଗ୍ନ ଦକ୍ଷିଣ ବାଂଲାଦେଶ ଉପରେ ସମୁଦ୍ର ପତ୍ତନରୁ ପ୍ରାୟ ୧.୫ରୁ ୫.୮ କି.ମି. ଉଚ୍ଚତା ମଧ୍ୟରେ ଏହା ରହିଛି। ଯାହାର ପ୍ରଭାବରେ ଜୁଲାଇ ୩ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ▶ପୃଷ୍ଠା-୭

## ପଢ଼ାବହିରେ ତ୍ରୁଟି

# କିଏ ନେବ ଉତ୍ତରଦାୟିତ୍ୱ: ନବୀନ

■ ଭୁବନେଶ୍ୱର, ୩୦।୬ (ସମିସ): ରାଜ୍ୟରେ ପାଠ୍ୟ ପୁସ୍ତକରେ ମାଳମାଳ ତ୍ରୁଟିକୁ ନେଇ ଓଡ଼ିଶା ଜାତୀୟ ସ୍ତରରେ ନିନ୍ଦିତ ହୋଇଛି। ଜାତୀୟ ଗଣମାଧ୍ୟମରେ ଓଡ଼ିଶାରେ ପିଲାଙ୍କ ବହିରେ ତ୍ରୁଟି ଡ଼ିବିଡ଼ିବି ହୋଇ ବାଜୁଛି। ତ୍ରୁଟିଯୁକ୍ତ ବହି ପିଲାଙ୍କ ଭବିଷ୍ୟତକୁ ନଷ୍ଟ କରିବ ବୋଲି ଅଭିଭାବକମାନେ କ୍ଷୋଭ ପ୍ରକାଶ କରିବା ନୂତନ ସଂଶୋଧିତ ବହି ପ୍ରଦାନ କରିବାକୁ ଦାବି କରିଛନ୍ତି। ବହି ପରିବର୍ତ୍ତନ ପାଇଁ ମୁଖ୍ୟମନ୍ତ୍ରୀ ଗୋଟିଏ କଥା କହୁଥିବା ସମୟରେ ଗଣଶିକ୍ଷାମନ୍ତ୍ରୀ ଭିନ୍ନ କଥା କହୁଛନ୍ତି। ଯାହାକୁ ନେଇ କ୍ଷୋଭ ସହ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ତ୍ରୁଟିପୂର୍ଣ୍ଣ ପୁସ୍ତକ ଆମ ପିଲାମାନଙ୍କ ଭବିଷ୍ୟତର ମୂଳଦୁଆ ଉପରେ ଆଘାତ ଦେଇଛି ବୋଲି ଉଲ୍ଲେଖ କରି ଏହାର ଉତ୍ତରଦାୟିତ୍ୱ କିଏ ନେବ ବୋଲି ପ୍ରଶ୍ନ କରିଛନ୍ତି।



**ସତ୍ୟ ଓ ତଥ୍ୟ ସହ ଶିଶୁକୁ ପରିଚିତ କରିବାର ମାଧ୍ୟମ ସ୍କୁଲ ବହି**

**ତ୍ରୁଟିପୂର୍ଣ୍ଣ ବହି ପିଲାଙ୍କ ଭବିଷ୍ୟତ ମୂଳଦୁଆ ଉପରେ ଆଘାତ ଦେଇଛି**

**କୋମଳମତି ପିଲାମାନଙ୍କ ବିଶ୍ୱାସ ଭାଙ୍ଗିବାକୁ ଉଦ୍ୟମ ହୋଇଛି**

ସାମାଜିକ ଗଣଣାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ବିଦ୍ୟାଳୟର ପୁସ୍ତକ କେବଳ ବହି ନୁହେଁ, ପ୍ରତ୍ୟେକ ଶିଶୁ ପାଇଁ ଏହା ହେଉଛି ସତ୍ୟ ଓ ତଥ୍ୟ ସହ ପରିଚିତ ହେବାର ପ୍ରଥମ ମାଧ୍ୟମ। ଶିଶୁଟିଏ ଅନେକ କଥାକୁ ପ୍ରଶ୍ନ କରିପାରେ, କିନ୍ତୁ ସ୍କୁଲ ପାଠ୍ୟପୁସ୍ତକରେ ଛପା ହୋଇଥିବା ଶବ୍ଦକୁ କେବେ ସନ୍ଦେହ କରେ ନାହିଁ। ପାଠ୍ୟପୁସ୍ତକ ପ୍ରତି ସେମାନଙ୍କର ଅଗାଧ ବିଶ୍ୱାସ ଓ ଆସ୍ଥା ରହିଥାଏ। ସ୍କୁଲ ପାଠ୍ୟପୁସ୍ତକରୁ ଗୋଟିଏ ପିଢ଼ି କେବଳ ତଥ୍ୟ ଶିଖେ ନାହିଁ, ବରଂ ବ୍ୟବସ୍ଥା ଓ ସମାଜ ପ୍ରତି ବିଶ୍ୱାସ ଏବଂ ଆସ୍ଥା ଗଢ଼ି ଉଠେ। ହେଲେ ଏବେ ସେହି ବିଶ୍ୱାସ କ୍ଷୁର୍ଣ୍ଣ ହୋଇଛି। କ୍ଷତି କେବଳ ମୁଦ୍ରଣ ତ୍ରୁଟିରେ ସୀମିତ ରହି ନାହିଁ; ଏହା ଆମ ପିଲାମାନଙ୍କ ଭବିଷ୍ୟତର ▶ପୃଷ୍ଠା-୭

## ବାଣପୁରରେ ଭିଡ଼ହିଂସା

# ଲୁଚାଇବାକୁ ଯାଇ ଫସିଲା ପୁଲିସ

■ ଖୋର୍ଦ୍ଧା/ବାଣପୁର, ୩୦।୬ (ସମିସ): ବେଳକୁ ବେଳ ବିପର୍ଯ୍ୟସ୍ତ ହେଉଛି ରାଜ୍ୟରେ ଆଇନ ଶୃଙ୍ଖଳା। ବାଲିଅନ୍ତା, ପିପିଲି ପରେ ପୁଣି ବାଣପୁରରେ ଘଟିଛି ଆଉ ଏକ ଭିଡ଼ ହିଂସା। ବାଣପୁରରେ ଗାଁ ଲୋକଙ୍କ ମାଡ଼ରେ ଗୁରୁତର ଆହତ ତୋଫାନ ନାୟକକୁ ପୁଲିସ ଉଦ୍ଧାର କରି ଥାନାକୁ ଆଣିବା, ବିଳମ୍ବିତ ସନ୍ଧ୍ୟାରେ ତାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ଓ ପରଦିନ ଚିକିତ୍ସାଧୀନ ଅବସ୍ଥାରେ କ୍ୟାପିଟାଲ ହସପିଟାଲରେ ତାର ମୃତ୍ୟୁ ଘଟଣା ପୁଲିସକୁ ଅକଳରେ ପକାଇଛି । ପରିବାର ଲୋକେ ପ୍ରଥମେ ଥାନାରେ ତାକୁ ଥାଡର୍ ଡ଼ିଗ୍ରୀ ଦିଆଯାଇଥିବା ଅଭିଯୋଗ କରିଥିଲେ ହେଁ ଏସ୍‌ପି ଏହି ଅଭିଯୋଗକୁ ଅସ୍ୱୀକାର କରିଥିଲେ। ସୁସ୍ଥ ଅବସ୍ଥାରେ ତାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଏସ୍‌ପି ସାମ୍ବାଦିକ ସମ୍ମିଳନୀରେ କହିଥିଲେ। ମାତ୍ର ଆଜି ତୋଫାନକୁ ଖୁଣ୍ଟରେ ବାନ୍ଧି ନିସ୍ଥୁକ ମାଡ଼ ମରାଯାଉଥିବାର ଏକ ଭିଡ଼ିଓ ଭାଇରାଲ ହେବା ପରେ ଥାଡର୍ ଡ଼ିଗ୍ରୀ ଅଭିଯୋଗରୁ ମୁକୁଳିଥିବା ପୁଲିସ ଆଉ ଏକ ନୂଆ ବିବାଦରେ ଛନ୍ଦି ହୋଇଛି। ତୋଫାନର ମୃତ୍ୟୁ ସାମୂହିକ ଆକ୍ରମଣ ଯୋଗୁ ହୋଇଥିବା ଅଭିଯୋଗ ହେବା ପରେ ▶ପୃଷ୍ଠା-୭

**ରହସ୍ୟ ଖୋଲିଦେଲା ମାଡ଼ର ଭାଇରାଲ ଭିଡ଼ିଓ**

**ଖୁଣ୍ଟରେ ବାନ୍ଧି ତୋଫାନକୁ ପିଟିଥିଲେ ଗ୍ରାମବାସୀ**

## ଏକତରଫା ପ୍ରେମ ପାଇଁ ବିବାହିତ ଯୁବକର ଉନ୍ମତ କାଣ୍ଡ

# ନାବାଳିକାକୁ ଜିଅନ୍ତା ଜାଳିଦେବାକୁ ଉଦ୍ୟମ



■ ଭଦ୍ରକ/ଧୂଷୁରୀ/ଅସୁରାଳି, ୩୦।୬ (ସମିସ): ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଅଧୀନ ଫତେପୁର ପଞ୍ଚାୟତର ଫତେପୁର ଗାଁର ଜଣେ ୩୩ ବର୍ଷୀୟ ବିବାହିତ ଯୁବକ ନିକଟସ୍ଥ ଗାଁର ଜଣେ ଦଶମ ଶ୍ରେଣୀର ୧୫ ବର୍ଷୀୟା ଛାତ୍ରୀଙ୍କୁ ପେଟ୍ରୋଲ ଢାଳି ଜୀବନ୍ତ ପୋଡ଼ି ମାରିବାକୁ ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଛି। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ କରୁଥିବା ଉଦ୍ୟମ ପଣ୍ଡ ହୋଇଛି। ସ୍ଥାନୀୟ ଲୋକେ ସେହି ଯୁବକକୁ ଧରି ଅଟକ ରଖିଥିବା ବେଳେ ଧୂଷୁରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥାନାକୁ ଆଣି ଅଟକ ରଖିଥିଲେ।

ସୂଚନାଯୋଗ୍ୟ, ଫତେପୁର ପଞ୍ଚାୟତ ଧର୍ମାଗତପୁର ଗାଁର ନିରଞ୍ଜନ ଜେନାଙ୍କ ପୁଅ ଦିଲ୍ଲୀପ ଜେନା (୩୨) ଦୀର୍ଘଦିନ ଧରି ଉକ୍ତ ଛାତ୍ରୀଙ୍କୁ ପ୍ରେମ ନିବେଦନ କରି ଆସୁଥିଲେ। ଛାତ୍ରୀ ଏଥିରେ ରାଜି ନ ହେବାରୁ ମଙ୍ଗଳବାର ପୂର୍ବାହ୍ନରେ ସେ ସ୍କୁଲକୁ ଯାଉଥିବାବେଳେ ଲେଞ୍ଜରା ଛକ ନିକଟରେ ତାଙ୍କୁ ଅଟକାଇ ପେଟ୍ରୋଲ ଢାଳି ଜୀବନ୍ତ ପୋଡ଼ି ମାରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଛାତ୍ରୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ▶ପୃଷ୍ଠା-୭

## ନାବାଳିକା ଭାଣିଜୀକୁ କିରୋସିନି ଢାଳି ହତ୍ୟା ମାମଲା

# ହତ୍ୟାକାରୀ ମାମୁଁକୁ ଫାଶୀଦଣ୍ଡ

■ ବ୍ରହ୍ମପୁର, ୩୦।୬ (ସମିସ): ନାବାଳିକା ଭାଣିଜିକୁ କିରୋସିନି ଢାଳି ହତ୍ୟା ମାମଲାର ଚୂଡାନ୍ତ ରାୟ ପ୍ରକାଶ ପାଇଛି। ଗତକାଲି ଏହି ମାମଲାର ବିଚାରଣା ଶେଷ ପରେ ଅଭିଯୁକ୍ତ ମାମୁଁ ଶୁପ୍ରିନ ଦିଗାଲ(୬୨)କୁ ଦୋଷୀ ସାବ୍ୟସ୍ତ କରିଥିଲେ କୋର୍ଟ। ଆଜି ମାମଲାରେ ଦୋଷୀ ସାବ୍ୟସ୍ତ ଅଭିଯୁକ୍ତ ମାମୁଁକୁ ଦଣ୍ଡବିଧାନ କରାଯାଇଛି। ନାବାଳିକା ଭାଣିଜି ଗାୟତ୍ରୀ ପାତ୍ର(୧୩)କୁ କିରୋସିନି ଢାଳି ହତ୍ୟା କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ମାମୁଁ ଶୁପ୍ରିନ ଦିଗାଲକୁ ଫାଶୀ ଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି କୋର୍ଟ। ଦଣ୍ଡାଦେଶ ବେଳେ ବ୍ରହ୍ମପୁର ଜେଲରେ ଥିବା ଅଭିଯୁକ୍ତ ଶୁପ୍ରିନ ଦିଗାଲକୁ କୋର୍ଟରେ ହାଜର କରାଯାଇଥିଲା। ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପକ୍ସୋ (ଆଡହକ) କୋର୍ଟର ବିଚାରପତି ରୋହିତ ଲାଲ ପଣ୍ଡାଙ୍କ କୋର୍ଟରେ ଏହି ଦଣ୍ଡାଦେଶ ହୋଇଛି। ପ୍ରକାଶ ଯୋଗ୍ୟ ଯେ’ ଗତ ୨୦୨୨ମସିହା ଏପ୍ରିଲ ୨୫ତାରିଖରେ ସ୍ଥାନୀୟ ଗୋଇଲୁଣ୍ଡି ବିଦ୍ୟାନଗରରେ ଅଗ୍ନିକାଣ୍ଡ ଘଟି ଜଣେ ୧୩ବର୍ଷିୟ ନାବାଳିକା ଗାୟତ୍ରୀ ପାତ୍ରଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାରେ ପୁଲିସ ତଦନ୍ତ କରି ମୃତ ନାବାଳିକା ଗାୟତ୍ରୀଙ୍କ ମାମୁଁ ଶୁପ୍ରିନ ଦିଗାଲ(୬୨)କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଗିରଫ ମାମୁଁ ଶୁପ୍ରିନ ଦିଗାଲ ଭାଣିଜୀ ▶ପୃଷ୍ଠା-୭

# ବାଲି ଚୋରା ଚାଲାଣରେ ଲଗାମ ନାହିଁ


■ ସାରସକଣା, ୩୦।୬ (ସମିସ): ସାରସକଣା ତହସିଲ ତଥା ଝାରପୋଖରିଆ ଥାନା ଅଧୀନରେ ଥିବା ସୁବର୍ଣ୍ଣରେଖା ନଦୀର ବାଲି ସୈରାତ ଏବେ ଏକ ବଡ଼ ଦୁର୍ନୀତିର ପେଣ୍ଠସ୍ଥଳୀ ପାଲଟିଥିବାବେଳେ ଜିଲ୍ଲା ପ୍ରଶାସନର ନିରବତା ସରକାରଙ୍କ ସ୍ୱଚ୍ଛ ଶାସନର ମୁଖା ଖୋଲିଦେଇଛି। ଯେଉଁଭଳି ଭାବେ ଦିନ ଦ୍ୱିପ୍ରହରରେ ରାଜ୍ୟର ସମ୍ପତ୍ତିକୁ ଲୁଟ୍ କରାଯାଉଛି। ତାହା ପ୍ରମାଣିତ କରୁଛି ଯେ ଜିଲ୍ଲା ପ୍ରଶାସନ ଓ ଖଣି ବିଭାଗ ଏବେ ମାଫିଆଙ୍କ ହାତବାରିସୀ ପାଲଟିଛନ୍ତି। ସରକାରୀ ନିୟମକୁ ଫୁଁ’ କରି ଏହି ବେଆଇନ କାରବାର ବିରୋଧରେ ଏବେ ସାଧାରଣରେ ପ୍ରବଳ ଜନଅସନ୍ତୋଷ ଦେଖାଦେଇଛି। ଦୈନିକ ଶହ ଶହ ଟ୍ରିପ ବାଲି ଏହି ଅଞ୍ଚଳରୁ ପଡ଼ୋଶୀ ଝାଡ଼ଖଣ୍ଡକୁ ଚାଲାଣ ହେଉଥିବା ଅଭିଯୋଗ ହେଉଛି।



**ବାହାର ରାଜ୍ୟକୁ ହେଉଛି ଚାଲାଣ**

ଝାରପୋଖରୀଆ ଥାନା ସମ୍ମୁଖରେ ଦେଇ ପ୍ରତ୍ୟେକ ଦିନ ବାଲି ଚାଲାଣ ହେଉଛି। ଥାନା ସମ୍ମୁଖରେ ସିସିଟିଭି କ୍ୟାମେରା ଲାଗିଥିଲେ ହେଁ ଥାନା ଅଧିକାରୀ ସବୁ ଜାଣି ନ ଜାଣି ଭଳି ଅଭିନୟ କରିଛନ୍ତି। ୩ ସପ୍ତାହ ପୂର୍ବରୁ ଥାନା ଅଧିକାରୀ ବାଲେଶ୍ୱର ଜିଲ୍ଲାକୁ ବଦଳି ହୋଇଥିଲେ ମଧ୍ୟ ସେ ରିଲିଭ ହେଉନାହାନ୍ତି। ଏହା କ’ଣ ସରକାରଙ୍କ ଆଦେଶରେ ହେଉଛି? ଉଚ୍ଚପଦସ୍ଥ ଅଧିକାରୀ ନିଜ ପକେଟ୍ ଗରମ କରିବା ପାଇଁ ଆଖି ବୁଜି ଦେଇଛନ୍ତି। ପରିବେଶ ଆଇନକୁ ଅମାନ୍ୟ କରୁଛି ଜିଲ୍ଲା ପ୍ରଶାସନ। ଗ୍ରାମାଞ୍ଚଳ ରାସ୍ତାରେ ଭାରୀଯାନରେ ଓଦା ବାଲି ଚାଲାଣ ହେଉଥିବାରୁ ସ୍ଥାନୀୟ ଅଞ୍ଚଳର ରାସ୍ତାଘାଟ ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ଜଣାପଡ଼ିଛି।

ଓଡ଼ିଶାର ବିଭିନ୍ନ ଜାଗାରୁ ବାଲି ଚୋରାଚାଲାଣ ପ୍ରତିଦିନ ଚାଲୁଛି। ମୟୂରଭଞ୍ଜ ଜିଲ୍ଲା ଏଥିରୁ ବାଦ୍ ପଡିନାହିଁ। ମୟୂରଭଞ୍ଜ ଜିଲ୍ଲାର ସାରସକଣା ତହସିଲ, ଝାରପୋଖରିଆ ଥାନା ଅଧୀନରେ ଥିବା ପାଣ୍ଡରା ସରକାରୀ ଘାଟ ମଧ୍ୟ ଚୋରା ▶ପୃଷ୍ଠା-୭

## ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥଯାତ୍ରା ତୃତୀୟ ପ୍ରସ୍ତୁତି ବୈଠକ

# ଦଳା ଚକଟାକୁ ଭୟ, ଶ୍ରଦ୍ଧାଳୁଙ୍କୁ ଫିଙ୍ଗା ବନ୍ଦ



**ବାରିପଦା,୩୦।୬(ସମିସ):** 'ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ରଥଯାତ୍ରାକୁ ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ସହିତ ପାରମ୍ପରିକ ନୀତିକାନ୍ତି ଅନୁଯାୟୀ ସମ୍ପନ୍ନ କରିବା ପାଇଁ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ମଢେଇ, ବଡ଼ସାହି ବିଧାୟକ ସନାତନ ବିଜୁଳି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲାପାଳ ହେମକାନ୍ତ ସେ, ଏସପି ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଈଶ୍ୱର ଚନ୍ଦ୍ର ନାୟକ, ଉପଜିଲ୍ଲାପାଳ ତଥା ରାଜପ୍ରାପ୍ତ ଜିଲ୍ଲା ଦେବତ୍ତୋର ଅଧିକାରୀ କସ୍ତୁରୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ରଥ ନିର୍ମାଣ, ସୁରକ୍ଷା, ବିଦ୍ୟୁତ ଆଲୋକୀକରଣ, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ, ସ୍ୱଚ୍ଛତା, ଯାତାୟାତ ନିୟନ୍ତ୍ରଣ, ସିସିଟିଭି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି। ସମସ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ

» ରଥାରୂଢ଼ ଦିଅଁ ଦର୍ଶନ ପାଇଁ କର୍ଡନ ବ୍ୟବସ୍ଥା
» ଅନୁଦାନ କଥା ବୁଝିବେ କହିଲେ ମନ୍ତ୍ରୀ

ରକ୍ଷା କରି ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରସ୍ତୁତି ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟରେ ଗତବର୍ଷ ଲକ୍ଷ ଭକ୍ତଙ୍କ ମଧ୍ୟରେ ଦଳାଚକଟା ଓ ଆହତ ହେବା ଘଟଣାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ରଥ ଉପରୁ ଶ୍ରଦ୍ଧାଳୁ ଫିଙ୍ଗା ସମ୍ପୂର୍ଣ୍ଣ ବନ୍ଦ କରାଯିବ। ସୁରକ୍ଷିତ ବଣ୍ଟନ ବ୍ୟବସ୍ଥା କରାଯିବ। ସେହିପରି ରଥାରୂଢ଼ ଦିଅଁ ଦର୍ଶନ ସମୟରେ ରଥ ପାଖରେ ଦୋକାନୀ ଗହଳି ନିଷେଧ କରାଯିବ ଓ କର୍ଡନ ବ୍ୟବସ୍ଥା ମାଧ୍ୟମରେ ଶ୍ରଦ୍ଧାଳୁଙ୍କ ସୁରକ୍ଷିତ ଦର୍ଶନ ସୁନିଶ୍ଚିତ କରାଯିବ। ତତସହିତ ରଥ ଖର୍ଚ୍ଚ ବକେୟା ଥିବାରୁ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରି ଶୀଘ୍ର ଅନୁଦାନ ମଞ୍ଜୁର କରାଇବେ ବୋଲି କହିଛନ୍ତି। ମନ୍ତ୍ରୀ ଡା ମହାପାତ୍ର କହିଛନ୍ତି, ଏହି ରଥଯାତ୍ରା ରାଜ୍ୟର ଏକ ପ୍ରମୁଖ ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରମ୍ପରା। ସମସ୍ତଙ୍କ ସହଯୋଗରେ ଏହାକୁ ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବ। ଜିଲ୍ଲାପାଳ ହେମକାନ୍ତ ସେ ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସମସ୍ତ ବ୍ୟବସ୍ଥା ସୁଦୃଢ଼ କରିବା ପାଇଁ ପ୍ରଶାସନ ତତ୍ପର ରହିଛି ବୋଲି କହିଥିଲେ। ବୈଠକରେ ବିଭାଗୀୟ ଅଧିକାରୀ, ସେବାୟତ, ରଥ ମହାରଣା ଓ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ମତାମତ ପ୍ରକାଶ କରିଥିଲେ।

# କଳିଙ୍ଗ ମୋର୍ଚ୍ଚା ପକ୍ଷରୁ କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



**ଉଦଳା,୩୦।୬(ସମିସ):** ଶିମିଳିପାଳ ବ୍ୟାଘ୍ର ସଂରକ୍ଷିତ ଜଙ୍ଗଲରୁ ବାଦ କରି ଦେବକୁଣ୍ଡକୁ ସ୍ୱତନ୍ତ୍ର ପର୍ଯ୍ୟଟନ ସ୍ଥଳୀ ମାନ୍ୟତା, ରୋପଓ୍ୱେ ନିର୍ମାଣ ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶିମିଳିପାଳ ପାଦଦେଶରେ କପ୍ତିପଦା ଉପଖଣ୍ଡର ଏକାଧିକ ପର୍ଯ୍ୟଟନ ସ୍ଥଳୀ ମଧ୍ୟରୁ ମା' ଅମ୍ବିକାଙ୍କ ପୀଠ ଦେବକୁଣ୍ଡ ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଅଟେ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଏହି ପର୍ଯ୍ୟଟନ ସ୍ଥଳୀକୁ ପ୍ରତିଦିନ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକ ବର୍ଷ ତମାମ ଆସିଥାନ୍ତି। ଦେବକୁଣ୍ଡର ମୁଖ୍ୟ ରାସ୍ତାରେ ପ୍ରାୟ ୫ କିଲୋମିଟର ଧରି ଝରଣା ପ୍ରବାହିତ ହେଉଥିବାରୁ ପର୍ଯ୍ୟଟକ ଏଠାରେ ସମୟ ବିତାଇବା ପାଇଁ ପସନ୍ଦ କରନ୍ତି। ଏହା ବ୍ୟାଘ୍ର ସଂରକ୍ଷିତ ଜଙ୍ଗଲ ଅଧୀନରେ ଥିବାରୁ ଏହାର ଆଧୁନିକୀକରଣ, ପର୍ଯ୍ୟଟନ ଭିତ୍ତିଭୂମି ଓ ବିକାଶରେ ବାଧା ସୃଷ୍ଟି ହେଉଛି। ଏଥିସହିତ ଏଠାରେ ରୋପଓ୍ୱେ ନିର୍ମାଣ ନେଇ ଉନ୍ନତ ଭିତ୍ତିଭୂମି ରହିଛି। ପୂର୍ବରୁ ସର୍ଭେ କରାଯାଇଥିବାବେଳେ କୌଣସି କାର୍ଯ୍ୟ ହୋଇନାହିଁ। ତେବେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷିତ ଜଙ୍ଗଲ ଅଧୀନରେ ଥିବାରୁ ଏଠାରେ ଏଭଳି ବିକାଶମୂଳକ ଯୋଜନା ଆଗକୁ ବଢ଼ିପାରୁନି। ଏଠାରେ ରୋପଓ୍ୱେ ନିର୍ମାଣ ହେଲେ ବିଦେଶୀ ପର୍ଯ୍ୟଟକ ଆସିବା ସହିତ ହୋଟେଲ ଶିଳ୍ପ ଓ ସ୍ଥାନୀୟ ଅର୍ଥନୀତିରେ ଅଭିବୃଦ୍ଧି ଘଟିବ। ରୋପଓ୍ୱେ ଭଳି ମେଗା ପ୍ରକଳ୍ପ ହୋଇପାରିଲେ କେବଳ ଦେବକୁଣ୍ଡ ନୁହେଁ, ସମଗ୍ର କପ୍ତିପଦା ଉପଖଣ୍ଡରେ ସଂଖ୍ୟାଧିକ ରୋଜଗାର ସୃଷ୍ଟି ହୋଇପାରିବ। ଅଟୋ ଚାଳକଙ୍କଠାରୁ ଆରମ୍ଭ କରି ଛୋଟବଡ଼ ବ୍ୟବସାୟୀଙ୍କ ଆୟ ବୃଦ୍ଧି ପାଇବ। ଏଥିସହିତ ସ୍ଥାନୀୟ ଅଞ୍ଚଳରେ ପର୍ଯ୍ୟଟକଙ୍କ ଆଗମନର ବିନୋଦନ ପାଇଁ ଉପଖଣ୍ଡର ପ୍ରତିଟି ଅଞ୍ଚଳରେ ଏକାଧିକ ଆତ୍ମନିର୍ଭରଶୀଳ ବ୍ୟବସାୟ ପ୍ରତିଷ୍ଠାନ ସୃଷ୍ଟି ହୋଇପାରିବ। କଳିଙ୍ଗ ମୋର୍ଚ୍ଚା ପକ୍ଷରୁ ସରକାରଙ୍କୁ କପ୍ତିପଦା ଉପଖଣ୍ଡର ଏହି ବିକାଶ ସାର୍ଥକୁ ଦୃଷ୍ଟିରେ ରଖି ଦେବକୁଣ୍ଡର ମୁଖ୍ୟ ଫାଟକ ପାଖରୁ ମା' ଅମ୍ବିକାଙ୍କ ମନ୍ଦିର ପର୍ଯ୍ୟନ୍ତ ଅଞ୍ଚଳକୁ ବ୍ୟାଘ୍ର ସଂରକ୍ଷିତ ଜଙ୍ଗଲରୁ ବାଦ କରି ପର୍ଯ୍ୟଟନ ବିଭାଗକୁ ହସ୍ତାନ୍ତର କରାଯିବା ସହିତ ଦେବକୁଣ୍ଡକୁ ସ୍ୱତନ୍ତ୍ର ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଓ ଏଠାରେ ରୋପଓ୍ୱେ ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ଅନୁରୋଧ କରାଯାଇଛି।

# କୁରୁଳିଆ-ବଳା ଛକରେ କଂଗ୍ରେସ ଭାଇଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**କରଞ୍ଜିଆ,୩୦।୬(ସମିସ):** କରଞ୍ଜିଆ ବ୍ଲକର କୁରୁଳିଆ-ବଳା ଛକରେ ବିଶିଷ୍ଟ ଗାନ୍ଧିବାଦୀ ତଥା ମୟୂରଭଞ୍ଜର ଭୂମିପୁତ୍ର କଂଗ୍ରେସ ଭାଇଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ଏ ଅବସରରେ ଉପସ୍ଥିତ ସର୍ବସାଧାରଣଙ୍କ ସର୍ବସମ୍ମତିକ୍ରମେ ଛକର ନାମ "କଂଗ୍ରେସ ଭାଇ ଛକ' ଭାବେ ନାମକରଣ କରାଯାଇଛି। ସଭାରେ କଂଗ୍ରେସ ଭାଇଙ୍କ ସେବା, ଗାନ୍ଧିବାଦୀ ଆଦର୍ଶ ଓ ସମାଜ ପ୍ରତି ତାଙ୍କର ଅବଦାନକୁ ସ୍ମରଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରମିଳା ନାୟକଙ୍କୁ 'ବୀର ଫୁଲମଣି ସେବା ସମ୍ମାନ' ପ୍ରଦାନ କରାଯାଇଥିବାବେଳେ ସର୍ବୋଦୟ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୪ ଜଣ ସମାଜସେବୀଙ୍କୁ ସର୍ବୋଦୟ ସେବା ସାଥୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପ୍ରତିମୂର୍ତ୍ତି ନିର୍ମାଣର ସମସ୍ତ ବ୍ୟୟ ସମାଜସେବୀ ସାଧୁଚରଣ ନାୟକ ବହନ କରିଥିବାବେଳେ ଦୁର୍ଯ୍ୟୋଧନ ଦେଓ ଓ ଶୁଭଦ୍ରା ଦେଓ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଜମି ଦାନ କରିଥିଲେ। ପୂର୍ବତନ ବିଧାୟକ ବିଜୟ ନାୟକଙ୍କ ସମେତ ବହୁ ସମାଜସେବୀ, ବୁଦ୍ଧିଜୀବୀ ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି କଂଗ୍ରେସ ଭାଇଙ୍କ ଆଦର୍ଶକୁ ଅନୁସରଣ କରିବା ପାଇଁ ଆହ୍ୱାନ ଜଣାଇଥିଲେ।

# ଓମ୍‌ସା ଆନ୍ଦୋଳନରେ ସାମିଲ ହେବ କରଞ୍ଜିଆ ଶାଖା

**କରଞ୍ଜିଆ, ୩୦।୬(ସମିସ):** ଆସନ୍ତାକାଲି ଜୁଲାଇ ୧ ତାରିଖ 'ଡକ୍ଟର୍ସ ଡେ' ଅବସରରେ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ (ଓମ୍‌ସା) ଆକ୍ସନ କମିଟି ଆହ୍ୱାନକ୍ରମେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ। ଏ ନେଇ ମଙ୍ଗଳବାର କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ସଭାଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡାକ୍ତରମାନେ ସୂଚନା ଦେଇଛନ୍ତି। ସଂଘର ନ୍ୟାୟସଙ୍ଗତ ଓ ବୈଧ ଦାବି ପ୍ରତି ସରକାରଙ୍କ ଲଗାତର ଅବହେଳାର ପ୍ରତିବାଦରେ ଜୁଲାଇ ୧ରୁ ଜରୁରିକାଳୀନ ସେବା ସମେତ ସମସ୍ତ ଚିକିତ୍ସା ସେବା ବନ୍ଦ ରଖାଯିବ ବୋଲି ଓମସା ପକ୍ଷରୁ ଘୋଷଣା କରାଯାଇଛି। ଫଳରେ ରାଜ୍ୟର ସମସ୍ତ ସରକାରୀ ଚିକିତ୍ସାଳୟରେ ଓପିଡି ସହ ଅନ୍ୟାନ୍ୟ ନିୟମିତ ସ୍ୱାସ୍ଥ୍ୟସେବା ପ୍ରଭାବିତ ହେବାର ସମ୍ଭାବନା ରହିଛି। ଓମ୍‌ସାର ଆହ୍ୱାନକୁ ସମର୍ଥନ ଜଣାଇ କରଞ୍ଜିଆ ଶାଖା ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହେବ ବୋଲି କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ କରଞ୍ଜିଆ ଶାଖା ସଭାପତି ଡା. କ୍ଷୀରେନ୍ଦ୍ର ନାଥ ପାତ୍ର, ସମ୍ପାଦକ ଡା. ଗୌରାଙ୍ଗ ଚରଣ ମହାନ୍ତ, ଉପସଭାପତି ଡା. ଚିତ୍ତରଞ୍ଜନ ନାୟକଙ୍କ ସହ ବରିଷ୍ଠ ଚିକିତ୍ସକ ଡା. ଅନୀତା ସିଂ, ଡା. ପ୍ରବୀଣ କୁମାର ସେଠୀ ଓ ଉପଖଣ୍ଡର ଅନ୍ୟାନ୍ୟ କାର୍ଯ୍ୟରତ ଡାକ୍ତର ଉପସ୍ଥିତ ରହି ଆନ୍ଦୋଳନ ପ୍ରତି ସମର୍ଥନ ଜଣାଇଥିଲେ।

## ବଡ଼ଖମଣ ହାଇସ୍କୁଲରେ ନାହାନ୍ତି ଇଂରାଜୀ ଓ ଗଣିତ ଶିକ୍ଷକ

# ୨ କିଲୋମିଟର ଚାଲି ଚାଲି ଆସି ବିଇଓଙ୍କୁ ଗୁହାରି କଲେ ଛାତ୍ରଛାତ୍ରୀ



**ଉଦଳା,୩୦।୬(ସମିସ):** ତହ ତହ ଖରାରେ ୨ କିଲୋମିଟର ବାଟ ଚାଲି ଚାଲି ଆସି ନିଜ ସ୍କୁଲରେ ଖାଲିପଡ଼ିଥିବା ଶିକ୍ଷକ ପଦ ପୂରଣ କରାଯିବାକୁ ଛାତ୍ରଛାତ୍ରୀ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ)ଙ୍କୁ ଗୁହାରି କରିଛନ୍ତି। ଏଭଳି ଚିତ୍ର ଦେଖିବାକୁ ମିଳିଛି ଉଦଳାରେ। ଉଦଳା ବ୍ଲକ ବଡ଼ଖମଣ ଉଚ୍ଚବିଦ୍ୟାଳୟରେ ଇଂରାଜୀ ଓ ଗଣିତ ଶିକ୍ଷକ ନାହାନ୍ତି। ବର୍ଷକରୁ ଅଧିକ ହେବ ଏହି ଦୁଇ ପଦବୀ ଫାଙ୍କା ପଡ଼ିଛି। ଏହି କାରଣରୁ ଚଳିତବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଗଣିତ ଓ ଇଂରାଜୀ ବିଷୟ ଖରାପ ହୋଇଥିଲା। ପୂର୍ବରୁ ଏହି ଦୁଇ ପଦବୀ ପୂରଣ ପାଇଁ ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକ ବାରମ୍ବାର ଉପଜିଲ୍ଲାପାଳଙ୍କଠୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଅବଗତ କରାଇଛନ୍ତି। ତେବେ ଆଜି ପର୍ଯ୍ୟନ୍ତ ଶିକ୍ଷକ ନିଯୁକ୍ତି ହୋଇପାରିନାହିଁ। ଫଳରେ ଆଜି ପୁଣି ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକ ଦୁଇ କିଲୋମିଟରରୁ ଅଧିକ ରାସ୍ତା ଚାଲି ଚାଲି ଆସି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଭେଟି ଗୁହାରି ଜଣାଇଛନ୍ତି। ଏହା ହାଇସ୍କୁଲ ହୋଇଥିବାରୁ ଯାହା କରିବେ ଜିଲ୍ଲା ଶିକ୍ଷା ଅଧିକାରୀ କରିବେ ବୋଲି ବିଇଓ ସୁବ୍ରତ କୁମାର କିସ୍କୁ କହିଥିବା ଜଣାପଡ଼ିଛି।

## ଜାତୀୟ ପେନଚକ ସିଲାଟ୍‌ରେ କରଞ୍ଜିଆର ସଫଳତା

# ୨ ସ୍ୱର୍ଣ୍ଣ, ୨ ବ୍ରୋଞ୍ଜ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା




**କରଞ୍ଜିଆ, ୩୦।୬(ସମିସ):** ଜାତୀୟ ସ୍ତରରେ କରଞ୍ଜିଆର ନାମକୁ ପୁଣିଥରେ ଗୌରବାନ୍ୱିତ କରିଥିବା କରଞ୍ଜିଆ ପେନଚକ ସିଲାଟ୍ ସଂଘର ଖେଳାଳି। ମହାରାଷ୍ଟ୍ରର ନାସିକରୁ ନିଜ ଜନ୍ମମାଟି କରଞ୍ଜିଆକୁ ଫେରିବା ପରେ ସେମାନଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧିତ କରାଯାଇଛି। ଜାତୀୟ ପ୍ରତିଯୋଗିତାରେ ୨ଟି ସ୍ୱର୍ଣ୍ଣ ଓ ୨ଟି କାଂସ୍ୟ ପଦକ ଜିତି କରଞ୍ଜିଆ ଓ ମୟୂରଭଞ୍ଜ ପାଇଁ ଗୌରବ ଆଣିଥିବା ଏହି ଖେଳାଳିଙ୍କ ସଫଳତାକୁ ନେଇ ସମଗ୍ର ଅଞ୍ଚଳରେ ଖୁସିର ଲହରି ଦେଖିବାକୁ ମିଳିଛି। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ପେନଚକ ସିଲାଟ୍ ପ୍ରତିଯୋଗିତା ଜୁନ୍ ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରର ନାସିକଠାରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର ସବ୍‌ଜୁନିୟର ବାଳିକା ସୋଲୋ ବିଭାଗରେ ସମୀକ୍ଷା ପି. ମହାନ୍ତ ସ୍ୱର୍ଣ୍ଣପଦକ ହାସଲ କରିଥିବାବେଳେ ସବ୍‌ଜୁନିୟର ବାଳିକା ଗଣ୍ଡା ବିଭାଗରେ ସମୀକ୍ଷା ପି. ମହାନ୍ତ ଓ ଅନୁଷ୍କାପ୍ରିୟା ନାୟକ ଯୋଡ଼ି ସ୍ୱର୍ଣ୍ଣପଦକ ଜିତିଥିଲେ। ସେହିପରି ସବ୍‌ଜୁନିୟର ବାଳକ ରେଗୁ ବିଭାଗରେ ଦେବାଙ୍ଗ ସ୍ୱାଇଁ, କେଶବ ଲଖୋଟିଆ ଓ ବିଶ୍ୱପ୍ରତାପ ସାହୁ ବ୍ରୋଞ୍ଜ ପଦକ ହାସଲ କରିଥିବାବେଳେ ଜୁନିୟର ବାଳକ ରେଗୁ ବିଭାଗରେ ଗୌତମ ମହାନ୍ତ, ରକ୍ଷିତ ତନ୍ମୟ ସାହୁ ଓ ଶିବାନନ୍ଦ ପଣ୍ଡା ବ୍ରୋଞ୍ଜ ପଦକ ଜିତିଥିଲେ। ନାସିକରୁ କରଞ୍ଜିଆରେ ପହଞ୍ଚିବା ପରେ ଖେଳାଳିଙ୍କୁ ସେମାନଙ୍କ ଗୁରୁ ଆଶିଷ କୁମାର ମହାନ୍ତ ପୁଷ୍ପମାଲ୍ୟ ପିନ୍ଧାଇ ଓ ଆଲିଙ୍ଗନ କରି ସ୍ୱାଗତ ଜଣାଇଥିଲେ। ପରେ ସମସ୍ତଙ୍କୁ ମିଷ୍ଟାନ୍ନ ଖୁଆଇ ଏହି ଗୌରବମୟ ସଫଳତାର ଖୁସି ପାଳନ କରାଯାଇଥିଲା। ଏ ଅବସରରେ ଖେଳାଳିଙ୍କ ଅଭିଭାବକ ମଧ୍ୟ ଉପସ୍ଥିତ ଥିଲେ। କରଞ୍ଜିଆ ପେନଚକ ସିଲାଟ୍ ସଂଘର ଏହି ସଫଳତା ଜିଲ୍ଲାର କ୍ରୀଡ଼ା କ୍ଷେତ୍ର ପାଇଁ ଏକ ଐତିହାସିକ ସଫଳତା ଭାବେ ବିବେଚିତ ହେଉଛି। ଏହି କୃତିତ୍ୱ ଅଞ୍ଚଳର ଅନ୍ୟ ଯୁବ ଖେଳାଳିଙ୍କୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ ବୋଲି କ୍ରୀଡ଼ାପ୍ରେମୀ ମତ ପ୍ରକାଶ କରିଛନ୍ତି।

# ହିଙ୍ଗୁଳା ପୀଠରେ ଅଘଟଣ, ୨ ଆହତ

**ବଡ଼ସାହି,୩୦।୬(ସମିସ):** ବଡ଼ସାହି ବ୍ଲକ୍ ଅଧୀନ ସୁହାଗପୁର ପଞ୍ଚାୟତ କଉଡଖଣି ଗ୍ରାମ ଶାଲୁଅ ଜଙ୍ଗଲରେ ପୂଜା ପାଉଛନ୍ତି ପ୍ରତ୍ୟକ୍ଷ ଦେବୀ ମା' ହିଙ୍ଗୁଳା। ପ୍ରତିଦିନ ସେଠାରେ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହେଉଛି। ମଙ୍ଗଳବାର ଓ ଶନିବାର ମା'ଙ୍କ ବାରିରେ ଏହି ଭିଡ ପ୍ରତିଦିନ ଅପେକ୍ଷା ଅଧିକ ହୋଇଥାଏ। ଆଜି ବାଲେଶ୍ୱର ଖନ୍ତାପଡ଼ା ମାଲା ଗ୍ରାମର ଦିଲ୍ଲୀପ କୁମାର ପାତ୍ରଙ୍କ ପରିବାର ଏଠାକୁ ପୂଜା କରିବାକୁ ଆସିଥିଲେ। ସେଠାରେ ପୁଅର ଚୁଟି ପକାଇ ଆସିଥିବା ତାଙ୍କ କାର୍‌କୁ ପୂଜା କରି ବିଧି ଅନୁସାରେ ଦିଲ୍ଲୀପ ଲେମ୍ବୁ ଚପାଉଥିବାବେଳେ କାର୍‌ଟି ନିୟନ୍ତ୍ରଣ ହରାଇ ଏକ ସ୍କୁଟିକୁ ଧକ୍କାଦେଇ ଏକ ଶାଳ ଗଛରେ ଖୁବ ଜୋରରେ ଧକ୍କା ହୋଇଥିଲା। ଫଳରେ ଦିଲ୍ଲୀପଙ୍କ ସହିତ ସ୍କୁଟିରେ ଥିବା ୨ ମହିଳା ଗୁରୁତର ଆହତ ହୋଇଥିଲେ। ମହିଳାମାନେ ହେଲେ ରେମୁଣା ଥାନା ଅଧୀନ ରାଉତରାପୁର ଗ୍ରାମର ଇନ୍ଦ୍ରାଣୀ ରାଉତ(୭୯) ଓ ଛେଳିଆ-ଏ ଗ୍ରାମର ସଜନି ବେହେରା ବୋଲି ଜଣାଯାଇଛି। ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଓ ଦମକଳ ଗାଡିରେ ବଡସାହି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମାତ୍ର ଦିଲ୍ଲୀପ ଓ ଇନ୍ଦ୍ରାଣୀଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି।

# ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଉଦ୍‌ଯାପିତ

**କୁଆମରା, ୩୦।୬(ସମିସ):** ଗୋପବନ୍ଧୁନଗର ବ୍ଲକରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ଅନ୍ୟତମ ଅତିଥି ଭାବେ ବିଡିଓ ପୃଥିରାଜ ପରିଡା, ଜିଲ୍ଲା ଶ୍ରମ ଅଧିକାରୀ ଚନ୍ଦନ ମାଝୀ, ସିଡିପିଓ ଭାନୁମତୀ ବେହେରା, ଖୁଣ୍ଟା ଡାକ୍ତରଖାନାର ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସତ୍ୟଜିତ ଦାସ ପ୍ରମୁଖ ଯୋଗଦେଇ ପଞ୍ଚାୟତର ସୁଶାସନ, ଗ୍ରାମାଞ୍ଚଳର ପରିବର୍ତ୍ତନ ସହ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ଯୋଜନା ସମ୍ପର୍କରେ ବଖାଣିଥିଲେ। ଏଥି ପୂର୍ବରୁ ଜନଜାତି, କୃଷକ ଓ ଯୁବ ସମ୍ମିଳନୀ କାର୍ଯ୍ୟକ୍ରମ ପୃଥକ ତିନିଦିନ ଧରି ଅନୁଷ୍ଠିତ ହୋଇଥିଲା। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସରକାରୀ ସାହାଯ୍ୟ, ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଆୟୁଷ୍ମାନ କାର୍ଡ, ସୂର୍ଯ୍ୟ ଘର, ମିଶନ ଶକ୍ତି ଜରିଆରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା, ସୁଭଦ୍ରା ଯୋଜନା ପ୍ରଭୃତି ଉପରେ ବୁଝାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ପଞ୍ଚାୟତର ଜନପ୍ରତିନିଧି, ମହିଳା ସ୍ୱୟଂସହାୟିକା ଗୋଷ୍ଠୀ, ଅଙ୍ଗନବାଡି କର୍ମୀ, ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏ ଅବସରରେ ସାଇଁକୁଳା ଗ୍ରାମ୍ୟ ଚେତନା ନାଟ୍ୟ ସଂସ୍ଥା ପକ୍ଷରୁ ଧରଣୀଧର ମହାପାତ୍ର ଓ ତାଙ୍କ ସାଥୀଙ୍କ ଦ୍ୱାରା ପାଲା ମାଧ୍ୟମରେ ସଚେତନତା କରାଯାଇଥିଲା। ଖୁଣ୍ଟା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଶେଷରେ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ କାର୍ଡ ବଣ୍ଟନ ଓ ଅଙ୍ଗନବାଡି କର୍ମୀଙ୍କୁ ସ୍ମାର୍ଟ ଫୋନ ବଣ୍ଟନ କରାଯାଇଥିଲା।

# କରଞ୍ଜିଆ ଓକିଲ ସଂଘର ବୈଠକ

**କରଞ୍ଜିଆ,୩୦।୬(ସମିସ):** ମୟୂରଭଞ୍ଜ ଜିଲ୍ଲାକୁ ଖଣ୍ଡବିଖଣ୍ଡିତ ନ କରି ଅଖଣ୍ଡ ମୟୂରଭଞ୍ଜ ଭାବେ ବଜାୟ ରଖିବା ଦାବିରେ ଆନ୍ଦୋଳନ ଦିନକୁ ଦିନ ତେଜିବାରେ ଲାଗିଛି। ଏହି ପ୍ରସଙ୍ଗକୁ ନେଇ କରଞ୍ଜିଆ ଓକିଲ ସଂଘ ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଜିଲ୍ଲାର ଐତିହ୍ୟ, ଭୌଗୋଳିକ ଏକତା ଓ ସାମାଜିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୟୂରଭଞ୍ଜକୁ ବିଭକ୍ତ ନ କରିବାକୁ ଦାବି କରାଯାଇଛି। ଓକିଲ ସଂଘର ସଦସ୍ୟ କହିଛନ୍ତି ଯେ, ମୟୂରଭଞ୍ଜ ଜିଲ୍ଲାର ଅଖଣ୍ଡତା ବଜାୟ ରହିବା ଜନସାଧାରଣଙ୍କ ସ୍ୱାର୍ଥରେ ରହିଛି। ଏହି ଦାବିକୁ ନେଇ ଆଗାମୀ ଦିନରେ ଗଣଆନ୍ଦୋଳନକୁ ଅଧିକ ବ୍ୟାପକ କରାଯିବା ସହ ବିଭିନ୍ନ ସଙ୍ଗଠନ ଓ ସାଧାରଣ ଲୋକଙ୍କ ସମର୍ଥନ ଲୋଡ଼ାଯିବ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ବୈଠକରେ ଉପସ୍ଥିତ ସଦସ୍ୟ ଏକମତ ହୋଇ କହିଛନ୍ତି ଯେ, ଅଖଣ୍ଡ ମୟୂରଭଞ୍ଜ ପାଇଁ ସେମାନଙ୍କ ଲଢ଼େଇ ଜାରି ରହିବ ଓ ଆବଶ୍ୟକ ପଡ଼ିଲେ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ।

# ପତ୍ନୀଙ୍କୁ ନିର୍ଯାତନା ଓ ଗର୍ଭ ନଷ୍ଟ ଅଭିଯୋଗରେ ସ୍ୱାମୀ ଗିରଫ

**ବେତନଟୀ, ୩୦।୬(ସମିସ):** ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ କଷିପଦା ଗ୍ରାମରେ ପତ୍ନୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ସହ ଭ୍ରୂଣ ହତ୍ୟା କରିବା ଅଭିଯୋଗରେ ସ୍ୱାମୀ ସମୀର ଦାସଙ୍କୁ ପୁଲିସ ଗିରଫ କରିଛି। ଗତବର୍ଷ ନଭେମ୍ବର ମାସରେ ବର୍ଷା ଭଲ ପାଇ ସମୀର ଦାସଙ୍କୁ ବିବାହ କରିଥିଲେ। ବିବାହର ଏକମାସ ପରଠାରୁ ସମୀର ତାଙ୍କୁ ନିରନ୍ତର ମାନସିକ ଓ ଶାରୀରିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ବର୍ଷା ଯେତେବେଳେ ଦେଢ଼ ମାସର ଗର୍ଭବତୀ ଥିଲେ, ସେ ସମୟରେ ମଧ୍ୟ ଅତ୍ୟାଚାର ଜାରି ରହିଥିଲା ବୋଲି ଅଭିଯୋଗ ହୋଇଛି। ଏହି ଘଟଣାରେ ବୈଶିଙ୍ଗା ଥାନାରେ ୩୨୯/୨୬ରେ ମାମଲା ରୁଜୁ କରାଯାଇଥିଲା। ଅଭିଯୋଗ ଦାଖଲ ହେବା ପରଠାରୁ ସମୀର ଫେରାର ଥିଲେ। ବୈଶିଙ୍ଗା ଥାନା ଏଏସଆଇ ପ୍ରଦୀପ ଦେଙ୍କ ନେତୃତ୍ୱରେ ପୁଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ରବିବାର ଦିନ ସମୀରଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ କୋର୍ଟକୁ ଚାଲାଣ କରାଯାଇଛି। ଏହି ଘଟଣା ସ୍ଥାନୀୟ ମହିଳା ସଂଗଠନ ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

# ସାନ୍ତାଳ ହୁଲ ଦିବସରେ ସେଙ୍ଗେଲ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଦାବିପତ୍ର

**ସାରସକଣା,୩୦।୬(ସମିସ):** ବ୍ରିଟିଶ ଶାସନ ବିରୁଦ୍ଧରେ ମହାନ ସହିଦ ସିଧୁ ମୁର୍ମୁଙ୍କ ନେତୃତ୍ୱରେ ୧୮୫୫ ଜୁନ୍ ୩୦ରେ ହୋଇଥିବା ଦେଶର ପ୍ରଥମ ଐତିହାସିକ ସାନ୍ତାଳ ହୁଲର ୧୭୧ତମ ହୁଲ ଦିବସ ଅବସରରେ ଆଦିବାସୀ ସେଙ୍ଗେଲ ଅଭିଯାନ ପ୍ରଦେଶ ପାର୍ଗାନା ସହ ବାରିପଦା ଜୋନାଲ କମିଟି ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଆଦିବାସୀଙ୍କ ପାଇଁ ୭ ଦଫା ସମ୍ବଳିତ ଦାବିପତ୍ର ସାରସକଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପସ୍ଥିତ ଥିବାରୁ ବ୍ଲକ ବଡ଼ବାବୁ ମିଳନ ରାୟଙ୍କୁ ପ୍ରଦାନ କରାଯାଇଛି। ଯେପର୍ଯ୍ୟନ୍ତ ସେଙ୍ଗେଲର ଉକ୍ତ ଦାବି ପୂରଣ ହେବନାହିଁ, ସେ ପର୍ଯ୍ୟନ୍ତ ବିକାଶର ଧାରା, ଓଡ଼ିଶା ସାରା କାର୍ଯ୍ୟକ୍ରମରେ ପ୍ରକାଶ କରାଯାଉଥିବା ଯୋଜନାରେ ଆଦିବାସୀଙ୍କ ସମ୍ପୂର୍ଣ୍ଣ ଉନ୍ନତି ଓ ବିକାଶ ହେବ ନାହିଁ ବୋଲି ନାରାନ ମୁର୍ମୁ କହିଛନ୍ତି। ଭାରତର ୧୫ କୋଟି ଆଦିବାସୀ ଲୋକଙ୍କ ପାଇଁ ସାର୍ନା ଧର୍ମ କୋଡ୍ ପ୍ରଦାନ, ଆଦିବାସୀଙ୍କ ଧାର୍ମିକ ସ୍ଥଳ ମାରାଂବୁରୁ, ଲୁଗୁବୁରୁ, ଆଜନ୍ଧିଆ ବୁରୁକୁ ଅନ୍ୟ ଧର୍ମର ଲୋକଙ୍କ କବଳରୁ ରକ୍ଷା କରାଯିବା ଓ ଜାହେରଗାଳ ସହିତ ମାରାଂବୁରୁ, ଜାହେର ଆୟ, ମଳେକ-ତୁରୁୟକ ଆଦି ଦେବଦେବୀଙ୍କୁ ସୁରକ୍ଷା ପ୍ରଦାନ, ଆଦିବାସୀ ପାରମ୍ପରିକ ସୁଶାସନ ବ୍ୟବସ୍ଥା ନାମରେ ବିଦ୍ୟମାନ ବଂଶବାଦୀ ବ୍ୟବସ୍ଥାକୁ ସୁଧାର ପାଇଁ ସମ୍ବିଧାନ, ଆଇନ ଲାଗୁ, ଆଦିବାସୀଙ୍କ ସାମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମରେ ନିଶା (ମଦ, ହାଣ୍ଡିଆ) ବଦଳରେ ବେରେଲ ଦାଃ (ନିର୍ମଳ ଜଳ) ବ୍ୟବହାର କରାଯିବା, ଆସାମ ଓ ଆଣ୍ଡାମାନର ଝାଡ଼ଖଣ୍ଡୀ ଆଦିବାସୀଙ୍କୁ ଏସ୍‌ଟି ମାନ୍ୟତା ପ୍ରଦାନ, ସହିଦ ସିଧୁ ମୁର୍ମୁ ଓ ବିର୍ସା ମୁଣ୍ଡାଙ୍କ ବଂଶଧରଙ୍କ ନାମରେ ଦୁଇଟି ଟ୍ରଷ୍ଟ ଗଠନ କରାଯାଉ ଓ ପ୍ରତ୍ୟେକ ଟ୍ରଷ୍ଟରେ ୧୦୦ କୋଟି ଟଙ୍କା ଲେଖାଏଁ ଜମା ପୁଞ୍ଜି (ଅନୁଦାନ) ପ୍ରଦାନ କରାଯିବାକୁ ଦାବି କରାଯାଇଛି। ସ୍ୱାଧୀନ ଭାରତର ଇତିହାସରେ ଆଜି



ମଧ୍ୟ ଆଦିବାସୀ ସମାଜ ନିଜର ମୌଳିକ ଅଧିକାରରୁ ବଞ୍ଚିତ ରହିଛି। ଯାହାକି ଆଦିବାସୀ ସମାଜ ପାଇଁ ଦୁର୍ଭାଗ୍ୟର ବିଷୟ ଅଟେ ବୋଲି ପ୍ରକାଶ କରାଯାଇଛି। ଦାବି ପୂରଣ ନ ହେଲେ ସରକାର ଓ ରାଷ୍ଟ୍ରପତିଙ୍କୁ ବିରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବ୍ଲକ୍ ମୁଖ୍ୟ ଅନନ୍ତ ଚରଣ ମାରାଣ୍ଡି, ବ୍ଲକ ସେଙ୍ଗେଲ ସଭାପତି ହିନ୍ଦୁରାମ ମୁର୍ମୁ, ବ୍ଲକ୍ ପାର୍ଗାନା ବାହାଦୁର ସୋରେନ, କାନ୍ହା ମାରାଣ୍ଡି, ଫୁଲମଣି ସୋରେନ, ଲିଲିମଣି ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶରତ ବିକାଶ ମଞ୍ଚର ଦାବିପତ୍ର

# କପ୍ତିପଦା ବିଇଓଙ୍କ ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ, ୩ ଏବିଇଓ ପଦ ପୂରଣ ଦାବି

**ବାରିପଦା, ୩୦।୬(ସମିସ)**



ମୟୂରଭଞ୍ଜ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ବ୍ଲକ୍ କପ୍ତିପଦାରେ ବ୍ଲକ ଶିକ୍ଷାଧିକାରୀ (ବିଇଓ)ଙ୍କ ସ୍ଥାୟୀ କାର୍ଯ୍ୟାଳୟ ଗୃହ ନିର୍ମାଣ ଓ ଖାଲିପଡ଼ିଥିବା ୩ଟି ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ(ଏବିଓ) ପଦବୀ ପୂରଣ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କ ଜରିଆରେ ମଙ୍ଗଳବାର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରିମିଲସିଂ ଗୋଇପାଇ ଓ ଯୁଗ୍ମ ସମ୍ପାଦକ ମମତା ସିଂ ସାଉଁୟାଙ୍କ ନେତୃତ୍ୱରେ ଜାମାଦାର ବାଲମୁଚୁ, ନବୀନ ମୁଣ୍ଡୁରୀ ଓ ଟିପୁ ମୁଣ୍ଡୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଦାବିପତ୍ରରେ ମୁତାବକ ୨୬ଟି ପଞ୍ଚାୟତକୁ ନେଇ ଗଠିତ କପ୍ତିପଦା ବ୍ଲକରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟଟି ଦୀର୍ଘ ବର୍ଷ ହେବ ଏକ ଭଡ଼ା ଘରେ ଚାଲିଛି। ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାର ସୁଧାର ପାଇଁ ସ୍ଥାୟୀ ସରକାରୀ କୋଠା ଓ ଭିତ୍ତିଭୂମି ନ ଥିବାରୁ ଅନେକ ସମସ୍ୟା ସୃଷ୍ଟି ହେଉଛି। ତେଣୁ କପ୍ତିପଦା ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିମନ୍ତେ ସ୍ୱତନ୍ତ୍ର ଭାବେ ବିଲଡିଂ ଗୃହ ନିର୍ମାଣ କରାଯିବା ସହିତ ଜମି ଓ ଭିତ୍ତିଭୂମିର ବିକାଶ କରାଯିବା ନିମନ୍ତେ ଦାବିପତ୍ରରେ ନିବେଦନ କରାଯାଇଛି। ସେହିପରି ବିଗତ ୫ ବର୍ଷରୁ ଅଧିକ ସମୟ ହେବ ୩ଟି ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ (ଏବିଇଓ) ପଦବୀ ଖାଲିପଡ଼ିଥିବା ମଞ୍ଚ ଅଭିଯୋଗ କରିଛି। ତେଣୁ ଯଥାଶୀଘ୍ର ୩ଟି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନିଯୁକ୍ତି କରାଯିବାକୁ ଦାବିପତ୍ରରେ ନିବେଦନ କରାଯାଇଛି। ଏହି ବ୍ଲକ ଅଧୀନରେ ୧୬୮ଟି ପ୍ରାଥମିକ ବିଦ୍ୟାଳୟ, ୧୫ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୯ଟି ଅନୁଦାନପ୍ରାପ୍ତ, ୨୬ଟି ସରକାରୀ ଉଚ୍ଚ ବିଦ୍ୟାଳୟ ଓ ୧୫ଟି ବ୍ଲକ ଗ୍ରାଣ୍ଟ ଉଚ୍ଚ ବିଦ୍ୟାଳୟକୁ ମିଶାଇ ୩୨୧ ବିଦ୍ୟାଳୟ ରହିଛି। ଯେଉଁଥିରେ ୧୦୦୦ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ଓ ୩୦,୦୦୦ରୁ ଅଧିକ ଛାତ୍ରଛାତ୍ରୀ ପଢୁଛନ୍ତି। ଏତେ ବଡ଼ ଶିକ୍ଷା ବ୍ୟବସ୍ଥାର ସଫଳ ପରିଚାଳନା ପାଇଁ ତୁରନ୍ତ ପାଣ୍ଠି ମଞ୍ଜୁର କରି ସ୍ଥାୟୀ କୋଠା ନିର୍ମାଣ ଓ ଅଧିକାରୀ ପଦବୀ ପୂରଣ କରିବାକୁ ଶରତ ବିକାଶ ମଞ୍ଚ ସଭାପତି ଗୋଇପାଇ ଓ ସ୍ଥାନୀୟ ବାସିନ୍ଦା ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକ କହିଛନ୍ତି, ମୋ' ଜାଣିବାରେ ଆମ ଜିଲ୍ଲା ମୟୂରଭଞ୍ଜ ଓ ଓଡ଼ିଶାର କୌଣସି ବ୍ଲକରେ ମଧ୍ୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇନାହିଁ। ଏହି ନ୍ୟାର୍ଯ୍ୟପୂର୍ଣ୍ଣ ଦାବିପତ୍ରକୁ ମୁଖ୍ୟମନ୍ତ୍ରୀଙ୍କୁ ସେ ପ୍ରେରଣ କରିବେ ବୋଲି ଶରତ ବିକାଶ ମଞ୍ଚ କର୍ମକର୍ତ୍ତାଙ୍କୁ କହିଥିଲେ। ବିକାଶ ମଞ୍ଚର ଏଭଳି ଉଦ୍ୟମକୁ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକ ପ୍ରଶଂସା କରିଥିଲେ।

## ହଠାତ୍ ମାଡ଼ିଆସିଲା ପାଣି; ବର୍ତ୍ତିଗଲା ନାବାଳକ




ଝୁମ୍ପୁରା, ୩୦।୬(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକର ପଇଡାମଙ୍ଗା ଶାଳ ନିକଟରେ ଥିବା ଡାଇଭର୍ସନ ରାସ୍ତାଦେଇ ମଙ୍ଗଳବାର ଅପରାହ୍ନରେ କିଛି ନାବାଳକ ରାସ୍ତା ପାରି ହେଉଥିବା ସମୟରେ ହଠାତ ପାଣି ମାଡ଼ି ଆସିବାରୁ ଜଣେ ନାବାଳକ ଭାସି ଯାଇଥିଲା। ତେବେ ଭାଗ୍ୟବଶତଃ କିଛି ଦୂର ଭାସିଯିବା ପରେ ସେ ନିଜେ ସୁରକ୍ଷିତ ଏକ ଉଚ୍ଚା ସ୍ଥାନକୁ ଯାଇ ଉଦ୍ଧାର ହୋଇଥିବା ଜଣାପଡ଼ିଛି। ପଇଡାମଙ୍ଗା ମୁଣ୍ଡା ସାହିଠାରୁ ସ୍କୁଲ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ପଇଡାମଙ୍ଗା ଶାଳ ନିକଟ ରାସ୍ତା ଦେଇ ମୁଣ୍ଡାସାହିଅଭିମୁଖେ ୬ରୁ ୭ ଜଣ ନାବାଳକ ଯାଉଥିଲେ। ଏହି ସମୟରେ ପ୍ରବଳ ବର୍ଷା ଯୋଗୁଁ ପାଣି ମାଡ଼ି ଆସିଥିଲା। ପ୍ରଖର ସ୍ରୋତରେ ଜଣେ ନାବାଳକ ଭାସିଯାଇଥିଲା। ଉକ୍ତ ରାସ୍ତାରେ ବାରମ୍ବାର ଏଭଳି ଘଟଣା ଘଟିବା ସହ ରାସ୍ତା ମରାମତି ହେଉ ନଥିବା ଗ୍ରାମବାସୀ ଅଭିଯୋଗ ଆଣି ତୁରନ୍ତ ଏହାର ନିର୍ମାଣ କରିବାକୁ ଦାବି କରିଛନ୍ତି।

## ଉଖୁଣ୍ଡା ଜଗନ୍ନାଥ ମନ୍ଦିରରେ ରତ୍ନମୁଦ କାର୍ଯ୍ୟକ୍ରମ



ଝୁମ୍ପୁରା, ୩୦।୬(ସମିସ): ଝୁମ୍ପୁରା ବ୍ଲକ ଉଖୁଣ୍ଡାସ୍ଥିତ ନବନିର୍ମିତ ଜଗନ୍ନାଥ ମନ୍ଦିରରେ ସୋମବାର ଦେବସ୍ନାନ ଅବସରରେ ରତ୍ନମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିକଟସ୍ଥ ଜଳାଶୟରୁ ଏକ ଶୋଭାଯାତ୍ରାରେ କଳସ ଅଣାଯାଇଥିଲା। ସକାଳ ସାତଟା ସମୟରେ ଦେବସ୍ନାନ ନୀତି ହୋଇଥିଲା। ଗୁରୁପୂଜା ଓ ସୂର୍ଯ୍ୟ ପୂଜା ସକାଳ ଆଠଟାରେ ହୋଇଥିଲା। ସେହିପରି ସାହାଡ଼ା ଓ ବରୁଣ ବୃକ୍ଷ ପୂଜା ନ'ଟାରେ ହୋଇଥିଲା। ରତ୍ନମୁଦ କାର୍ଯ୍ୟକ୍ରମ ୧୨.୩୦ ସମୟରେ ହୋଇଥିଲା। ଶେଷରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅପରାହ୍ନ ୪ଟାରେ ଶେଷ କରାଯାଇଥିଲା। ପାଗ ଭଲଥିବାରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। କାର୍ଯ୍ୟକ୍ରମରେ ଭକ୍ତମାନେ ନିଜ ନିଜର ମନସ୍କାମନା ପାଇଁ, ଧାନ, ଚାଉଳ, ଟଙ୍କା ପଇସା, ସୁନାରୁପା, ଆଦି ଦକ୍ଷିଣା ଦାନ କରିଥିଲେ। କାର୍ଯ୍ୟକ୍ରମକୁ ଗ୍ରାମର ତ୍ରିଲୋଚନ ମହାନ୍ତ, ରାମଚନ୍ଦ୍ର ମହାନ୍ତ, ସରପଞ୍ଚ ମେଘମାଳତୀ ଦେହୁରୀ, ଲକ୍ଷ୍ମୀଧର ମହାନ୍ତ, ବେଣୁଧର ମହାନ୍ତ, ରାଜେଶ କାରୁଆ, ପର୍ଶୁରାମ ମହାନ୍ତ, ଲକ୍ଷ୍ମଣ ରାଉତ, ବିଜୟଲକ୍ଷ୍ମୀ ପାତ୍ରଙ୍କ ସମେତ ସମସ୍ତ କମିଟିର ସଦସ୍ୟ ସହଯୋଗ କରିଥିଲେ।

## ତେଲ ନଦୀ ପୋଲରେ ୩ ଫୁଟ୍‌ର ବନ୍ୟାଜଳ



ଝୁମ୍ପୁରା, ୩୦।୬(ସମିସ): ମଙ୍ଗଳବାର ଅପରାହ୍ନରେ ସାହାରପଡା ବ୍ଲକ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ କୁମୁଲାବାହାଲି ତେଲ ନଦୀ ପୋଲ ଉପରେ ୩ ଫୁଟରେ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ କେନ୍ଦୁଝର- ମୟୂରଭଞ୍ଜ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ଯାତାୟତ ବାଧାପ୍ରାପ୍ତ ହୋଇଛି। ନଦୀ ବଢି ସହ ପୋଲ ଉପରେ ପାଣି ଯୋଗୁଁ ଚିନ୍ତାରେ ରହିଛନ୍ତି ଲୋକେ। ମୟୂରଭଞ୍ଜ ତରଫ ବାଘାଚୁଦା ହାଟକୁ ଆସିଥିବା ଲୋକେ କିପରି ଘରକୁ ଫେରିବେ ସେନେଇ ଚିନ୍ତାରେ ଥିବା ବେଳେ ପୋଲ ଉପରେ ପାଣି ଯୋଗୁଁ ଉଭୟ ପାର୍ଶ୍ୱରେ ଗାଡି ମୋଟର ଅଟକି ରହିଥିବା ଜଣାପଡ଼ିଛି।

## ସାତହଳିଆ ଜଙ୍ଗଲରୁ ଗଳିତ ମୃତଦେହ ଉଦ୍ଧାର

ତେଲକୋଇ, ୩୦।୬(ସମିସ): ତେଲକୋଇ ଥାନା ତାଳପଦା ପଞ୍ଚାୟତ ବଡ଼ଖମଣ ଗ୍ରାମ ଛକ ନିକଟସ୍ଥ ସାତହଳିଆ ଜଙ୍ଗଲରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ତେଲକୋଇ ଥାନା ପୁଲିସ ଉଦ୍ଧାର କରିଛି। ମୃତକଙ୍କ କୌଣସି ପରିଚୟ ମିଳି ନଥିବା ବେଳେ ପୁଲିସ ଘଟଣାସ୍ଥଳରୁ ଏକ ମୋବାଇଲ ଫୋନ, ଗୋଟିଏ ବ୍ୟାଗ ଓ କିଛି ପୋଷାକ ଜବତ କରିଛି। ଜବତ ମୋବାଇଲ ଫୋନ ସୁଇଚ ଅଫ୍ ଥିବାରୁ ମୃତକଙ୍କ ସମ୍ବନ୍ଧରେ ପୁଲିସ କୌଣସି ସୁରାକ ପାଇପାରିନାହିଁ। ଗଳିତ ମୃତଦେହ ୫/୬ ଦିନ ତଳର ହୋଇଥିବା ଅନୁମାନ କରାଯାଉଛି। ପାରିପାର୍ଶ୍ୱିକ ସ୍ଥିତିରୁ ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ହାତୀ ମଡା ଓ ହାତୀଙ୍କ ଝାଡ଼ା ମଧ୍ୟ ପଡ଼ିଥିବା ଦେଖାଯାଇଛି। ତେଲକୋଇ ଥାନା ପକ୍ଷରୁ ୩୩/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୁଲିସ ମୃତଦେହ ଜବତ କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଇଛି। ପରିଚୟ ମିଳି ନଥିବାରୁ ଶବ ସଂରକ୍ଷଣ ଗୃହରେ ମୃତ ଶରୀରକୁ ରଖା ଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ସୂଚନା ମୁତାବକ, କିଛି ଦିନ ପୂର୍ବରୁ ଉକ୍ତ ସ୍ଥାନରେ ହାତୀ ଥିବା ନେଇ ସ୍ଥାନୀୟ ଲୋକେ ଦେଖିଥିଲେ। ସନ୍ଧ୍ୟା ସମୟରେ ଜଣେ ବାଟୋଇ ଉକ୍ତ ରାସ୍ତା ଦେଇ ଯାଉଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ରାସ୍ତାରେ ହାତୀ ଥିବା ନେଇ କହିବା ସହିତ ଯିବା ପାଇଁ ବାରଣ କରିଥିଲେ। ମାତ୍ର ସଂପୃକ୍ତ ବ୍ୟକ୍ତି ନମାନି ରାସ୍ତାରେ ଯାଇଥିଲେ।

## ଦୁଇ ଦିନହେଲା ଜଳଯୋଗାଣ ବନ୍ଦ

# ଜନସ୍ୱାସ୍ଥ୍ୟ ବିଭାଗ ନିଦାବିଷ୍ଟ

ଯୋଡ଼ା,୩୦।୬(ସମିସ): ଯୋଡ଼ା ସହରରେ ଜନସ୍ୱାସ୍ଥ୍ୟ ବିଭାଗର ଚରମ ଅବହେଳା ପୁଣି ଥରେ ପଦାକୁ ଆସିଛି। ସହରର ବିଭିନ୍ନ ସ୍ଥାନରେ ପାଣି ପାଇପ ଫାଟି ହଜାର ହଜାର ଲିଟର ବିଶୁଦ୍ଧ ପାଣି ରାସ୍ତା ଉପରେ ଅନବରତ ବୋହି ନଷ୍ଟ ହେଉଥିବା ବେଳେ ଅନ୍ୟପଟେ ଗତ ଦୁଇ ଦିନ ଧରି ସହରର ଅନେକ ଅଞ୍ଚଳକୁ ପାନୀୟ ଜଳଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଲୋକମାନେ ପିଇବା ପାଣିଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର ପାଇଁ ମଧ୍ୟ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଅଭିଯୋଗ

### ସହରରେ ପାଇପ୍ ଫାଟି ରାସ୍ତାରେ ବୋହୁଛି ପାଣି

ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ପାଇପ ମରାମତି କିମ୍ବା ଜଳଯୋଗାଣ ସ୍ୱାଭାବିକ କରିବା ଦିଗରେ ଆଶାନୁରୂପ ପଦକ୍ଷେପ ନେଉ ନଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ଚାଲିଛି।

ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, ଏକପଟେ ଜଳ ସଙ୍କଟ ଦେଖାଦେଇଥିବା ବେଳେ ଅନ୍ୟପଟେ ପାଇପ ଫାଟି ବିଶୁଦ୍ଧ ପାଣି ଅପଚୟ ହେବା ବିଭାଗର ଅପାରଗତାର ଜ୍ୱଳନ୍ତ ଉଦାହରଣ। ସହରରେ ଜଳ ବଣ୍ଟନ ବ୍ୟବସ୍ଥାର ନିୟମିତ ରକ୍ଷଣାବେକ୍ଷଣ ଅଭାବରୁ ଏଭଳି ସମସ୍ୟା ବାରମ୍ବାର ଦେଖାଦେଉଥିବା ଅଭିଯୋଗ ହେଉଛି। ଏପରି ପାଇପଫାଟିବା ଘଟଣା ଯୋଡ଼ା ସହରର ବାନେଇକଲା ଛକ ନିକଟରୁ ଧରଣୀଧର ଛକ ପର୍ଯ୍ୟନ୍ତ ପ୍ରାୟ ବିଭିନ୍ନ ସ୍ଥାନରେ ପାଣି ବୋହୁଛି। ଅନେକ ବସ୍ତିରେ ମଧ୍ୟ ସମାନ ଅବସ୍ଥା ରହିଛି। ସହରବାସୀ ତୁରନ୍ତ ପାଇପ ମରାମତି, ନିୟମିତ ଜଳଯୋଗାଣ ପୁନଃ ଆରମ୍ଭ ଏବଂ ଭବିଷ୍ୟତରେ ଏଭଳି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ ହୋଇପାରିନାହିଁ। ଯୋଡ଼ା ବିକାଶ ପରିଷଦ ପକ୍ଷରୁ ପାଣି ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଥିଲେ ସୁଦ୍ଧା ପାଣି ସମସ୍ୟାର ସମାଧାନ ହୋଇ ନ ପାରିବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ପରିଷଦର ସଭାପତି ନିରଞ୍ଜନ ବହିଦାର ଜଣାଇଛନ୍ତି।



## ସରକାରୀ ଯୋଜନା ଓ ଦଳୀୟ ସମୀକ୍ଷା ବୈଠକ



### ମହେଶ୍ୱରଙ୍କୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ଦାୟିତ୍ୱ

ଆନନ୍ଦପୁର, ୩୦।୬ (ସମିସ): ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଓଡ଼ିଶାବାସୀଙ୍କ ନିକଟରେ ପହଞ୍ଚାଇବା ପାଇଁ ବିଜେପି ସଂଗଠକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଏନେଇ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସରକାରଙ୍କ କେତେକ ପ୍ରମୁଖ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ରାଜ୍ୟ ସରକାରଙ୍କ ସମଗ୍ର ବୃହତ ପ୍ରଚାର କାର୍ଯ୍ୟକ୍ରମର ସଫଳ ପରିଚାଳନା ପାଇଁ ବିଜେପି ରାଜ୍ୟ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ତଥା ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କୁ "ଧନ୍ୟବାଦ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ କମିଟି'ର ରାଜ୍ୟ ସଂଜଯୋକ ଭାବେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅର୍ପଣ କରାଯାଇଛି। ଶ୍ରୀ ସାହୁଙ୍କ ଦକ୍ଷ ନେତୃତ୍ୱ ଓ ସାଂଗଠନିକ ଅଭିଜ୍ଞତା ବଳରେ ସରକାରଙ୍କ ପ୍ରତିଟି କାର୍ଯ୍ୟକ୍ରମ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆଶା ବ୍ୟକ୍ତ କରି ଖାଉଟି ଓ ଯୋଗାଣ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଦଳର ବିଭିନ୍ନ ପ୍ରମୁଖ କର୍ମକର୍ତ୍ତା ପ୍ରଶାନ୍ତ ସ୍ୱାଇଁ, ଚତୁର୍ଭୁଜ ଶର୍ମା, ନବ ଦନ୍ତା, ଜିତେନ୍ଦ୍ର ବିଶ୍ୱାଳ, ସୁରଥ ସେଠୀ, କେଶରୀ ଦୁର୍ଗା, ଚନ୍ଦ୍ରଶେଖର ରଥ, ଜଗଦୀଶ କଲାର, ସୁମନ୍ତ ମହାରଣା, ଜଗନ୍ନାଥ ମହାପାତ୍ର, ରବି ପାତ୍ର, ସୁନୀଲ ମହାନ୍ତି, ଶ୍ରୀନିବାସ ପ୍ରଧାନ, ସନ୍ତୋଷ ପ୍ରଧାନ, ଅଶୋକ ରଥ, ଉପେନ୍ଦ୍ର ଭଞ୍ଜ, କୌଶିକ ଚାନ୍ଦ, ଉପେନ୍ଦ୍ର ରାଉଳ, ମଦନ ମୋହନ ମହାନ୍ତ, ଗୋବିନ୍ଦ ପ୍ରଧାନ, ରାଜକିଶୋର ମେଣ୍ଡିଲି, ଯଶୋବନ୍ତ ସେଠ୍, ମୁରାରୀ ପାଣିଗ୍ରାହୀ, ରତିଲାଲ ପ୍ରଧାନ, ମନୋରଞ୍ଜନ ଦାଶ, ଜୟଲକ୍ଷ୍ମୀ ମହାନ୍ତି, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଶଙ୍କର୍ଷଣ ଜେନା, ଅମିତା କର, ଶ୍ରୀଧର ସାହୁ ଓ ଅନ୍ୟ ପ୍ରମୁଖ ସଂଗଠକ ଆଲୋଚନା କରିଥିଲେ।

## ମହତାବ ହାଇସ୍କୁଲ୍‌ର ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ଚମ୍ପୁଆ, ୩୦।୬(ସମିସ): କେନ୍ଦୁଝର ଜିଲ୍ଲାର ଚମ୍ପୁଆସ୍ଥିତ ପିଏମ୍‌ଶ୍ରୀ ମହତାବ ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ଲୋକନାଥ ଗୁଇଁଙ୍କ ଅବସର ଗ୍ରହଣ ଉପଲକ୍ଷେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବରିଷ୍ଠ ଶିକ୍ଷକ ଗିରିଶଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିବାବେଳେ ଶିକ୍ଷୟିତ୍ରୀ ଲୋପମୁଦ୍ରା ବଡପଣ୍ଡା, ଗାୟତ୍ରୀ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୧୯୬୬ରେ ଜନ୍ମଗ୍ରହଣ କରିଥିବା ଲୋକନାଥ ଗୁଇଁ ୨୯ ଜୁନ ୧୯୯୪ରେ ଦେଇଝର ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକତା ଜୀବନ ଆରମ୍ଭ କରିବା ପରେ ବଡବିଲ, ସ୍ୱାମପାଟଣା ଓ ପୁରୁଣା ବାନ୍ଧଗଡା ସମେତ ବିଭିନ୍ନ ବିଦ୍ୟାଳୟରେ ସଫଳତାର ସହ କାର୍ଯ୍ୟ କରିଥିଲେ। ୮ ଅକ୍ଟୋବର ୨୦୦୫ରେ ସେ ମହତାବ ଉଚ୍ଚ ବିଦ୍ୟାଳୟରେ ଗଣିତ ଓ ବିଜ୍ଞାନ ଶିକ୍ଷକ ଭାବେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ପ୍ରାୟ ଚାରି ବର୍ଷ ଧରି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ନିଷ୍ଠାର ସହ ଉଲ୍ଲେଖନୀୟ ଅବଦାନ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ ଗିରିଶଚନ୍ଦ୍ର ପ୍ରଧାନଙ୍କୁ ନୂତନ ପ୍ରଧାନଶିକ୍ଷକ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ କର୍ମଚାରୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ସୁସ୍ଥ, ସୁଖମୟ ଅବସର ଜୀବନ କାମନା କରିଥିଲେ।

## ସରକାରୀ ଅର୍ଥ ଆତ୍ମସାତ୍ ମାମଲା

## ଅବସରପ୍ରାପ୍ତ କର୍ମଚାରୀଙ୍କୁ ୨ ବର୍ଷ ଜେଲ୍

କେନ୍ଦୁଝର, ୩୦।୬(ସମିସ): ଓଡ଼ିଶା ଭିଜିଲାନ୍ସର ଏକ ଦୁର୍ନୀତି ମାମଲାରେ ଆଜି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଚମ୍ପୁଆ ବ୍ଲକର ପୂର୍ବତନ ଉନ୍ନୟନ କିରାଣି ତଥା ଷ୍ଟୋର ଇନଚାର୍ଜ ଗଣେଶ୍ୱର ଗିରିଙ୍କୁ ଦୋଷୀ ସାବ୍ୟସ୍ତ କରିଛି। ଗଣେଶ୍ୱର ଗିରି (ଅବସରପ୍ରାପ୍ତ)ଙ୍କ ବିରୋଧରେ ସରକାରୀ ସମ୍ପତ୍ତିର ଅପବ୍ୟବହାର କରି ୨୦୦୭-୦୮ ରୁ ୨୦୧୦-୧୧ ପର୍ଯ୍ୟନ୍ତ ଚମ୍ପୁଆ ବ୍ଲକ ପାଣ୍ଠିକୁ ବ୍ଲକର ସିମେଣ୍ଟ ଷ୍ଟକ୍ ରେଜିଷ୍ଟରରେ ହେରଫେର ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଦୁର୍ନୀତି ବିରୋଧ ଆଇନ ଅନୁସାରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ସ୍ୱତନ୍ତ୍ର ବିଚାରପତି କେନ୍ଦୁଝର ଭିଜିଲାନ୍ସ ମଙ୍ଗଳବାର ଚୂଡ଼ାନ୍ତ ଶୁଣାଣି କରି ଅଭିଯୁକ୍ତ ଶ୍ରୀ ଗିରିଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦୦୦୦ ଟଙ୍କା ଜରିମାନା ଆଦେଶ କରିଛନ୍ତି। ଶ୍ରୀ ଗିରି ଦୋଷୀ ସାବ୍ୟସ୍ତ ହେବା ପରେ ଓଡ଼ିଶା ଭିଜିଲାନ୍ସ ବର୍ତ୍ତମାନ ତାଙ୍କ ପେନସନ ବନ୍ଦ କରିବା ପାଇଁ ପ୍ରାଧିକରଣଙ୍କ ନିକଟରେ ଆବେଦନ କରିବ ବୋଲି ଜଣାପଡିଛି।

## କେଶଦୁରାପାଳରେ ଶ୍ରୀଜୀଉଙ୍କ ଗଜାନନ ବେଶ

ଆନନ୍ଦପୁର, ୩୦।୬(ସମିସ): କେଶଦୁରାପାଳ ଗ୍ରାମର ଶ୍ରୀ ଶ୍ରୀଦଧିବାମନଜୀଉ ମନ୍ଦିରରେ ଦେବସ୍ନାନ ପରେ ଶ୍ରୀଜୀଉଙ୍କ ଗଜବେଶ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଛି। କେଶଦୁରାପାଳ ଓ ଆଖପାଖରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରତ୍ୟୁଷରୁ ପୂଜକ ରଞ୍ଜନ ପଣ୍ଡାଙ୍କ ଦ୍ୱାରା ସମସ୍ତ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ମଧ୍ୟାହ୍ନ ସାଢେ ୧୨ ବେଳେ ଶ୍ରୀଜିଉମାନଙ୍କୁ ସୁବାସିତ ଜଳରେ ସ୍ନାନ କରାଯାଇଥିଲା ଅପରାହ୍ଣ ସାଢେ ୪ଟାବେଳେ ଗଜାନନ ବେଶରେ ମନ୍ଦିରକୁ ଅଣାଯାଇ ସନ୍ଧ୍ୟା ୬ଟା ସମୟରେ ଶ୍ରୀଜୀଉଙ୍କ ଗଜାନନ ବେଶ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ସଂଧ୍ୟା ସମୟରେ ଜନମଙ୍ଗଳ ହାଇସ୍କୁଲର ୨୦୦୮ ବ୍ୟାଚ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୀଳମାଧବ ଭଜନ ସମାରୋହ ଓ ୨୦୦୨ ବ୍ୟାଚ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେଶଦୁରାପାଳ ଗ୍ରାମର ରଥ ମହୋତ୍ସବ କମିଟି, ଦଧିବାମନ ଜୀଉ ମନ୍ଦିର କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ ଉତ୍ସବମୁଖର ହୋଇଉଠିଥିଲା ବଡ଼ଦାଣ୍ଡ। ହଜାର ହଜାର ଭକ୍ତଙ୍କ ସମାଗମ ଶଙ୍ଖ, ଘଣ୍ଟ, ହୁଳହୁଳି ଓ ଜଗନ୍ନାଥଙ୍କ ନାମରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ।



## ବାଂଶପାଳ ମଦ ଦୋକାନ ସ୍ଥାନାନ୍ତର ଦାବି



ତେଲକୋଇ, ୩୦।୬(ସମିସ): ବାଂଶପାଳ ବ୍ଲକ ପରିସରରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଂଶପାଳ ଗ୍ରାମର ଜନପ୍ରତିନିଧିଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ବାଂଶପାଳ ବଜାର ନିକଟରେ ଥିବା ମଦ ଦୋକାନକୁ ନେଇ ଅଭିଯୋଗ କରିଥିଲେ। ବାଂଶପାଳ ବଜାର ନିକଟରେ ଥିବା ମଦ ଦୋକାନକୁ ସ୍ଥାନାନ୍ତର କରିବା ଦାବିରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ତୀବ୍ର ବିରୋଧ ପ୍ରକାଶ ପାଇଛି। ମଦ ଦୋକାନଟି ଘଞ୍ଚ ଜନବସତି ଅଞ୍ଚଳରେ ରହିଥିବା ସହ ବ୍ଲକ କାର୍ଯ୍ୟାଳୟରୁ ପ୍ରାୟ ୭୦୦ ମିଟର ଏବଂ ସରକାରୀ ଆଇଟିଆଇରୁ ମାତ୍ର ୨୦୦ ମିଟର ଦୂରତାରେ ଅବସ୍ଥିତ ଥିବାରୁ ଏହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବଜାର ଅଞ୍ଚଳକୁ ପ୍ରତିଦିନ ଶତାଧିକ ମହିଳା, ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ବିଭିନ୍ନ କାର୍ଯ୍ୟରେ ଆସିଥାନ୍ତି। ମଦ ଦୋକାନ ନିକଟରେ ମଦ୍ୟପ ବ୍ୟକ୍ତିଙ୍କ ଅସଦାଚରଣ, ଅଶାଳୀନ ଭାଷା ପ୍ରୟୋଗ ଏବଂ ରାସ୍ତା ଉପରେ ଅବ୍ୟବସ୍ଥା ସୃଷ୍ଟି ହେଉଥିବାରୁ ମହିଳା ଓ ଅଭିଭାବକମାନେ ଅସୁରକ୍ଷିତ ମନେ କରୁଛନ୍ତି। ଏହାସହ ମଦ୍ୟପାନ କରି ଯାନବାହନ ଚଳାଚଳ କରିବା ଫଳରେ ସଡ଼କ ଦୁର୍ଘଟଣା ମଧ୍ୟ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ଅଞ୍ଚଳବାସୀଙ୍କ ଦାବି ହେଉଛି, ବଜାର ଓ ଶିକ୍ଷାନୁଷ୍ଠାନ ନିକଟରେ ମଦ ଦୋକାନ ରଖିବା ପରିବର୍ତ୍ତେ ଏହାକୁ ଜନବସତିଠାରୁ ଅତି କମରେ ୩ରୁ ୪ କିଲୋମିଟର ଦୂରରେ ସ୍ଥାନାନ୍ତର କରାଯାଉ। ଏନେଇ ଗ୍ରାମ ସଭ୍ୟା ଜଗନ୍ନାଥ ନାଏକ, କନକ ନାଏକ ସମେତ ମନୋଜ ଦେହୁରୀ, ସଞ୍ଜୁଲତ ଦେହୁରୀ, କାର୍ତ୍ତିକା ନାଏକ, ଲୋଚନ କାର୍ଜି ଓ ଗ୍ରାମର ଶତାଧିକ ସ୍ଥାନୀୟ ବାସିନ୍ଦା ପ୍ରଶାସନ ନିକଟରେ ମଦ ଦୋକାନ ସ୍ଥାନାନ୍ତର ପାଇଁ ଜିଲ୍ଲାପାଳ ପାଖରେ ଲିଖିତ ଭାବରେ ଜଣାଇଛନ୍ତି। ଅଞ୍ଚଳରେ ଶାନ୍ତି, ସୁରକ୍ଷା ଏବଂ ସାମାଜିକ ପରିବେଶକୁ ଦୃଷ୍ଟିରେ ରଖି ପ୍ରଶାସନ ଏହି ଦାବି ଉପରେ ଶୀଘ୍ର ସକାରାତ୍ମକ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକମାନେ ଅନୁରୋଧ କରିଛନ୍ତି।

# ସ୍ୱତନ୍ତ୍ର ସଘନ ସଂଶୋଧନର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

### ଜିଲ୍ଲାରେ ମୋଟ ବୁଥ୍ ସଂଖ୍ୟା ୧୯୧୫କୁ ବୃଦ୍ଧି

କେନ୍ଦୁଝର, ୩୦।୬(ସମିସ)



ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ମିନି କନଫରେନ୍ସ ହଲ୍‌ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୬ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଆଗାମୀ 'ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ୨୦୨୬' କାର୍ଯ୍ୟକ୍ରମର ରୂପରେଖ ଓ ସମୀକ୍ଷା ପାଇଁ ଏହି ବୈଠକ ଡକାଯାଇଥିଲା। ଏଥିରେ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗ ଦେଇଥିଲେ। ବର୍ତ୍ତମାନର ୧,୭୨୩ଟି ବୁଥ୍ ସଂଖ୍ୟାରେ ୧୯୨ଟି ନୂଆ ବୁଥ୍ ଯୋଗ କରାଯାଇ ମୋଟ ସଂଖ୍ୟା ୧,୯୧୫କୁ ବୃଦ୍ଧି କରାଯାଇଛି।

ଚମ୍ପୁଆ ପାଇଁ ଏବେ ୪୮ଟି ନୂଆ ବୁଥ୍‌କୁ ମିଶି ମୋଟ ୩୦୩, ତେଲକୋଇ ପାଇଁ ଏବେ ୪୩ଟି ନୂଆ ବୁଥ୍ ମିଶି ମୋଟ ୩୬୪, ଘସିପୁରା ପାଇଁ ଏବେ ୨୯ଟି ନୂଆ ବୁଥ୍ ମିଶି ମୋଟ ୩୨୯, କେନ୍ଦୁଝରପାଇଁ ଏବେ ୨୬ଟି ନୂଆ ବୁଥ୍ ମିଶି ମୋଟ ୩୦୯, ଆନନ୍ଦପୁର ପାଇଁ ଏବେ ୨୪ଟି ନୂଆ ବୁଥ୍ ମିଶି ମୋଟ ୩୧୫ ଏବଂ ପାଟଣା ପାଇଁ ଏବେ ୨୨ଟି ନୂଆ ବୁଥ୍ ମିଶି ମୋଟ ୨୯୫ ହୋଇଛି।

ଜିଲ୍ଲାରେ ଭୋଟର ତାଲିକାକୁ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କ ଦ୍ୱାରା ଘରକୁ ଘର ବୁଲି କରାଯାଇଥିବା ସର୍ଭେ ପରେ ମୋଟ ୬୪,୩୯୮ ଜଣ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦେବା ପାଇଁ ଚିହ୍ନଟ କରାଯାଇଛି। ବିଭିନ୍ନ କାରଣରୁ ଏହି ନାମଗୁଡ଼ିକୁ ବାଦ୍ ଦିଆଯାଉଛି, ଯେପରି ସର୍ବାଧିକ ୩୧,୨୧୧ ଜଣଙ୍କ ନାମ ମୃତ୍ୟୁବରଣ କରିଥିବା କାରଣରୁ ବାଦ୍ ପଡ଼ିବ। ସେହିପରି ୨୩,୩୮୩ ଜଣ ବ୍ୟକ୍ତି ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଯାଇଥିବାରୁ ତାଙ୍କ ନାମ ତାଲିକାରୁ କଟାଯିବ। ଅନ୍ୟପକ୍ଷରେ, ୫,୨୮୮ ଜଣଙ୍କର ନାମ ଦୁଇଥର ତାଲିକାଭୁକ୍ତ ହୋଇଥିବା ଜଣାପଡ଼ିଥିବା ବେଳେ ୪,୨୬୮ ଜଣ ବ୍ୟକ୍ତି ଅନୁପସ୍ଥିତ ରହିଛନ୍ତି। ଏହା ବ୍ୟତୀତ ଅନ୍ୟାନ୍ୟ କାରଣରୁ ଆଉ ୨୪୮ ଜଣଙ୍କ ନାମକୁ ବାଦ୍ ଦେବା ପାଇଁ ଚିହ୍ନଟ କରାଯାଇଛି।

ଜୁଲାଇ ୫ ପ୍ରାଥମିକ ଭୋଟର ତାଲିକା ପ୍ରକାଶନ, ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଅଭିଯୋଗ ଦାଖଲ, ସେପ୍ଟେମ୍ବର ୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ ଧାର୍ଯ୍ୟ କରାଯାଇଛି। ବୈଠକରେ ଜିଲ୍ଲା ନିର୍ବାଚନ ଅଧିକାରୀ ସମସ୍ତ ରାଜନୈତିକ ଦଳକୁ ସେମାନଙ୍କର ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିସହିତ, ଜନସାଧାରଣ ନିଜର ନାମ ଯାଞ୍ଚ କରିବା ଏବଂ କୌଣସି ଅସଙ୍ଗତି ପରିଲକ୍ଷିତ ହେଲେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଭିଯୋଗ ଦାଖଲ କରିବାକୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ଉପଜିଲ୍ଲାପାଳ ମନ୍ଦରଧର ମହାଲିକ, ନିର୍ବାଚନ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର ଅରୁଣିମା ସାହୁ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ।

## ନାରଦପୁରରେ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉତ୍ସବ



ନାରଦପୁର,୩୦।୬(ସମିସ): ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ଗ୍ରାମପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ତିନି ଦିନ ଧରି ଆୟୋଜିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ତଥା ଗୁମୁରା ମଣ୍ଡଳ ଉପସଭାପତି ସୁଶିଲ କୁମାର ନାଏକ ଏହାକୁ ଉଦଘାଟନ କରିଥିଲେ। ନାରଦପୁର ପଞ୍ଚାୟତ ନିର୍ବାହ ଅଧିକାରୀ ଶ୍ରୀକାନ୍ତ ପଲେଇ, ଏଡିଓ ପ୍ରତାପଚନ୍ଦ୍ର ନାଏକ ପରିଚାଳନା କରିଥିବା ବେଳେ ଏମବିକେ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଅନଙ୍ଗବାଡିକର୍ମୀ, ସ୍ୱାସ୍ଥ୍ୟକର୍ମୀ ରାଜେଶ ପ୍ରସାଦ ସାହୁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଆୟୁଷ୍ମାନ କାର୍ଡ ସମ୍ପର୍କରେ ବୁଝାଇଥିଲେ। ଅଙ୍ଗନବାଡ଼ି ପକ୍ଷରୁ ପୋଷଣ ଖାଦ୍ୟ ପ୍ରଦର୍ଶନୀ ଓ ସ୍ୱୟଂସହାୟକ ପକ୍ଷରୁ ବିଭିନ୍ନ ପ୍ରକାର ହସ୍ତଶିଳ୍ପ ପ୍ରଦର୍ଶନ କରାଯାଇଥିଲା। ସୁଭଦ୍ରା ଯୋଜନାରେ ୨୦ ଜଣ ଲକ୍ଷପତି ଦିଦିଙ୍କୁ ଚୟନ କରାଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ କିଶୋର କୁମାର ନାଏକ, ଦେବାନନ୍ଦ ସେଠୀ, ରାମଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ଆମ ସମ୍ବିଧାନ କେବଳ ଆଇନଜ୍ଞଙ୍କ ଏକ ଦସ୍ତାବେଜ ନୁହେଁ, ଏହା ଭାରତୀୟ ଜନଜୀବନର ବାହକ ଏବଂ ସର୍ବକାଳୀନ ପ୍ରେରଣାର ଉତ୍ସ
-ଡ. ବିଆର ଆମ୍ବେଦକର

ସକାଳ
THE SAKALA

## ଜଳସଙ୍କଟର ଚେତାବନୀ

କିଛି ସଙ୍କଟକୁ ସର୍ବଦା ସ୍ଥାନୀୟ ଭାବେ ଦେଖି ହୁଏ ନାହିଁ; ଏହାସହିତ ଗୋଟିଏ ଦେଶର ଓ ଏହାର ଲୋକଙ୍କର ଭାଗ୍ୟ ତଥା ଭବିଷ୍ୟତ ପରୋକ୍ଷ ଭାବେ ଯୋଡ଼ି ହୋଇଯାଏ। ସମ୍ପ୍ରତି ଦେଶର ଯେଉଁକେତେକ ରାଜ୍ୟରେ ଜଳସ୍ତର ଉଦ୍‌ବେଗଜନକ ଭାବେ ହ୍ରାସ ପାଉଥିବାର ତଥ୍ୟ କେନ୍ଦ୍ର ଜଳ ଆୟୋଗ ପକ୍ଷରୁ ପ୍ରକାଶ ପାଇଛି ତାହା ଉପରୋକ୍ତ ତର୍କ ସହିତ ଯୋଡ଼ା ଯାଇପାରେ। କିଛିବର୍ଷ ତଳେ ବେଙ୍ଗାଲୁରୁରେ ସୃଷ୍ଟ ଜଳ ସଙ୍କଟ ଯୋଗୁଁ ବହୁ ଦେଶୀ, ବିଦେଶୀ ପ୍ରତିଷ୍ଠିତ କମ୍ପାନୀ କାର୍ଯ୍ୟାଳୟ ବନ୍ଦ କରି କର୍ମଚାରୀଙ୍କୁ ଘରୁ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନେକ ଲୋକ ନିଜର ଘରେ ତାଲା ଲଗାଇ ନିଜ ନିଜ ଗାଁ ଓ ରାଜ୍ୟକୁ ମଧ ପଳାୟନ କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଚେନ୍ନାଇରେ ମଧ ହୋଟେଲ୍ ବନ୍ଦ ହୋଇଯାଇଥିବା ବେଳେ ରାଜସ୍ଥାନର କେତେକ ଅଞ୍ଚଳରେ ପାଣି ପାଇଁ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏହାର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ ସାରା ଦେଶରେ ଅନୁଭୂତ ହୋଇଥିଲା

ଦିନକୁ ଦିନ ଉତ୍କଟ ହୋଇଚାଲିଥିବା ଜଳସଙ୍କଟ ପାଇଁ ଅଭାବୀ ମୌସୁମୀ, ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଅପେକ୍ଷା ମାନବ କାର୍ଯ୍ୟକଳାପ ଅଧିକ ଦାୟୀ। ଏବେ ଚେନ୍ନାଇ, ଦିଲ୍ଲୀ, ବେଙ୍ଗାଲୁରୁ, ପୁଣେ, ଅହମ୍ମଦାବାଦ, ଗୁରୁଗ୍ରାମ, ହାଇଦ୍ରାବାଦ, ବିଶାଖାପାଟଣା, ଭୁବନେଶ୍ୱର ଆଦି ମେଟ୍ରୋ ପଲିଟାନ୍ ଏବଂ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ସହରରେ ମଧ ଜଳ ସଙ୍କଟ ସୃଷ୍ଟି ହୋଇଛି। ଉଦାହରଣ ଭାବେ ବେଙ୍ଗାଲୁରୁ ସହରକୁ ନିଆଯାଇପାରେ। ଏହି ନଗରୀର ଜଳଯୋଗାଣ ବ୍ୟବସ୍ଥା ଏକଦା ଶତାଧିକ ହ୍ରଦ ଓ ବଡ଼ ବଡ଼ ସରୋବର ଉପରେ ନିର୍ଭର କରୁଥିଲା। କାବିନି ଓ କାବେରୀ ଡ୍ୟାମ୍‌ରୁ ପାଇପ୍ ଯୋଗେ ବହୁ ଦୂରରୁ ପାଣି ଅଣାଯାଇ ସହରକୁ ଯୋଗାଇ ଦିଆଯାଉଥିଲା। ପରିତାପର ବିଷୟ ହେଲା ନଦୀ ନଥିବା ଏହି ସହର ବିଗତ କେଇ ବର୍ଷ ଧରି ଅସମ୍ଭବ ଭାବେ ଉଭୟ ଅନୁପ୍ରସ୍ଥ (ହୋରାଇଜେଣ୍ଟାଲ) ଓ ଉଲମ୍ବ (ଭର୍ଟିକାଲ) ଆକାରରେ ବଢୁଛି। ବୃହତ୍ ବେଙ୍ଗାଲୁରୁ ନଗରପାଳିକାର କାୟା ବୃଦ୍ଧି ପ୍ରତିବର୍ଷ ଘଟି ନଗର ଉପାନ୍ତ ଶହ ଶହ ଗ୍ରାମକୁ ଏଥିରେ ସାମିଲ କରାଯାଉଛି। ବିଲଡର ଓ ବ୍ୟକ୍ତିଗତ ଲୋକ ସେଠାରେ ଯାଗା କିଣି ଆକାଶଚୁମ୍ବୀ ଅଟ୍ଟାଳିକା ଓ ଭବନମାନ ନିର୍ମାଣ କରୁଛନ୍ତି। ଜଳାଶୟ, ଆର୍ଦ୍ରଭୂମି ଆଦିକୁ ଅବିଚାରିତ ଭାବେ ପୋତି ଘର ଓ ବ୍ୟବସାୟ ପ୍ରତିଷ୍ଠାନ କରାଯାଉଛି। ପ୍ରାକୃତିକ ଝରଣା ଓ ଜଳାଶୟଗୁଡ଼ିକ ସହରୀ ଆବର୍ଜନାରେ ପୋତି ହୋଇ ଶୁଖିଯାଉଛି।

ପଚାଶ ବର୍ଗ କିମି ପରିମିତ ଅଞ୍ଚଳରେ ଏକ କୋଟିରୁ ଅଧିକ ଲୋକ ବସବାସ କରିବା ଏବଂ ନଭଶ୍ଚୁମ୍ବୀ ଅଟ୍ଟାଳିକାମାନ ଗଢ଼ି ଉଠିବା ଫଳରେ ଭୂତଳ ଜଳସ୍ତର ବିପଜ୍ଜନକ ଭାବେ ହ୍ରାସ ପାଇବା ସ୍ୱାଭାବିକ। ସହରରେ ଭୂତଳ ଜଳର ପୁନଃକ୍ଷରଣ ବ୍ୟବସ୍ଥା ନାହିଁ। ତେଣୁ ପରିସ୍ଥିତି ଅଣାୟତ୍ତ ହେବା ସ୍ୱାଭାବିକ। ଏହା ଏକ ମନୁଷ୍ୟକୃତ ବିପତ୍ତି। ନଗର ପ୍ରଶାସନ ଓ ସରକାରଙ୍କ ଦୂରଦୃଷ୍ଟି ଏବଂ ଯୋଜନାର ଅଭାବ ଏହାର ମୁଖ୍ୟ କାରଣ। ଏହି ସହରରେ ଏକଦା ୨୬୨ ପ୍ରାକୃତିକ ହ୍ରଦ ଥିଲା। ମାତ୍ର ଛଅ ଦଶନ୍ଧି ମଧରେ ଏହାର ସଂଖ୍ୟା ୮୧ କୁ କମିଆସିଛି। ନଗରୀରେ ଜଳ ବଣ୍ଟନ, ପରିଚାଳନା, ବର୍ଜ୍ୟଜଳର ପୁନଃ ବ୍ୟବହାର, ଜଳ ଯୋଗାଣ ବ୍ୟବସ୍ଥା ବାଟବଣା ହୋଇଯାଇଛି। ଜନସଂଖ୍ୟାର ଚାପ ଏହାକୁ ଉତ୍କଟ କରିଛି। ଜଳ ଉତ୍ସ ନଥିବା ନଗରୀର ଅବସ୍ଥା ସେତେବେଳେ କ'ଣ ହେବ, ତାହା ଚିନ୍ତାର ବିଷୟ। ଦକ୍ଷିଣ ଆଫ୍ରିକାର ଡରବାନ ପରେ ଏହା ବିଶ୍ୱର ଦ୍ୱିତୀୟ ନଗରୀ, ଯେଉଁଠି ଭୂତଳଜଳ ଶୂନ୍ୟରେ ପହଞ୍ଚିଛି। ନଳକୂଅ ସବୁ ଅକାମୀ ହୋଇପଡ଼ିଛି। କୂଅ ଶୁଖିଯାଇଛି। ୨୦୨୨ରେ କର୍ଣ୍ଣାଟକ ସରକାର ଯେଉଁ ଜଳନୀତି ପ୍ରସ୍ତୁତ କରିଥିଲେ, ତାହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଇଥିଲେ ଆଜି ଏ ସମସ୍ୟା ହୁଏତ ହୋଇନଥା'ନ୍ତା। ସମାନ ପରିସ୍ଥିତି ଭୁବନେଶ୍ୱର ଓ କଟକ ସମେତ ମହାନଗର ନିଗମ ଓ ତତ୍‌ସଂଲଗ୍ନ ଅଞ୍ଚଳଗୁଡ଼ିକରେ ଦେଖିବାକୁ ମିଳୁଛି। ଯେଉଁ ଛଅଟି ରାଜ୍ୟରେ ଜଳସ୍ତର ଉଦ୍‌ବେଗଜନକ ଭାବେ ହ୍ରାସ ପାଇ ଚାଲିଛି ବୋଲି ଆୟୋଗ ରିପୋର୍ଟରେ ଉଲ୍ଲେଖ ରହିଛି ସେମାନଙ୍କ ମଧରେ ଓଡ଼ିଶା ମଧ ଅଛି। ଓଡ଼ିଶା ସମେତ ଦେଶର ୧୬୬ ବୃହତ୍ ଜଳଭଣ୍ଡାର ମଧରୁ ୯୦ ପ୍ରତିଶତ ଜଳଭଣ୍ଡାରରେ ଜଳଧାରଣ କ୍ଷମତା ଠାରୁ ମାତ୍ର ୨୬ ପ୍ରତିଶତ ଜଳ ରହିଛି।

ଏବେ ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡ ସମେତ ଭାରତର ୩୦ଟି ପ୍ରମୁଖ ନଗରୀ ଜଳକଷ୍ଟର ସମ୍ମୁଖୀନ ବୋଲି ଜଳ ଆୟୋଗ ରିପୋର୍ଟରୁ ଜଣାଯାଏ। ଏହାକୁ ଅସତ୍ୟ କୁହାଯାଇ ନ ପାରେ। ଭାରତ ବିଶ୍ୱର ଏକ ଜଳ ବଳକା (ମଧୁର ଜଳ) ଦେଶ ହୋଇଥିଲେ ମଧ ଅନେକ ସହର ଓ ଗ୍ରାମାଞ୍ଚଳରେ ଜଳକଷ୍ଟ ବର୍ଷକୁ ଛ'ମାସ ଦେଖାଦିଏ। ଏହାର ପ୍ରମୁଖ କାରଣ ହେଲା ଜଳର କୁପରିଚାଳନା, ଜଳର ମହତ୍ତ୍ୱ ଓ ଗୁରୁତ୍ୱ ନେଇ ଲୋକଙ୍କ ମଧରେ ସଚେତନତାର ଅଭାବ, ଅପଚୟପୂର୍ଣ୍ଣ ଜଳ ଯୋଗାଣ ବ୍ୟବସ୍ଥା, ସଂରକ୍ଷଣର ଅଭାବ, ଦୂଷିତ ଜଳ ଯୋଗାଣ ଏବଂ ଦ୍ରୁତ ଶିଳ୍ପ ଓ ସହରାୟନ। ବିକଶିତ ଭାରତ ନିର୍ମାଣ ପାଇଁ ଆମର ପ୍ରସ୍ତୁତି ଚାଲିଥିବା ବେଳେ ଦେଶର ପ୍ରମୁଖ ସହରାଞ୍ଚଳରେ ଉତ୍କଟ ଜଳାଭାବ ଆଦୌ ଏକ ଶୁଭସୂଚନା ନୁହେଁ।

ଜଳ କେବଳ ଜୀବନ ପାଇଁ ନୁହେଁ, ଅର୍ଥନୀତି, ବିକାଶ ଓ ସଭ୍ୟତା ନିମନ୍ତେ ମଧ ଅପରିହାର୍ଯ୍ୟ। ଜଳ ସଙ୍କଟ ଏବେ ଏକ ଜାତୀୟ ବିପତ୍ତି ଏବଂ ସମଗ୍ର ଦେଶ ତଥା ପ୍ରମୁଖ ନଗରୀଗୁଡ଼ିକ ନିମନ୍ତେ ଏକ ଚେତାବନୀ। ଉପରମୁଣ୍ଡରେ ନଦୀଜଳକୁ ଡ୍ୟାମ କରି ଅଟକାଇବା ଫଳରେ ଅନେକ ତଳମୁଣ୍ଡ ରାଜ୍ୟରେ ଜଳ ସଙ୍କଟ ଅତ୍ୟନ୍ତ ଉତ୍କଟ ହେଉଛି। ଓଡ଼ିଶା ଏଭଳି ଏକ ସ୍ଥିତିରେ ଶିକାର ହେଉଛି। ତେଣୁ ବେଳ ଥାଉ ଥାଉ ଆମ ପ୍ରମୁଖ ତଥା ଜନାକୀର୍ଣ୍ଣ ନଗରୀଗୁଡ଼ିକର ଜଳ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ସରକାର ଜାତୀୟସ୍ତରରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରନ୍ତୁ। ଜଳବାୟୁ ପରିବର୍ତ୍ତନ ଏ ସଙ୍କଟକୁ ଅଧିକ ଜଟିଳ କରିବା ପୂର୍ବରୁ ପ୍ରତିକାର ଜରୁରୀ ମନେହୁଏ। ●

### ମୋ ସ୍ୱପ୍ନର ଓଡ଼ିଶା

## ଅସମ୍ପୂର୍ଣ୍ଣ ସ୍ୱପ୍ନ: ଅବିରାମ ପୁନର୍ଗଠନ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

**ସ୍ୱପ୍ନ-ଶୂନ୍ୟ ମରୁପ୍ରାନ୍ତର:** ନିଜ ଦେଶ, ରାଜ୍ୟ ବା ପୃଥିବୀକୁ କେନ୍ଦ୍ର କରି ନୂତନ ନୂତନ ସ୍ୱପ୍ନରେ ଆନ୍ଦୋଳିତ ହେଉଥିବା ମଣିଷଙ୍କ ସଂଖ୍ୟା ଆଜି କେତେ? ସାମୂହିକ କଲ୍ୟାଣ ନିମିତ୍ତ ଯେଉଁ ସ୍ୱଦେଶପ୍ରେମୀ ଓ ମାନବାନୁରାଗୀ ମହାନ କୃତୀ-ସନ୍ତାନବୃନ୍ଦ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ ଆଉ ଉତ୍ତରପିଢ଼ି ସକାଶେ ବୁଣି ଦେଇଗଲେ ଅଜସ୍ର ସ୍ୱପ୍ନର ବିହନ - ସେମାନେ କ'ଣ କେବେ ହେଲେ ଆଶଙ୍କା କରିପାରିଥିବେ ଯେ ସ୍ୱପ୍ନର ଚାରା ସବୁ ଉପାଡ଼ି ଦିଆଯିବ ନିଷ୍ଠୁର ଭାବରେ? ଫୁଲ ଫୁଟିବା ପୂର୍ବରୁ କୋମଳ କଳିକାଗୁଡ଼ିକ ବୃନ୍ତଚ୍ୟୁତ କରିଦିଆଯିବ? ଯେଉଁଠି ଚାରାଟି ପଲ୍ଲବିତ ହୋଇ ଆକାଶ ଅଭିମୁଖୀ, ତା' ଦେହରୁ ଡାଳପତ୍ର ସବୁ ଅବିଚାରିତ ଭାବରେ ଛେଦନ କରାଯିବ? 'ଏଲ-ନିନୋ' ପ୍ରଭାବରେ କୃଷିକ୍ଷେତ୍ର ଶୁଷ୍କ ହୋଇ ଚିରା ଚିରା ହୋଇ ଫାଟିଯିବା ପରି ସ୍ୱପ୍ନର ସବୁଜକ୍ଷେତ ସବୁ ଉଜୁଡ଼ି ଯିବ? ସ୍ୱପ୍ନର ମରୁଡ଼ିରେ କ୍ରନ୍ଦନ କରିବ ଏ ବସୁନ୍ଧରା -ଏହା ତ କଳ୍ପନାରେ ଆସି ନଥିବ ସେମାନଙ୍କ ଭାବନା-ରାଜ୍ୟକୁ।

ଜାତିର ପିତା ମହାତ୍ମା ଗାନ୍ଧୀ ଓ ଅସଂଖ୍ୟ ସ୍ୱାଧୀନତା ସଂଗ୍ରାମୀ ଯେଉଁ 'ସ୍ୱପ୍ନର ଭାରତ' ନିର୍ମାଣ କରିଥିଲେ ତାଙ୍କ ମାନସ ପଟରେ ତାହା କ'ଣ ଏହି ଭାରତବର୍ଷ? ଅନୁରୂପ ଭାବରେ ବ୍ୟାସକବି ଫକୀରମୋହନ ସେନାପତି, କବିବର ରାଧାନାଥ ରାୟ, ଭକ୍ତକବି ମଧୁସୂଦନ ରାଓ, ସ୍ୱଭାବ-କବି ଗଙ୍ଗାଧର ମେହେର, ପଲ୍ଲୀକବି ନନ୍ଦକିଶୋର ବଳ, ବାଗ୍ମୀ ବିଶ୍ୱନାଥ କର, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ, କବି ବ୍ରଜମୋହନ ପଣ୍ଡା, ଦୟାନିଧି ମିଶ୍ର, ଚନ୍ଦ୍ରଶେଖର ବେହେରା, ସୁବିଖ୍ୟାତ ରାଜା ମହାରାଜାମାନେ ଯେଉଁ 'ସ୍ୱତନ୍ତ୍ର ଓଡ଼ିଶା'ର ସ୍ୱପ୍ନ ଦେଖିଥିଲେ ତାହା କ'ଣ ଏହି ଓଡ଼ିଶା? ସତକୁ ସତ ଏହି ସ୍ୱପ୍ନଶୂନ୍ୟ ମରୁପ୍ରାନ୍ତରକୁ ଦେଖିବା କିମ୍ବା ଅନୁଭବ କରିବା ଯଦି ସମ୍ଭବ ହେଉଥାଏ ସେଇ ଅଶରୀରୀ ମହତଆତ୍ମାଙ୍କ ପକ୍ଷରେ, ତା'ହେଲେ ସେମାନଙ୍କ କ୍ରନ୍ଦନ ଆମର କଳନାତୀତ। ସେମାନଙ୍କ ପରବର୍ତ୍ତୀ ପିଢ଼ି ନିକଟରେ ସ୍ୱଦେଶ ଓ ସ୍ୱଜାତିକୁ ନେଇ ଗୌରବବୋଧ କରିବାର ହାର୍ଦ୍ଦିକତା ଅନେକ ପରିମାଣରେ ରହି ପାରିଥିଲା ଅକ୍ଷୁଣ୍ଣ। କିନ୍ତୁ ତତ୍‌ପରବର୍ତ୍ତୀ ଉତ୍ତରାଧିକାରୀମାନେ ସ୍ୱପ୍ନ କହିଲେ ବୁଝନ୍ତି ନିଜ ନିଜର ବ୍ୟକ୍ତିଗତ ଉତ୍ଥାନ। ନିଜର ସ୍ୱାର୍ଥ ସିଦ୍ଧି ପାଇଁ ଉଦ୍ଦିଷ୍ଟ ଉଦ୍ୟମ। ଦେଶଭକ୍ତି, ମାତୃଭାଷା ସଂପ୍ରୀତି, ରାଜ୍ୟର ସମୂହ ବିକାଶ କେବଳ ବହିର ବିଷୟମାତ୍ର। ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ତଥ୍ୟ ସଂଗ୍ରହ ମଧରେ ତାହା ସୀମିତ। ତୀବ୍ର ବୁଦ୍ଧିମତ୍ତାର ଚାପରେ ହୃଦୟବତ୍ତା ସୁପ୍ତ, ନିସ୍ତେଜ, ନିସ୍ତବ୍ଧ।

**ପ୍ରତିଦ୍ୱନ୍ଦ୍ୱିତା-ପୀଡ଼ିତ ପରିମଣ୍ଡଳ:** ସମ୍ପ୍ରତି ଅଭିଭାବକ, ଅଧ୍ୟାପକ, ଶିକ୍ଷକ, ଛାତ୍ରଛାତ୍ରୀ, ଚାକିରିଜୀବୀ, ବ୍ୟବସାୟୀ, ରାଜନୈତିକ ନେତୃମଣ୍ଡଳୀ, ଏପରିକି ସାହିତ୍ୟ ଆଦି ସବୁସ୍ତରରେ ଯେଉଁ ତୀବ୍ର ପ୍ରତିଯୋଗିତା ପରିଦୃଷ୍ଟ, ସେଥିରେ ସମାଜ ପାଇଁ ସ୍ୱପ୍ନ ସବୁ କ୍ଷଣକରେ ପରାଜିତ ଆଉ ଚୂର୍ଣ୍ଣୀଭୂତ। ସ୍କୁଲ କଲେଜରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଜୀବନର ଲକ୍ଷ୍ୟ ସମ୍ପର୍କରେ ଲେଖିବା ବେଳେ ବ୍ୟକ୍ତିଗତ ଜୀବନର ଉଚ୍ଚାକାଂକ୍ଷା ବିଷୟ ହିଁ ବର୍ଣ୍ଣନା କରନ୍ତି। ଶ୍ରେଷ୍ଠ କୃତୀ-ଛାତ୍ରଛାତ୍ରୀମାନେ ପରୀକ୍ଷା ଫଳ ପ୍ରକାଶିତ ହେବା ପରେ ସେହି ଆଭିମୁଖ୍ୟ ହିଁ ପ୍ରକାଶ କରନ୍ତି। ନିଜ କର୍ତ୍ତବ୍ୟ ମାଧ୍ୟମରେ ଦେଶ ସେବା ସେମାନଙ୍କ ବ୍ରତ ହେବ ବୋଲି ଯେଉଁମାନେ ଗଣମାଧ୍ୟମ ଆଗରେ କହନ୍ତି ସେମାନଙ୍କ ପରବର୍ତ୍ତୀ ଜୀବନର କାର୍ଯ୍ୟକଳାପ କିଏ ଅବା ଆଉ ସମୀକ୍ଷା କରନ୍ତି? ବଜାରରେ ଯେଉଁ ବିଷୟର ଚାହିଦା ଅଧିକ ନିଜକୁ ସେହି ଭାବରେ ଗଢ଼ିବା ସେମାନଙ୍କ ଓ ପିତାମାତାଙ୍କ ଲକ୍ଷ୍ୟ। କୌଣସି କବିଙ୍କ କବିତାର ପଦଟିଏ, ମହାପୁରୁଷଙ୍କ ଜୀବନର ଘଟଣାଟିଏ ତାଙ୍କୁ ଶିହରିତ କରିଦେଇପାରୁନାହିଁ। ଅନ୍ୟମାନଙ୍କୁ ପଛରେ ପକାଇ, ଅନ୍ୟମାନଙ୍କ ଉପରେ ମାଡ଼ି ମକଚି ଉପର ସ୍ତରକୁ ପହଞ୍ଚିବା ହିଁ ଯେଉଁଠି ଏକମାତ୍ର ଅଭିଳାଷ ସେଠି ଓଡ଼ିଶା ଗଢ଼ିବାର ସ୍ୱପ୍ନ ମୁକୁଳିତ ହେବ ବୋଲି କିପରି ଆଶା କରାଯାଇପାରେ?

**ଉପେକ୍ଷିତ ବର୍ଗଙ୍କ ଅସହାୟତା:** ଯେଉଁମାନେ ଆର୍ଥିକ, ସାମାଜିକ, ଶୈକ୍ଷିକ ସ୍ତରରେ ଅନଗ୍ରସର, ସେମାନେ ତ ଭାରତର ସ୍ୱାଧୀନତା ଦିବସ କେବେ, ଓଡ଼ିଶା ଦିବସ କେବେ - ଏସବୁ କିଛି ବି ଜାଣନ୍ତିନି। ଗ୍ରାମାଞ୍ଚଳରେ ପଢୁଥିବା ବହୁ ଛାତ୍ରଛାତ୍ରୀ ଜ୍ଞାନ-ବିଜ୍ଞାନର ପ୍ରତିଯୋଗିତାଠାରୁ କେତେ ଦୂରବର୍ତ୍ତୀ ତାହା କଳ୍ପନା ବି କରିହେବ ନାହିଁ। କୌଣସି ଏକ ସଭାରେ ଏ ସାମାନ୍ୟ ଲେଖକଟି ଶୁଣିଲା ଜଣେ ପ୍ରସିଦ୍ଧ ରାଜନେତାଙ୍କ ବକ୍ତବ୍ୟ। ତାହାର ମର୍ମାର୍ଥ ହେଉଛି - 'ସ୍ୱଦେଶର ବିକାଶ ପାଇଁ ଆମର ଉଦ୍ୟମ ଅବ୍ୟାହତ। କିନ୍ତୁ ସବୁକିଛି ତ ଗୋଟିଏ ରାତିରେ ବଦଳି ଯିବ ନାହିଁ।' ବାସ୍ତବିକ ସତ କଥା। ୧୯୩୬ରେ ଓଡ଼ିଶା ଗଠନ ହୁଏ, ୧୯୪୭ରେ ଭାରତ ହୁଏ ସ୍ୱାଧୀନ। ମାତ୍ର ରାତିଟି ଏତେ ଦୀର୍ଘ ଯେ ସକାଳ କେବେ ହେଉନାହିଁ! ମନେ ପଡୁଥିଲା ଚନ୍ଦ୍ରଶେଖର ରଥଙ୍କ ଗଳ୍ପର ଶୀର୍ଷକ 'ସବୁଠାରୁ ଦୀର୍ଘରାତି'। ଆଉ କେତେ ଦଶନ୍ଧି କି ଶତାବ୍ଦୀ ପରେ ଏରାତି ପାହିବ? ଗୋଟିଏ ପଟେ ଜ୍ଞାନବିଜ୍ଞାନର ଦ୍ରୁତ ଅଗ୍ରଗତି ଆଉ ଗୋଟିଏ ପଟେ ମାନବିକ ସମ୍ବେଦନାର ଭୟଙ୍କର ଅବକ୍ଷୟ, ଦରିଦ୍ର ନିଷ୍ପେସିତ ଜନତାଙ୍କ ଦୈନନ୍ଦିନ ଜୀବନ ବଞ୍ଚିବାର ତୁମୁଳ ସଂଘର୍ଷ - ଏହାରି ଭିତରେ ଯାହାକୁ ଅଗ୍ରଗତି ବୋଲି କୁହାଯାଏ ସେତେବେଳେ ଗାନ୍ଧିଜୀଙ୍କ ଧାଡ଼ିଟିଏ ମନେ ପଡ଼ିଯାଏ - 'ଗତି ମାତ୍ରକେ ସବୁ ପ୍ରଗତି ନୁହେଁ।' ଗୋଟିଏ ଦେଶରେ, ଗୋଟିଏ ରାଜ୍ୟରେ ରହି ମଧ ମଣିଷ-ମଣିଷ ଭିତରେ ଆକାଶ ପାତାଳ ତାରତମ୍ୟ! ଏଠି ସ୍ୱପ୍ନ ଦେଖିବା ଅର୍ଥ ବୁଝାଯାଏ ବିଳାସପୂର୍ଣ୍ଣ ଜୀବନ ନିର୍ବାହ ଯୋଜନା।

**ପୂର୍ବଜଙ୍କ ଆଦର୍ଶ କ୍ଷତବିକ୍ଷତ:** ଯେଉଁ ଉଦାର-ହୃଦୟ-ସମ୍ପନ୍ନ ଶ୍ରେଷ୍ଠ ସନ୍ତାନବୃନ୍ଦ ନିଜ ନିଜ ମଧରେ ସମସ୍ତ ଭେଦ ଭାବ ବିସ୍ମରି ଯାଇ ସ୍ୱତନ୍ତ୍ର ଓଡ଼ିଶାର ସ୍ୱପ୍ନ ରଚନା କରିଥିଲେ ତାହା କ'ଣ ଏହି ସାମ୍ପ୍ରତିକ ଓଡ଼ିଶା? ସେମାନଙ୍କ ମଧରେ ଯେଉଁ ପାରସ୍ପରିକ ଶ୍ରଦ୍ଧା ଓ ମମତା ରହିଥିଲା ପରିପୂର୍ଣ୍ଣ ହୋଇ ତାହାର ଆମେ କ'ଣ ଉପଯୁକ୍ତ ଉତ୍ତରାଧିକାରୀ? କେତେ ସୁଉଚ୍ଚ ଶିଖରକୁ ଆରୋହଣ ପୂର୍ବକ ସେମାନେ ବୃହତ୍ତର ଓଡ଼ିଶା ଗଠନ ପାଇଁ ଆପଣାକୁ ସମର୍ପିତ କରିଥିଲେ ତାହା ଯଥାର୍ଥ ଭାବରେ ହୃଦୟଙ୍ଗମ କରିବାର ଦୂରଦୃଷ୍ଟି ବା ଅନ୍ତଃଦୃଷ୍ଟି ଆମର କାହିଁ? ଯେଉଁ ଶାନ୍ତି, ସଦ୍ଭାବ, ମୈତ୍ରୀ, ଭ୍ରାତୃତ୍ୱ, ସଂହତିର ପ୍ରତିଷ୍ଠା ପାଇଁ ସେମାନେ ସ୍ୱପ୍ନ-ସମୃଦ୍ଧ ଥିଲେ, ତାହା କେତେମାତ୍ରାରେ ପୂର୍ଣ୍ଣତା ଲାଭ କରିପାରିଛି? ଏହାରି ମଧରେ ସୁଦୀର୍ଘ ୯୦ ବର୍ଷ ଅତିକ୍ରାନ୍ତ। ଆଉ ମାତ୍ର ଦଶ ବର୍ଷ ପରେ ଆମେ କ'ଣ ସେମାନଙ୍କ ପରିକଳ୍ପିତ ଓଡ଼ିଶାର ବାସ୍ତବାୟନ ଦେଖିବାରେ ସମର୍ଥ ହୋଇପାରିବା? ସମଗ୍ର ଭାରତ ବର୍ଷରେ ଓ ବିଶ୍ୱ ମାନଚିତ୍ରରେ ଓଡ଼ିଶାର ମୁଖ ସମୁଜ୍ଜ୍ୱଳ କରିଦେବାରେ ସକ୍ଷମ ହେବା? ଆଗାମୀ ଦଶବର୍ଷ ମଧରେ ସବୁସ୍ତରକୁ ମାଡ଼ିଯାଇଥିବା ଦୁର୍ନୀତିର ଚେର କ'ଣ ଉଚ୍ଛେଦ ହୋଇଯିବ? ଜାତି, ଧର୍ମ, ବର୍ଣ୍ଣ, ଭାଷାକୁ ନେଇ ସବୁ ବିବାଦର ସମାଧାନ, ଦାରିଦ୍ର୍ୟର ଅବସାନ, ଘୃଣାର ମୂଳୋତ୍ପାଟନ, ବଧୂ ନିର୍ଯାତନା, କନ୍ୟାରତ୍ନଙ୍କ ପ୍ରତି ଆସୁରିକ ଆଚରଣ, ବୃଦ୍ଧ ପିତାମାତାଙ୍କ ପ୍ରତି ପ୍ରତିକୂଳ ବ୍ୟବହାରର ପ୍ରତିକାର କିପରି ସମ୍ଭବ? ନିଯୁକ୍ତି କ୍ଷେତ୍ରରେ ପକ୍ଷପାତିତା ଓ ସନ୍ଦେହ, ଦୁର୍ବଳ ଉପରେ ସବଳର ଅତ୍ୟାଚାର, ଆଇନ ଶୃଙ୍ଖଳାର ସୀମାତୀତ ଉଲ୍ଲଙ୍ଘନ - ଏସବୁ ନିୟନ୍ତ୍ରିତ ହେବ କିପରି? ଅପରାଧୀଙ୍କ ସଂଖ୍ୟା ହ୍ରାସ ହେବ କି ଉପାୟରେ? ଶହେ ବର୍ଷର ଏକ ରାଜ୍ୟକୁ ସବୁଦୃଷ୍ଟିରୁ ଶୀର୍ଷ ସୋପାନକୁ ପହଞ୍ଚାଇବା ପାଇଁ ଦଳ-ମତ ନିର୍ବିଶେଷରେ ସମସ୍ତେ ଏକତାବଦ୍ଧ ହେବା କିପରି ସମ୍ଭବ ହେବ? ସେଥିପାଇଁ କି କି ପରିଯୋଜନାର ରୂପରେଖ ପ୍ରସ୍ତୁତ ହୋଇଛି? ଏପରି ଶତାଧିକ ପ୍ରଶ୍ନରେ ଆମେ ଆନ୍ଦୋଳିତ ହେବା ସ୍ୱାଭାବିକ। ନିଜ ନିଜ କର୍ତ୍ତବ୍ୟ ନିଃସ୍ୱାର୍ଥ ଭାବରେ ସଂପାଦନ କରିବାର ନିଷ୍ଠା, ସତ୍ୟ ଓ ସାଧୁତା ପ୍ରତି ଅନୁରକ୍ତି, ତ୍ୟାଗ ଓ ତିତିକ୍ଷାର ପବିତ୍ର ଭାବନା, ସ୍ନେହ, ସହାନୁଭୂତି, ପରୋପକାର -ଏସବୁ ପାଠାଗାରରୁ ବାହାରି ଆସି ଆମ ଜୀବନରେ ପ୍ରତିଫଳିତ ହୋଇପାରିବ କେଉଁ ଶୈଳୀରେ, କେଉଁ ଆଦର୍ଶ ଦ୍ୱାରା ଉଦବୁଦ୍ଧ ହୋଇ କାର୍ଯ୍ୟ ଅବ୍ୟାହତ ରଖିଲେ? ତାହା ଚିନ୍ତା କରୁଁ କରୁଁ ଆଗାମୀ ଦଶବର୍ଷ ଆଖି ପଲକରେ କ'ଣ ଚାଲିଯିବ ନାହିଁ?

**ଅବାସ୍ତବ, ଅସମ୍ଭବ ଆକାଂକ୍ଷା:** ସମଗ୍ର ପୃଥିବୀ ବା ଭାରତ ବର୍ଷରୁ ଓଡ଼ିଶା ବିଚ୍ଛିନ୍ନ ନୁହେଁ। ତେଣୁ ଯେଉଁସବୁ ସଙ୍କଟ ମଧ ଦେଇ ବିଶ୍ୱ ଗତିଶୀଳ ସେଥିରୁ ଆମର ମୁକ୍ତି କାହିଁ? ଏଭଳି ପ୍ରତିପ୍ରଶ୍ନ ଦ୍ୱାରା ଉପରୋକ୍ତ ପରିକଳ୍ପନାକୁ ଉପହାସ କରିବା ଲୋକଙ୍କ ଅଭାବ ନାହିଁ। ଯେଉଁ ଅସାମଞ୍ଜସ୍ୟ ସମଗ୍ର ପୃଥିବୀରେ ପରିବ୍ୟାପ୍ତ, ସେଠୁ ଅଲଗା ହୋଇଯାଇ ଏକ ସ୍ୱର୍ଗରାଜ୍ୟର ସ୍ୱପ୍ନ ଦେଖିବା କି ହାସ୍ୟାସ୍ପଦ? ଏହିପରି ଭାବନା ଉଦ୍ରେକ ହେବା ଅସ୍ୱାଭାବିକ ନୁହେଁ। ଏଭଳି ବିଷୟକୁ ଉପହାସର ତୋଫାନରେ ଯେଉଁମାନେ ଉଡ଼ାଇ ଦେବାକୁ ବ୍ୟଗ୍ର ଓ ତତ୍ପର ସେମାନଙ୍କ ପ୍ରତି ମଧ ବିନୟପୂର୍ଣ୍ଣ ପ୍ରଶ୍ନ ଉପସ୍ଥିତ। ସାରା ପୃଥିବୀରେ, ଭାରତବର୍ଷର ଅନ୍ୟାନ୍ୟ ରାଜ୍ୟରେ ଯାହା କିଛି ଗଠନମୂଳକ ପ୍ରଗତି ସମ୍ଭବ ହୋଇଛି ଆମେ ସେମାନଙ୍କ ସମକକ୍ଷ ହୋଇ ପାରିଛୁ କି? ନିଜ ରାଜ୍ୟର ଭାଷା ପଢ଼ିବାକୁ, କହିବାକୁ, ଲେଖିବାକୁ କେଉଁ ରାଜ୍ୟର ଲୋକ କୁଣ୍ଠିତ ହେବାର ଦୃଷ୍ଟାନ୍ତ ରହିଛି କି? ଶହେ ବର୍ଷ ତଳେ ଗଙ୍ଗାଧର ଏହା ପଚାରିଥିଲେ - 'ମାତୃଭାଷା ପୋଥି ଛୁଇଁବାକୁ କରେ, ଅନ୍ୟ କେଉଁ ଜାତି ଲଜ୍ଜା ବୋଧ କରେ?' ତା'ର ଉତ୍ତର ଦେବା ପାଇଁ ଆମେ ଅକ୍ଷମ। ଏହା ବି ସେ କହିଲେ - 'ପ୍ରତିବେଶୀଙ୍କର ସହିତ ତୁଳନା, କର ନିଜ ମଧରେ କଳନା।' ସେତିକି ମଧ ସମ୍ଭବ ହୋଇ ପାରିଲା ନାହିଁ। ତେବେ...?... ତେବେ କ'ଣ ଏଭଳି ଏକ ସମ୍ଭାବନା-ଶୂନ୍ୟ ମନ ଆଉ ଆହତ ଆତ୍ମାରେ ୨୦୩୬ରେ ଓଡ଼ିଶା ବିକାଶର ସ୍ୱପ୍ନ ଦେଖାଯାଇପାରିବ? ଏହାର ଉତ୍ତର ଖୋଜିବା ଆରଥରକୁ।(କ୍ରମଶଃ...) ●

(ଲେଖକ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର, ସମ୍ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟରେ ପରିଦର୍ଶୀ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ)

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଗିଗ୍ ଶ୍ରମିକଙ୍କ ଅଧିକାର ଓ ସଂଗ୍ରାମ

ବିଜୟ ଜେନା

ଆନ୍ତର୍ଜାତିକ ଶ୍ରମିକ ସଂଗଠନ (ଆଇଏଲ୍‌ଓ) ଗତ ୧୨ ଜୁନ୍‌ରେ ଏହାର ୧୧୫ତମ ଆନ୍ତର୍ଜାତିକ ଶ୍ରମ ସମ୍ମିଳନୀ 'ପ୍ଲାଟଫର୍ମ ଅର୍ଥନୀତିରେ ମାନବିକ କାର୍ଯ୍ୟ' (ଡିସେଣ୍ଟ ୱାର୍କ ଅନ୍ ପ୍ଲାଟଫର୍ମ ଇକୋନୋମି) ବିଷୟକ ସମ୍ମିଳନୀରେ ଗିଗ୍ ଶ୍ରମିକଙ୍କ କାର୍ଯ୍ୟର ପରିବେଶ ଅଧିକାର ଏବଂ ସାମାଜିକ ସୁରକ୍ଷା ପ୍ରସଙ୍ଗରେ ସ୍ୱୀକୃତି ଦେବାର ନିଷ୍ପତ୍ତି ନେଇଛି। ଏହି ପ୍ରସ୍ତାବରେ ଭାରତ ଭୋଟ୍ ଦେଇନାହିଁ। ଗତ ଅଧିବେଶନରେ ମଧ ଭାରତ ପ୍ରସ୍ତାବ ବିରୁଦ୍ଧରେ ଭୋଟ୍ ଦେଇଥିଲା।ବିଶ୍ୱର ସବୁଠାରୁ ଅଧିକ ଗିଗ୍ ଓ ପ୍ଲାଟଫର୍ମ ଶ୍ରମିକ ଭାରତରେ ଅଛନ୍ତି। ଏହା ସତ୍ତ୍ୱେ ଭାରତ ସରକାର ଭୋଟଦାନରୁ ବିରତ ରହିବାକୁ ନେଇ ସମାଲୋଚନା ହେଉଛି। ଏବର୍ଷର ଭୋଟ୍‌ରେ ପ୍ରସ୍ତାବ ପକ୍ଷରେ ୧୦୮ ଭୋଟ୍ ପଡ଼ିଛି। ପ୍ରସ୍ତାବ ବିରୁଦ୍ଧରେ ମାତ୍ର ୮ଟି ଦେଶ ଭୋଟ୍ ଦେଇଛନ୍ତି। ୩୬ଟି ଦେଶ ଭୋଟ୍‌ଦାନରୁ ବିରତ ରହିଛନ୍ତି। ଆମେରିକା, ନ୍ୟୁଜିଲାଣ୍ଡ, ପ୍ରସ୍ତାବର ବିରୋଧ କରିଥିବା ବେଳେ ଭାରତ ବ୍ରିଟେନ୍, ଆର୍ଜେଣ୍ଟିନା ସମେତ କେତୋଟି ଦେଶ ଭୋଟ୍‌ଦାନରେ ଅଂଶଗ୍ରହଣ କରିନାହାନ୍ତି।

ଦୀର୍ଘ ଦିନ ପରେ ଉବେର, ଓଲା, ଜମାଟୋ, ସୁଇଗ ସହ ଅନ୍ୟାନ୍ୟ 'ଆପ୍'ଭିତ୍ତିକ ପରିସେବା ସହ ସଂଯୁକ୍ତ ଶ୍ରମିକଙ୍କର ସଂଗଠନଗୁଡ଼ିକ ଆନ୍ତର୍ଜାତିକ ସ୍ୱୀକୃତି ଦାବି କରି ଆସୁଥିଲେ। ତେଣୁ ସଂଖ୍ୟାଧିକ ସଦସ୍ୟଦେଶ ପ୍ରସ୍ତାବ ସପକ୍ଷରେ ଭୋଟ ଦେବା ଘଟଣା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକ ସାଫଲ୍ୟ ରୂପେ ଦେଖାଯାଉଛି। ଏହି ପ୍ରସ୍ତାବରେ ପ୍ଲାଟଫର୍ମ କର୍ମୀଙ୍କ ପାଇଁ ଏକାଧିକ ସୁରକ୍ଷାମୂଳକ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରାଯାଇଛି। ଏହା ମଧରେ ରହିଛି ଆଲଗରିଦମ୍ ବା ସ୍ୱୟଂକ୍ରିୟ ବ୍ୟବସ୍ଥାର କାର୍ଯ୍ୟପଦ୍ଧତି ସମ୍ପର୍କରେ ତଥ୍ୟ ଜାଣିବାର ଅଧିକାର, ଅନ୍ୟାୟ ଭାବରେ ଆକାଉଣ୍ଟ ବାତିଲ୍ କରିବା ବା କାମରୁ ବାଦ୍ ଦେବା ବିରୁଦ୍ଧରେ ସୁରକ୍ଷା, ଅଭିଯୋଗ ନିଷ୍ପତ୍ତିର କାର୍ଯ୍ୟକାରୀ ବ୍ୟବସ୍ଥା, ସ୍ୱାସ୍ଥ୍ୟ ନିରାପତ୍ତା ଓ ସାମାଜିକ ସୁରକ୍ଷା ସଂକ୍ରାନ୍ତ ସର୍ବନିମ୍ନ ମାନଦଣ୍ଡ। ଏହାଛଡ଼ା 'ଆଲ୍‌ଗୋରିଦମ୍ ମ୍ୟାନେଜମେଣ୍ଟ'ଫଳରେ କର୍ମୀଙ୍କ ଉପରେ ପ୍ରଭାବ କ୍ଷେତ୍ରରେ କିଛି ନୀତିଗତ ସୁରକ୍ଷାକୁ ସ୍ୱୀକୃତି ମିଳିଛି।

କେବେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏହାର ବିଭିନ୍ନ ସୀମାବଦ୍ଧତା ଉପରେ ଅଙ୍ଗୁଳି ଉଠାଇଛନ୍ତି। ସମାଲୋଚନାର ସବୁଠାରୁ ବଡ଼ ଦିଗ ହେଲା, ପ୍ଲାଟଫର୍ମ କର୍ମୀଙ୍କୁ କର୍ମଚାରୀ ରୂପେ ସ୍ୱୀକୃତି ଦେବା ପାଇଁ ଆବଶ୍ୟକୀୟ 'ରିଚାର୍ଜେବଲ ପ୍ରମୋସନ ଅଫ ଏମ୍ପ୍ଲୟମେଣ୍ଟ'କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ଏହି ଆଇନ୍ ବିଧାନ ଅନୁସାରେ ନିଯୁକ୍ତିଦାତାଙ୍କ ସହ କୌଣସି ବ୍ୟକ୍ତିର ନିୟନ୍ତ୍ରଣ, ନିର୍ଦ୍ଦେଶ ଓ ନିର୍ଦ୍ଦିଷ୍ଟ ମଜୁରୀ ସଂକ୍ରାନ୍ତ କିଛି ସର୍ତ୍ତ ବା ପ୍ରମାଣ ରହିଥିଲେ ଅଦାଲତ ବା ଆଇନ୍ ଧରିନିଏ ଯେ, ଏହି ବ୍ୟକ୍ତିଜଣଙ୍କ ଆନୁଷ୍ଠାନିକ କର୍ମଚାରୀ ଗୃହୀତ। ପ୍ରସ୍ତାବରେ ଏହି ବିଧାନ ନ ଥିବାରୁ ଉବେର, ଓଲା, ଜମାଟୋ ବା ଅନ୍ୟାନ୍ୟ ପ୍ଲାଟଫର୍ମ ସଂସ୍ଥା ସେମାନଙ୍କ କର୍ମଚାରୀଙ୍କ ସ୍ୱାଧୀନ ଠିକାଦାର ରୂପେ ଚିହ୍ନିତ କରିବାର ସୁଯୋଗ ପାଇବେ ଏବଂ ଶ୍ରମ ଆଇନ୍ ଓ ସାମାଜିକ ସୁରକ୍ଷା ସଂକ୍ରାନ୍ତ ବିଷୟଗୁଡ଼ିକୁ ଫାଙ୍କି ଦେଇପାରିବେ। ଏହାଛଡ଼ା ସ୍ୱାଧୀନ ଠିକାଦାର ରୂପେ ଚିହ୍ନିଟ କର୍ମୀମାନଙ୍କ ପାଇଁ ସର୍ବନିମ୍ନ ମଜୁରୀର ସୁରକ୍ଷା ବାଧ୍ୟତାମୂଳକ କରାଯାଇନାହିଁ। ସାମାଜିକ ସୁରକ୍ଷା କ୍ଷେତ୍ରରେ ସୁସ୍ପଷ୍ଟ ଅଧିକାରଭିତ୍ତିକ ନିଶ୍ଚିତତା ପରିବର୍ତ୍ତେ ଅପେକ୍ଷାକୃତ ଦୁର୍ବଳ ଭାଷା ବ୍ୟବହାର କରାଯାଇଛି। ଶ୍ରମିକ ସଂଗଠନ ଓ ସାମୂହିକ ମୂଲଚାଲର ଅଧିକାର ସମ୍ପର୍କରେ ସମ୍ମିଳନୀରେ ଯଥେଷ୍ଟ ଦୃଷ୍ଟି ଦେଇନାହିଁ ବୋଲି ମନେ କରାଯାଏ। ଆଇଏଲ୍‌ଓ ପ୍ରସ୍ତାବରେ ନମନୀୟ ଶବ୍ଦ ବ୍ୟବହାର ଫଳରେ ବିଭିନ୍ନ ଦେଶ ଓ ଶିଳ୍ପ ସଂସ୍ଥା ପାଇଁ କାର୍ଯ୍ୟକାରିତା କ୍ଷେତ୍ରରେ ବିଧି ଏଡ଼ାଇଯିବା ଓ ଅପବ୍ୟାଖ୍ୟାର ସୁଯୋଗ ରହିଛି।


ପ୍ଲାଟଫର୍ମ ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀ, ଶ୍ରମିକ ସଂଗଠନ ଅଧିକାର, ନିର୍ଦ୍ଦିଷ୍ଟ କାର୍ଯ୍ୟସମୟ, ସ୍ୱେଚ୍ଛାଚାରୀ ଆକାଉଣ୍ଟ ବ୍ଲକିଙ୍ଗ ବିରୁଦ୍ଧରେ ସୁରକ୍ଷା ଏବଂ କାର୍ଯ୍ୟକ୍ରମ ସାମାଜିକ ସୁରକ୍ଷା ଚିହ୍ନିତ ନହେଲେ ଏହି କ୍ଷେତ୍ରରେ ଶ୍ରମିକଙ୍କ ଶୋଷଣ ବନ୍ଦ କରିବା ସମ୍ଭବ ନୁହେଁ। ବିଶ୍ୱବ୍ୟାପୀ ପ୍ଲାଟଫର୍ମ ଅର୍ଥନୀତିର ଦ୍ରୁତ ସଂପ୍ରସାରଣ ଫଳରେ ଶ୍ରମ ସମ୍ପର୍କରେ ନୂତନ ବାସ୍ତବତା ସୃଷ୍ଟି ହୋଇଛି। କୋଟି କୋଟି ଲୋକ ଆଜି 'ଆପ୍'ଭିତ୍ତିକ ପରିବହନ, ଖାଦ୍ୟ ସରବରାହ, ଲଜିଷ୍ଟିକ୍ସ ଓ ଡିଜିଟାଲ୍ ସେବା ସହ ସଂଯୁକ୍ତ। କିନ୍ତୁ ଅଧିକାଂଶ କ୍ଷେତ୍ରରେ ସେମାନେ ପ୍ରଚଳିତ ଶ୍ରମ ଆଇନ୍‌ର ସୁରକ୍ଷା ବାହାରେ ରହିଯାଇଛନ୍ତି। ସେହି ପ୍ରେକ୍ଷାପଟରେ ଆଇଏଲ୍‌ଓର ଏହି ଶୀର୍ଷ ସମ୍ମିଳନୀ ଆନ୍ତର୍ଜାତିକ ଶ୍ରମ ଅଧିକାର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ରୂପେ ବିବେଚିତ ହୋଇଛି। ତେବେ ଏହାର ପ୍ରକୃତ ସାଫଲ୍ୟ ନିର୍ଭର କରୁଛି ସଦସ୍ୟରାଷ୍ଟ୍ରଗୁଡ଼ିକର ଅନୁମୋଦନ, ଜାତୀୟଆଇନ୍ ପ୍ରଣୟନ ଏବଂ କାର୍ଯ୍ୟକାରୀ ବାସ୍ତବାୟନ ଉପରେ। ଶ୍ରମିକ ସଂଗଠନଗୁଡ଼ିକ ମତରେ ଏହି ସମ୍ମିଳନୀ ପ୍ଲାଟଫର୍ମ କର୍ମୀଙ୍କ ଅଧିକାର ପ୍ରତିଷ୍ଠାର ସଂଗ୍ରାମରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହେଲେ ମଧ ପୂର୍ଣ୍ଣାଙ୍ଗ ଶ୍ରମ ଅଧିକାର ଏବଂ ସାମାଜିକ ସୁରକ୍ଷା ଲକ୍ଷ୍ୟରେ ଲଢ଼େଇକୁ ଅବ୍ୟାହତ ରଖିବାକୁ ହେବ। ●

ଭୁବନେଶ୍ୱର, ମୋ: ୯୪୩୭୩୮୪୮୬୬

ଡ.ଚନ୍ଦ୍ରକଳା ନାୟକ

## ଘୋଷଯାତ୍ରାର ଆତ୍ମା: ଘଣ୍ଟସେବକ

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



ଚାତକ ପାଇଁ ନୂଆ ଆଷାଢ଼ର ବର୍ଷାଧାରା ପରି ଭକ୍ତ ପାଇଁ ପୁଷ୍ୟା ନକ୍ଷତ୍ରଯୁକ୍ତ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଅର୍ଥାତ ଶ୍ରୀଗୁଣ୍ଡିଚା ଆସେ। ଦେବ ମାନବର ବହୁ ପ୍ରତୀକ୍ଷିତ ଏହି ତିଥି ବିଞ୍ଚି ଦିଏ ମର୍ତ୍ତ୍ୟରେ ଅମର୍ତ୍ତ୍ୟ ଲାବଣ୍ୟର ସୁଲଳିତ କାନ୍ତି। ଶ୍ରୀଜଗନ୍ନାଥଙ୍କୁ ଭକ୍ତମାନେ ଯେଉଁ ପୂଜା ଓ ଉପାସନା କରନ୍ତି, ସେଥିରେ ଭକ୍ତିର ପ୍ରଗାଢ଼ତା ଯେତିକି ରହିଛି, ତା'ଠାରୁ ଅଧିକ ରହିଛି ରାଜକୀୟ ସମ୍ମାନ।

ଶ୍ରୀମନ୍ଦିରର ସ୍ୱତ୍ୱଲିପି ଅନୁସାରେ ୧୦୩ ନଂ ସେବା ପରିଶିଷ୍ଟରେ ଉଲ୍ଲେଖ ଅଛି ଯେ, ଘଣ୍ଟୁଆ ସେବକମାନେ ସ୍ନାନପୂର୍ଣ୍ଣିମା ଦିନ ରତ୍ନସିଂହାସନରୁ ସ୍ନାନବେଦୀ ଏବଂ ସ୍ନାବବେଦୀରୁ ଅଣସର ପିଣ୍ଡିକୁ ଶ୍ରୀଜୀଉମାନଙ୍କୁ ପହଣ୍ଡି ବିଜେ ସମୟରେ ଘଣ୍ଟ ବାଦନ କରିବେ। ଏହି ସେବକ ରଥଟଣା ବ୍ୟତୀତ କୌଣସି ଉତ୍ସବ, ଯାତ୍ରା, ଉପଯାତ୍ରାରେ ଘଣ୍ଟ ବାଦନ କରନ୍ତି ନାହିଁ। ଉତ୍କଳ ଭୂଖଣ୍ଡରେ ଶ୍ରୀକ୍ଷେତ୍ର ପୁରୀର ଘଣ୍ଟୁଆମାନଙ୍କ ଘଣ୍ଟବାଦ୍ୟର ଶୈଳୀ ସଂପୂର୍ଣ୍ଣ ସ୍ୱତନ୍ତ୍ର ଓ ମନମୁଗ୍ଧକର। ସାରାବିଶ୍ୱରେ ରଥଯାତ୍ରା ଅନୁଷ୍ଠିତ ହେଉଥିଲେ ମଧ ଶ୍ରୀକ୍ଷେତ୍ରର ଘଣ୍ଟବାଦ୍ୟ ସବୁଠାରୁ ସ୍ୱତନ୍ତ୍ର। ବିଗ୍ରହମାନଙ୍କ ପହଣ୍ଡି ବିଜେ ସମୟରେ କାହାଳୀ, ପଖାଉଜ, ତେଲିଙ୍ଗି ବାଜା ଆଦି ନାନା ବାଦ୍ୟ ବାଜିଲେ ମଧ ଘଣ୍ଟ ହିଁ ପ୍ରଭୁଙ୍କର ମୁଖ୍ୟ ଆକର୍ଷଣୀୟ ବାଦ୍ୟ। ଆଲଟ ଚାମରରେ ଚତୁର୍ଦ୍ଧା ମୂର୍ତ୍ତି ଯେତେବେଳେ ଝୁଲି ଝୁଲି ଆସନ୍ତି, ସେହି ସମୟରେ ଟାହିଆର ତାଳେ ତାଳେ କେବଳ ଘଣ୍ଟ ବାଦ୍ୟ ହିଁ ପ୍ରଭୁଙ୍କର ଭଙ୍ଗୀ, ଠାଣୀ ଓ ଚାହାଣୀକୁ ଭକ୍ତଙ୍କ ଆଡ଼କୁ ଆକର୍ଷିତ କରିଥାଏ।

ଶ୍ରୀକ୍ଷେତ୍ରରେ ତେଇଶି ଘର ଘଣ୍ଟୁଆ ଓ ଭଟ୍ଟିମୁଣ୍ଡାର ବାର ଘର କଂସାରୀଙ୍କୁ ଏହି ଘଣ୍ଟ ସେବା କରିବାର ଅଧିକାର ମିଳିଛି। ଏହି ଘଣ୍ଟବାଦନ ବାବଦରେ ଉଭୟ ପୁରୀ ଓ ଭଟ୍ଟିମୁଣ୍ଡାରେ ଚଢ଼େଇଦନା ତାଡ଼ ମିଳେ। ସେଇ ବାବଦରେ ସେମାନଙ୍କୁ ଖେଚେଡ଼ି ଭୋଗ ମିଳିବାର ବିଧି ରହିଛି। ଶ୍ରୀମନ୍ଦିରର ପ୍ରଶାସକଙ୍କ ତରଫରୁ ସେ ବାବଦରେ ଘଣ୍ଟୁଆ ସେବକମାନଙ୍କୁ ୧୦୫୦ଟଙ୍କା ଦିଆଯାଉଛି। ଶ୍ରୀମନ୍ଦିରର ପରମ୍ପରା ଅନୁସାରେ ପ୍ରତ୍ୟେକ ଘଣ୍ଟୁଆ ଶାଢ଼ି ପାଇବାର ସ୍ୱତ୍ୱଲିପିରେ ଉଲ୍ଲେଖ ଅଛି। ବାହୁଡ଼ା ଯାତ୍ରା ସମୟରେ ସେମାନଙ୍କୁ ସର୍ବମୋଟ ଛଅଖଣ୍ଡ ଶାଢ଼ି ମିଳିଥାଏ। ଇନ୍ଦ୍ରଦ୍ୟୁମ୍ନ ସରୋବର ନିକଟରେ ଅବସ୍ଥିତ ଗୋପୀନାଥ ମନ୍ଦିର ହେଉଛି ଶ୍ରୀକ୍ଷେତ୍ର କଂସାରୀ କୂଳର ଘଣ୍ଟୁଆ ନିଯୋଗ। ଗୋପୀନାଥ ମନ୍ଦିର ଏହି ଘଣ୍ଟୁଆ ନିଯୋଗ ଦ୍ୱାରା ପରିଚାଳିତ। ଏହି ନିଯୋଗ ପ୍ରତିବର୍ଷ ରଥଯାତ୍ରାରେ ଘଣ୍ଟୁଆମାନଙ୍କୁ ପଟେ ଲେଖାଏ ନୂଆ ଘଣ୍ଟ ଓ ଗାମୁଛା ଦେଇଥା'ନ୍ତି। ରଥଯାତ୍ରାର ପରିସମାପ୍ତି ପରେ ସେବକମାନେ ଘଣ୍ଟଗୁଡ଼ିକୁ ଫେରାଇ ଦିଅନ୍ତି। ରଥଯାତ୍ରା ଦିନ ପହଣ୍ଡି ଓ ରଥଟଣା ବେଳେ ଘଣ୍ଟ ସେବକ ଶୁଦ୍ଧପୂତ ଭାବରେ ନୂଆ ଧୋତି ଓ ଗାମୁଛା ପରିଧାନ କରି ଘଣ୍ଟ ବଜାନ୍ତି। କୌଣସି ଘଣ୍ଟୁଆ ସେବକ ରଥଯାତ୍ରା ସମୟରେ ଆମିଷ ଭକ୍ଷଣ କରନ୍ତି ନାହିଁ।

ଶାଢ଼ିବନ୍ଧା ସେବା ହୋଇ ନ ଥିଲେ ମଧ ଘଣ୍ଟୁଆ ସେବକଙ୍କ ପରିବାରର କୌଣସି ସଦସ୍ୟଙ୍କ ମୃତ୍ୟୁ ଘଟିଲେ, ଶବସତ୍କାର ପାଇଁ ଶ୍ରୀମନ୍ଦିର ବୈଷ୍ଣବାଗ୍ନି ମିଳିଥାଏ। ଘଣ୍ଟୁଆ ସେବକମାନେ ନିଜକୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପରିବାରର ଜଣେ ଜଣେ ସଦସ୍ୟ ଭାବେ ଗୌରବ ଅନୁଭବ କରନ୍ତି। ଶ୍ରୀକ୍ଷେତ୍ରର କୌଣସି ଖରୁଡ଼ା ସେବାରେ ସାମାନ୍ୟ ତ୍ରୁଟି ପରିଲକ୍ଷିତ ହେଲେ ସଙ୍ଗେ ସଙ୍ଗେ ଭଟ୍ଟିମୁଣ୍ଡାର କଂସାରୀ ସେବକଙ୍କୁ ଏହି ସେବା ସମର୍ପି ଦିଆଯାଏ। ସେହିପରି ଭଟ୍ଟିମୁଣ୍ଡାର କଂସାରୀ ସେବକ ଯଦି ସେବାରେ ତ୍ରୁଟି କରନ୍ତି ତେବେ ଅନ୍ୟ କଂସାରୀ ସେବକଙ୍କୁ ସେବା କରିବାର ଅବସର ମିଳିଥାଏ। ୨୦୦୪ ମସିହାଠାରୁ ବନଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଅଠେଇଶ ଜଣ, ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥରେ ଚବିଶ ଜଣ ଏବଂ ମହାପ୍ରଭୁଙ୍କ ନନ୍ଦିଘୋଷ ରଥରେ ସର୍ବାଧିକ ବତିଶ ଜଣ ଘଣ୍ଟୁଆ ଘଣ୍ଟ ବାଦନ କରିଥା'ନ୍ତି। ବଡ଼ଦାଣ୍ଡରେ ଯେତେ ସମୟ ରଥ ଗଡ଼ି ଚାଲୁଥାଏ ସେତେସମୟ ପର୍ଯ୍ୟନ୍ତ ଅବିରତ ଘଣ୍ଟୁଆ ଘଣ୍ଟ ବଜାଉ ଥାଏ। ଭକ୍ତି ଓ ଭାବର ଅନାବିଳ ସଂଯୋଗ ହିଁ ଘଣ୍ଟ ବାଦନ। ଏକଭାବରେ ମହାପ୍ରଭୁଙ୍କ ସଙ୍ଗେ ସମ୍ମିଳିତ ହେବାର ପ୍ରତୀକ ହିଁ ଘଣ୍ଟସେବା। ●

ଯାଜପୁର, ମୋ: ୯୪୩୭୯୫୭୬୧୭

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଜେପି ସରକାରଙ୍କ ଅପାରଗତା ପାଇଁ ବଢୁଛି ଭିଡ ହିଂସା: ବିଜେଡି

ଭୁବନେଶ୍ୱର,୩୦।୬(ସମିସ): ବିଜେପି ସରକାରରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ପ୍ରତିଦିନ କେଉଁଠି ନା କେଉଁଠି ଅପରାଧିକ କାର୍ଯ୍ୟକଳାପ ଘଟୁଥିବା ବେଳେ ତାହାକୁ ନିୟନ୍ତ୍ରଣ କରିବାରେ ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ବାଣପୁରରେ ପୁଲିସ ସମ୍ମୁଖରେ ଜଣକୁ ପିଟି ପିଟି ମାରିଦେବା ଘଟଣାକୁ ନେଇ ବିଜେପି ସରକାର ଉପରେ ବର୍ଷିଛି ବିଜୁ ଜନତା ଦଳ।

ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ରାଜ୍ୟ ସାରା ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ବେଳେ ସବୁଠି ବର୍ବରତା ଜାରି ରହିଛି। ଏହାକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ପୁଣି ବାଣପୁର ଘଟଣା ପାଇଁ ଓଡ଼ିଶା ସର୍ବସମ୍ମୁଖରେ ନିନ୍ଦିତ ହୋଇଛି। ବାଲିଅନ୍ତା, କଣାସ

**■ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ**
**■ ନିୟନ୍ତ୍ରଣ କରିବାରେ ପୁଲିସ ପ୍ରଶାସନ ବିଫଳ**

ପରେ ଖୋର୍ଦ୍ଧା ଜିଲ୍ଲାର ବାଣପୁରରେ ଭିଡ ହିଂସା ଘଟିଛି। ଥାନା ଅଞ୍ଚଳରେ ଉକ୍ତ ନିନ୍ଦନୀୟ ଘଟଣା ଘଟିଯାଇଛି। କେଉଁଠି ବି ମାନବିକତା ନାହିଁ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ତୋଫାନ ନାୟକ ନାମକ ବ୍ୟକ୍ତିଙ୍କୁ ପୁଲିସ ଆଗରେ ସର୍ବସମ୍ମୁଖରେ ଥାନା ପରିସରରେ ଲୋକେ ବାଡେଇ ବାଡେଇ ମାରୁଛନ୍ତି। ଡ. ମହାନ୍ତି ଆହୁରି କହିଥିଲେ ଯେ, ପୁଲିସ ବିଜେପିର ହାତ ବାରିସି ସାଜିଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି। ସାଧାରଣ ଲୋକଙ୍କୁ ନ୍ୟାୟ ଦେବାରେ ବିଫଳ ହେବାରୁ ପୋଲିସ ପ୍ରତି ଲୋକଙ୍କ ଭରସା ତୁଟି ଗଲାଣି। ମୃତକଙ୍କ ପତ୍ନୀ ନ୍ୟାୟ ପାଇବା ପାଇଁ ଆକୁଳ ନିବେଦନ କରୁଥିବା ବେଳେ ନ୍ୟାୟ ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ନଚେତ୍ ଆଗାମୀ ଦିନରେ ସେ ନ୍ୟାୟ ନପାଇଲେ ବିଜେଡି ରାଜରାସ୍ତାରେ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି।

## ଅବଶିଷ୍ଟାଂଶ

### ମହାବିପଦରେ ୨୨...

ସବୁଠାରୁ କମ୍ ବର୍ଷା (୮୭.୬ ଏମ୍ଏମ୍) ହୋଇଥିଲା। ୧୯୦୫ରେ ୯୧.୯ ଏମ୍ଏମ୍, ୨୦୧୪ରେ ୯୨.୮ ଏମ୍ଏମ୍ ଏବଂ ୧୯୨୬ରେ ୯୬.୭ ଏମ୍ଏମ୍ ବର୍ଷା ରେକର୍ଡ କରାଯାଇଥିଲା।

କେବଳ ଆନ୍ଧ୍ର ପ୍ରଦେଶ, ରାଜସ୍ଥାନ ଏବଂ ପଶ୍ଚିମ ବଙ୍ଗକୁ ଛାଡ଼ିଦେଲେ ଓଡ଼ିଶା ସମେତ ୨୨ଟି ରାଜ୍ୟରେ ନିଅଣ୍ଟିଆ ବର୍ଷା ହୋଇଛି। ଓଡ଼ିଶାରେ ଜୁନରେ ୨୦୯.୩୦ ଏମଏମ୍ ବର୍ଷା ହେବାକୁ ଥିବା ବେଳେ ହୋଇଛି ମାତ୍ର ୧୧୦.୩ ଏମଏମ୍ ବର୍ଷା। ଅର୍ଥାତ ରାଜ୍ୟରେ ୪୭ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଛି। ଝାଡ଼ଖଣ୍ଡରେ ୫୯%, ଉତ୍ତର ପ୍ରଦେଶରେ ୫୦% ଏମଂ ମହାରାଷ୍ଟ୍ରରେ ମଧ୍ୟ ୪୭ % ନିଅଣ୍ଟିଆ ବର୍ଷା ହୋଇଛି। ଏଥର ଗୁଜରାଟ ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ରାଜ୍ୟରେ ୮୨ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ଏହା ପଛକୁ ରହିଛି ଛତିଶଗଡ଼। ଏଠାରେ ୬୫ ଭାଗ ନିଅଣ୍ଟିଆ ବର୍ଷା ହୋଇଛି। ବିହାର, ପଞ୍ଜାବ, ଦିଲ୍ଲୀ, ମଧ୍ୟପ୍ରଦେଶ, ତାମିଲନାଡୁ, କେରଳ, ତେଲେଙ୍ଗାନା, କଶ୍ମୀର, ଉତ୍ତରାଖଣ୍ଡ, ହରିଆଣା, ହିମାଚଳ ପ୍ରଦେଶ, ଆସାମ, ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ, ମେଘାଳୟ ପ୍ରଭୃତି ରାଜ୍ୟରେ ନିଅଣ୍ଟିଆ ବର୍ଷା ବେହାଲ କରିଛି। ଆଇଏମ୍‌ଡି ପକ୍ଷରୁ କୁହାଯାଇଛି ଯେ ନିଅଣ୍ଟିଆ ବର୍ଷା ଯୋଗୁଁ କୃଷି ଚାଷ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। କେବଳ ଏତିକି ନୁହେଁ ଉତ୍ତର ଏବଂ କେନ୍ଦ୍ରାଞ୍ଚଳରେ ଗ୍ରୀଷ୍ମ ପ୍ରବାହ ମଧ୍ୟ ଜାରି ରହିଛି।

କିଛି ସପ୍ତାହର ମନ୍ଥର ଗତି ପରେ ଭାରତରେ ପୁଣି ଥରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହେବାରେ ଲାଗିଛି। ବଙ୍ଗୋପସାଗର ଏବଂ କେନ୍ଦ୍ରୀୟ ଭାରତରେ ଦୁଇଟି ପ୍ରମୁଖ ଲଘୁଚାପ କେନ୍ଦ୍ର ସୃଷ୍ଟି ହେବାର ସଙ୍କେତ ମିଳିଛି। ଏହା ଦେଶର ଅଧିକାଂଶ ଅଞ୍ଚଳରେ ବ୍ୟାପକ ବର୍ଷା କରାଇବା ସମ୍ଭାବନା ଆଣିଛି। ଜୁନ୍ ଶେଷ ସୁଦ୍ଧା ଉତ୍ତର ଭାରତରେ ମୌସୁମୀ ପ୍ରବାହ ଦୁର୍ବଳ ରହିଥିଲା। ଏବେ ମଧ୍ୟ ଦିଲ୍ଲୀ-ଏନସିଆର, ହରିୟାଣା ଏବଂ ରାଜସ୍ଥାନ ପରି ଅଞ୍ଚଳରେ ପ୍ରବଳ ଗରମ ଓ ଗୁଳୁଗୁଳି ଜାରି ରହିଛି। ତେବେ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଜୁଲାଇ ୧ ରୁ ୫ ମଧ୍ୟରେ ମୌସୁମୀ ଉତ୍ତର ଭାରତରେ ସମ୍ପୂର୍ଣ୍ଣ ଭାବେ ସକ୍ରିୟ ହେବ। ଏହା ଫଳରେ ପଞ୍ଜାବ, ହରିୟାଣା, ଦିଲ୍ଲୀ ଏବଂ ପଶ୍ଚିମ ଉତ୍ତର ପ୍ରଦେଶରେ ବ୍ୟାପକ ବର୍ଷା ସହ ତାପମାତ୍ରାରେ ହ୍ରାସ ଘଟିବ। ପୂର୍ବରୁ ମୌସୁମୀ ଟ୍ରଫ୍ ହିମାଳୟର ପାଦଦେଶ ନିକଟରେ ସ୍ଥିର ରହିଥିବାରୁ ଗାଙ୍ଗେୟ ସମତଳ ଅଞ୍ଚଳରେ ବର୍ଷା ହୋଇପାରୁନଥିଲା। ବର୍ତ୍ତମାନ ଏହି ଟ୍ରଫ୍ ଦକ୍ଷିଣ ଦିଗକୁ ଗତି କରିବା ଆରମ୍ଭ କରିଛି, ଯାହା ବାୟୁମଣ୍ଡଳରେ ଅସ୍ଥିରତା ସୃଷ୍ଟି କରି ବର୍ଷା ପାଇଁ ଅନୁକୂଳ ପରିବେଶ ତିଆରି କରୁଛି। ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଦୁଇଟି ଲଘୁଚାପ ପ୍ରଭାବରେ ପୂର୍ବ, କେନ୍ଦ୍ରୀୟ ଏବଂ ପଶ୍ଚିମ ଭାରତରେ ବର୍ଷା ବୃଦ୍ଧି ପାଇବ।

### ଆଜିଠାରୁ ପଶ୍ଚିମ ଓ ଦକ୍ଷିଣ...

ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହା ମୌସୁମୀକୁ ସକ୍ରିୟ କରିବ ଓ ଆଗାମୀ ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ହେବ।

ଏହାପରେ ଜୁଲାଇ ୯ ତାରିଖରେ ମଧ୍ୟ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ଯୋଗୁଁ ଜୁଲାଇ ଅଧା ପର୍ଯ୍ୟନ୍ତ ରାଜ୍ୟରେ ଭଲ ବର୍ଷାର ଆକଳନ କରାଯାଉଛି। ପାଣିପାଗ କେନ୍ଦ୍ର କହିଛି ଯେ ବୁଧବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଆଦିରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଥିବା ବେଳେ କେନ୍ଦୁଝର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା କରାଯାଇଛି। ଘୂର୍ଣ୍ଣିବଳୟ ପ୍ରଭାବରେ ମଙ୍ଗଳବାର ସକାଳୁ ରାଜ୍ୟର ଅଧିକାଂଶ ଅଞ୍ଚଳରେ ମେଘୁଆ ପାଗ ସାଙ୍ଗକୁ ଝିପି ଝିପି ବର୍ଷା ହୋଇଛି। ଏଥିପାଇଁ ଗଲା କିଛି ଦିନ ହେବ ଲାଗି ରହିଥିବା ଗରମ ଗଳୁଗୁଳି ସ୍ଥିତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି।

### କିଏ ନେବ...

ମୂଳଦୁଆ ଉପରେ ଆଘାତ ଦେଇଛି ବୋଲି ନବୀନ ମତବ୍ୟକ୍ତ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ସ୍କୁଲ ପାଠ୍ୟପୁସ୍ତକ ପ୍ରତି ଓଡ଼ିଶାର ବିଜେପି ସରକାର କରିଥିବା ଚରମ ଅବହେଳା ଏହି ପବିତ୍ର ବିଶ୍ୱାସକୁ ଭାଙ୍ଗି ଦେଇଛି। ଏହାର ଶିକାର ହୋଇଛନ୍ତି ଆମର ଲକ୍ଷ ଲକ୍ଷ ନିରୀହ ଛାତ୍ରଛାତ୍ରୀ; ଯେଉଁମାନେ ହେଉଛନ୍ତି ଓଡ଼ିଶାର ଭବିଷ୍ୟତ, ଆଗାମୀକାଲିର ବାର୍ତ୍ତାବହ। ଭୁଲରେ ଭରା ପାଠ୍ୟପୁସ୍ତକ ଛାପିବା ଏବଂ ପରେ ସେଗୁଡ଼ିକୁ ପ୍ରତ୍ୟାହାର କରିବା ପ୍ରସଙ୍ଗରେ ବାରମ୍ବାର ନିଷ୍ପତ୍ତି ବଦଳାଇ, ପିଲାମାନଙ୍କ ଆସ୍ଥା ଓ ବିଶ୍ୱାସର ମୂଳଦୁଆକୁ ଦୁର୍ବଳ କରାଯାଉଛି। ସରକାର ହୁଏତ ପରବର୍ତ୍ତୀ ସଂସ୍କରଣରେ ପାଠ୍ୟପୁସ୍ତକର ତ୍ରୁଟି ସୁଧାରିପାରନ୍ତି। କିନ୍ତୁ ଆମ ଓଡ଼ିଆ ପିଲାମାନଙ୍କର ଏକ ସମ୍ପୂର୍ଣ୍ଣ ପିଢ଼ିର ବିଶ୍ୱାସକୁ ଭାଙ୍ଗିଦେବାକୁ ହୋଇଥିବା ଉଦ୍ୟମ ପାଇଁ ଉତ୍ତରଦାୟୀ କିଏ ହେବ? କୋମଳମତି ପିଲାମାନଙ୍କ ଆସ୍ଥା ଉପରେ ଯେଉଁ ଆଘାତ ହୋଇଛି, ତା'କୁ କ'ଣ କୌଣସି ସଂଶୋଧନ କେବେ ଭରିପାରିବ ବୋଲି ସରକାରଙ୍କ ଉଦ୍ଦେଶ୍ୟରେ ନବୀନ ପ୍ରଶ୍ନ କରିଛନ୍ତି।

### ହତ୍ୟାକାରୀ ମାମୁଁକୁ...

ଗାୟତ୍ରୀଙ୍କୁ ଖରାପ ନଜରରେ ଦେଖୁଥିଲେ ଏବଂ ସେ କିରୋସିନି ଢାଳି ଗାୟତ୍ରୀଙ୍କୁ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ମାମଲାରେ ମୋଟ ୧୩ଜଣଙ୍କ ସାକ୍ଷ୍ୟ ଗ୍ରହଣ ସହିତ ବୟାନ ରେକର୍ଡ କରାଯାଇଥିଲା। ଗତକାଲି ମାମଲାର ବିଚାରଣା ଶେଷ ହୋଇଥିବା ବେଳେ ବିଚାରପତି ରୋହିତ ଲାଲ ପଣ୍ଡା ଅଭିଯୁକ୍ତ ମାମୁଁ ଶୁପ୍ରିନ ଦିଗାଲକୁ ପକ୍ସୋ ମାମଲାରୁ ଖଲାସ କରିଥିଲେ ହେଁ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ କରିଥିଲେ। ତେବେ କୋର୍ଟ ଆଜି ଦୋଷୀ ସାବ୍ୟସ୍ତ ତଥା ନାବାଳିକା ଭାଣିଜି ହତ୍ୟାକାରୀ ମାମୁଁ ଶୁପ୍ରିନ ଦିଗାଲକୁ ଫାଶୀ ଦଣ୍ଡାଦେଶରେ ଦଣ୍ଡିତ କରିଥିବା ସ୍ୱତନ୍ତ୍ର ପିପି ଶିବ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ ଯେ ପୂର୍ବରୁ ଅଭିଯୁକ୍ତ ଶୁପ୍ରିନ ଦିଗାଲ ନିଜ ପତ୍ନୀଙ୍କୁ ହତ୍ୟା ଅଭିଯୋଗରେ ଗିରଫ ହୋଇ ଫୁଲବାଣୀ ଜେଲରେ ଥିଲେ। କୋର୍ଟରୁ ଅନୁମତି କ୍ରମେ ସେ କିଛିଦିନ ପାଇଁ ପାରୋଲରେ ଆସି ବ୍ରହ୍ମପୁର ବିଦ୍ୟାନଗର ସ୍ଥିତ ସ୍ଥିତ ନିଜ ଭଉଣୀଙ୍କ ଘରେ ରହୁଥିଲେ। ଏବଂ ସେଠାରେ ଏହି ଘଟଣା ଘଟିଥିଲା। ତେବେ ମାମଲାରେ ପ୍ରକାଶ ପାଇଥିବା ରାୟ ବିରୁଦ୍ଧରେ ହାଇକୋର୍ଟରେ ଅପିଲ ବା ଚାଲେଞ୍ଜ କରାଯିବ ବୋଲି କହିଛନ୍ତି ଫାଶୀ ଦଣ୍ଡାଦେଶରେ ଦଣ୍ଡିତ ଶୁପ୍ରିନ ଦିଗାଲଙ୍କ ଓକିଲ ମନୋଜ ପଟ୍ଟନାୟକ।

### ନାବାଳିକାକୁ ଜିଅନ୍ତା...

ଲୋକମାନେ ଘଟଣାସ୍ଥଳକୁ ଧାଇଁ ଆସି ଅଭିଯୁକ୍ତଙ୍କୁ କାବୁ କରି ଧୂଷୁରୀ ପୁଲିସ ଜିମା ଦେଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ ତତ୍ପରତା ଯୋଗୁଁ ଏକ ବଡ଼ ଅଘଟଣ ଟଳିଯାଇଥିବା କୁହାଯାଉଛି। ଘଟଣା ପରେ ପୀଡ଼ିତାଙ୍କ ପକ୍ଷରୁ ଧୂଷୁରୀ ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଛି। ପୁଲିସ ଘଟଣାରେ ଏକ ମାମଲା(ନଂ-୨୮୮/୨୬) ରୁଜୁ କରି ଘଟଣାର ତଦନ୍ତ କରି ଘଟଣାରେ ବ୍ୟବହୃତ ପେଟ୍ରୋଲ ବୋତଲ, ଏକ ବିଷ ବୋତଲ ଜବତ କରି ଅଭିଯୁକ୍ତ ଦିଲ୍ଲୀପକୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ସୁଦର୍ଶନ ବାଗେ ସୂଚନା ଦେଇଛନ୍ତି। ଏହି ଘଟଣାରେ ଦିଲ୍ଲୀପଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

### ଲୁଚାଇବାକୁ ଯାଇ...

ପୁଲିସର ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ଲୋକଙ୍କ ମାଡ଼ରେ ଗୁରୁତର ତୋଫାନକୁ ଉଦ୍ଧାର କରିଥିବା ପୁଲିସ କିପରି ତାକୁ ଚିକିତ୍ସା ପାଇଁ ଭର୍ତ୍ତି କରିବା ବଦଳରେ ଦାୟିତ୍ୱହୀନତା ପ୍ରଦର୍ଶନ କଲା ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି।

ବାଣପୁର ଥାନା ଅନ୍ତର୍ଗତ ଭୀମପୁର ଗ୍ରାମ ବାଘୁଆପଦର ସାହିର ତୋଫାନ ରବିବାର ଅପରାହ୍ଣ ରେ ନିକଟସ୍ଥ ଖଣତ ଗ୍ରାମକୁ ଯାଇଥିବା ବେଳେ ଚୋର ସନ୍ଦେହ କରି ଗ୍ରାମର କେତେକ ଲୋକ ତୋଫାନକୁ ଗାଁ ଦାଣ୍ଡ ବିଜୁଳି ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିଥିଲେ।ସୂଚନା ପାଇ ବାଣପୁର ପୁଲିସ ତୋଫାନକୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ମାତ୍ର ବିଧିବଦ୍ଧ ଭାବେ କୌଣସି ଅଭିଯୋଗ ନ ହେବାରୁ ରାତି ପ୍ରାୟ ସାଢେ ୮ଟା ରେ ପୁଲିସ ପରିବାର ଲୋକଙ୍କୁ ଡାକି ଜିମାନାମା ଲେଖାଇ ତୋଫାନକୁ ଛାଡ଼ିଥିଲେ। ତେବେ ଗାଁ ଦାଣ୍ଡରେ ଲୋକମାନେ ତୋଫାନକୁ ପିଟିବା ବେଳେ ପୁଲିସ ତାକୁ ଉଦ୍ଧାର କରିଥିଲେ ହେଁ ତାକୁ କାହିଁକି ଡ଼ାକ୍ତରଖାନାରେ ଭର୍ତ୍ତି କରାଗଲା ନାହିଁ ବୋଲି ପ୍ରଶ୍ନ ଉଠିଛି। ରବିବାର ବିଳମ୍ବିତ ରାତିରେ ତୋଫାନ ଅତ୍ୟଧିକ ଅସୁସ୍ଥତା ଅନୁଭବ କରି ରକ୍ତବାନ୍ତି କରି ଗୁରୁତର ହୋଇଥିଲେ। ସୋମବାର ଭୋର ୬ଟାରେ ପରିବାର ଲୋକେ ତୋଫାନଙ୍କୁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

ସୋମବାର ବିଳମ୍ବିତ ରାତିରେ ମୃତ ତୋଫାନଙ୍କ ପତ୍ନୀ ସସ୍ମିତା ବାଣପୁର ଥାନାରେ ତାଙ୍କ ସ୍ୱାମୀଙ୍କୁ ଲୋକମାନେ ମିଳିତ ଭାବରେ ନିସ୍ତୁକ ମାଡ଼ ମାରିଥିବା ସଂକ୍ରାନ୍ତ ଅଭିଯୋଗ କରିଛନ୍ତି। ଏହାପରେ ପୁଲିସ ବିଏନ୍ଏସ୍ ୨୯୬,୧୦୩(୧), ୩(୫), ଏବଂ ୩(୧) (ଆର) (ଏସ୍), ୩ (୨), (ଭି-ଏ) ଏସ୍‌ସି/ଏସ୍‌ଟି (ପିଓଏ) ଆକ୍ଟରେ ୨୫୪/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜ୍ ଆଧାରରେ ଖଣତ ଗ୍ରାମର ପବିତ୍ର ରାଉତ (୫୧) ଓ ଶରତ କୁମାର ସ୍ୱାଇଁ (୬୦)ଙ୍କୁ ଗିରଫ କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସପି କହିଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ଏସ୍‌ପି ଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଗଠନ କରାଯାଇଛି। ଖଣତ ଗାଁରେ ସିସିଟିଭି ଫୁଟେଜ ସହ ଲୋକମାନଙ୍କୁ ପଚରାଉଚୁରା କରି ତଦନ୍ତ ଜାରି ରହିଥିବାବେଳେ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ବାଣପୁର ପୁଲିସ ମଙ୍ଗଳବାର ଭୁବନେଶ୍ୱରରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ ପୁରୀ ସ୍ୱର୍ଗଦ୍ୱାରରେ ତୋଫାନଙ୍କ ଅନ୍ତିମ ସଂସ୍କାର କରାଯାଇଛି।

ଅନ୍ୟପକ୍ଷରେ ତୋଫାନ ଜଣେ ଦଳିତ ବର୍ଗର ଯୁବକ। ତାଙ୍କ ନାଁ ରେ କୌଣସି ପ୍ରକାର ଅପରାଧ ମୂଳକ ମାମଲା ନାହିଁ ବୋଲି ପୁଲିସ ସୂଚନା ଦେଇଛି। କେଉଁ କାରଣରୁ ଲୋକେ ଆଇନକୁ ହାତକୁ ନେଇ ଏଭଳି ଅମାନବୀୟ କାଣ୍ଡ ଘଟାଇଲେ ତାହା ଏ ପର୍ଯ୍ୟନ୍ତ ଜଣାପଡିନାହିଁ। ପୁଲିସ ତୋଫାନକୁ ଉଦ୍ଧାର କରିବା ସମୟରେ ତାଙ୍କ ପାରିପାଶ୍ୱରିକ ଅବସ୍ଥାକୁ ନେଇ ମେଡିକାଲରେ ଚିକିତ୍ସା ବ୍ୟବସ୍ଥା କରିଥିଲେ ତୋଫାନ ହୁଏତ ବଞ୍ଚି ଯାଇଥାନ୍ତା ବୋଲି ସ୍ଥାନୀୟ ଲୋକ କହିଛନ୍ତି।

### ବାଲି ଚୋରା ଚାଲାଣରେ...

ବାଲି ଚାଲାଣର ଗନ୍ତାଘର ପାଲଟିଛି। ସରକାରୀ ଘାଟ ହୋଇଥିଲେ ସୁଦ୍ଧା କିପରି ପ୍ରତିଦିନ ନିକଟସ୍ଥ ଝାଡ଼ଖଣ୍ଡ ରାଜ୍ୟକୁ ଶହ ଶହ ଟ୍ରିପ୍ ବାଲି ଚୋରି ଚାଲାଣ ହେଉଛି। ।ସହିପରି କାଲି ରାତିରେ ୫ଟି ହାଇୱା ଝାଡ଼ଖଣ୍ଡକୁ ଯିବାର ଦେଖିବାକୁ ମିଳିଛି। ପ୍ରଶାସନ କେବଳ ନିରବଦ୍ରଷ୍ଟା ସାଜିଥିବା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଯଦି ସରକାରଙ୍କ ନିୟମ ଅନୁସାରେ ବାହାର ରାଜ୍ୟରେ ବାଲି ବିକ୍ରି କରାଯାଉଛି, ତାହେଲେ କେଉଁ ସରକାରୀ ବାବୁ ଓ କେଉଁ ନିୟମ ଆଧାରରେ ଆଦେଶ ଦେଇଛନ୍ତି; ତାହା ତଦନ୍ତ ହେବା ଦରକାର। ଖଣି ବିଭାଗ ପାଖରେ ନିୟମ ଅଛି କି ବାହାର ରାଜ୍ୟକୁ ବାଲି ବିକ୍ରି କରିବା ପାଇଁ ? ଯଦି ସରକାରଙ୍କ ନିୟମ ଅନୁସାରେ କାର୍ଯ୍ୟ ହେଉନାହିଁ, ତେବେ ଜିଲ୍ଲା ଖଣି ବିଭାଗ, ସାରସକଣା ତହସିଲ, ଝାରପୋଖରିଆ ପୁଲିସ କ'ଣ ପାଇଁ ଚୋରି ବାଲି ଚାଲାଣକୁ ଅଟକ କରୁନାହାନ୍ତି କାହିଁକି। ଏହା ପଛରେ ଆଉ କିଛି ରହସ୍ୟ ଲୁଚିରହିଛି କି ? ତାହା ସାଧାରଣ ଜନତାଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଛି। ରବିବାର ରାତି ସମୟରେ ସ୍ଥାନୀୟ କିଛି ଯୁବକ ହାଇୱାକୁ ଧରି ଝାରପୋଖରିଆ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ପହଞ୍ଚି ପାଣିପୋଷି କେନାଲ ନିକଟରୁ ଝାଡ଼ଖଣ୍ଡକୁ ଚାଲାଣ ହେଉଥିବା ବାଲି ଗାଡିକୁ ଧରି ଥାନାକୁ ନେଇଥିଲା। ଝାରପୋଖରିଆ ପୁଲିସ ଉକ୍ତ ହାଇୱାକୁ ଥାନାକୁ ଆଣି ୧୮୯/୨୬ରେ ଏକ ମାମଲା ରୁଜୁ କରି ଡ୍ରାଇଭରକୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି। ଦେଖିବାକୁ ବାକି ରହିଲା ଆଗାମୀ ଦିନରେ ଚୋରି ବାଲି ଚାଲାଣକୁ ପ୍ରଶାସନ ରୋକ ଲଗାଉଛି ନା ପୁଣି ସେଇ ପୁର୍ନର ମୂଷିକ ଭଳି ପରି ଦିନକୁ ଦିନ ଆହୁରି ଚୋରି ବଢ଼ି ଚାଲିଥିବ ଓ ପ୍ରଶାସନ ଏଠି ମୋଟା ଅଙ୍କର ବଟି ନେଇ ମାଫିଆଙ୍କୁ ଆଶୀର୍ବାଦ ଦେଉଥିବ, ତାହା ଦେଖିବାକୁ ବାକି ରହିଲା।


## ବିଶେଷ ସୂଚନା

ଏତଦ୍ୱାରା ବରଗଡ ମୁଖ୍ୟ କେନାଲ ସେଚାଞ୍ଚଳ ଅଧିନସ୍ଥ ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ଖରିଫ ଚାଷ ପାଇଁ ତା.୦୨-୦୭-୨୦୨୬ ରିଖ ପୂର୍ବାହ୍ଣ ୦୯.୦୦ ଘଟିକା ସମୟରେ ବରଗଡ ମୁଖ୍ୟ କେନାଲ ମାଧ୍ୟମରେ ସମସ୍ତ କେନାଲକୁ ଜଳଯୋଗାଣ କରାଯିବ । ଏଣୁ ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ଆସନ୍ତା ଖରିଫ ଚାଷ ନିମନ୍ତେ ବିହିତ ଯୋଜନା ପ୍ରସ୍ତୁତ କରିବା ପାଇଁ ଅନୁରୋଧ କରାଗଲା ।

ନିବେଦକ
ଅଧିକ୍ଷଣ ଯନ୍ତ୍ରୀ
ବରଗଡ ଜଳସେଚନ ବିଭାଜନ, ବରଗଡ

GOVT. OF ODISHA 25001/582/2627

**OFFICE OF THE SUPERINTENDING ENGINEER**
**RURAL WORKS DIVISION, ANANDAPUR**
**E-Mail: eerw_anandapur@yahoo.co.in**

**1st Corrigendum Notice**

Under unavoidable circumstances, online availability of tender for **Annual Maintenance Plan of Rural Roads under Administrative Expenditure** of the tender invited vide **e-Procurement Notice No. 3998 dated 10.06.2026 / Bid Identification No. NCB-Online 09/EE/RW/AND/2026-27** of the Executive Engineer, Rural Works Division, Anandapur is hereby **rescheduled** as below:

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender Clarification | Date & Time of opening of tender in O/o the S.E.R.W. Division, Anandapur |
|---|---|---|---|---|---|
| | | From | To | | |
| Executive Engineer, R.W. Division, Anandapur | NCB-Online 09/EE/RW/AND/2026-27 | 04.07.2026, 10:00 A.M. | 13.07.2026, up to 5:00 P.M. | 10.07.2026, up to 11:00 A.M. | 14.07.2026, 11:30 A.M. |

All other contents remain unchanged.

Sd/- Executive Engineer
R.W. Division, Anandapur

OIPR-25001/25055/1/26-27/0010

**O/O CHIEF DISTRICT MEDICAL & PUBLIC HEALTH OFFICER**
**DHH WARE HOUSE, NABARANGPUR**
Mail ID: dwhnabarangpur.26@gmail.com
RFP No.: 6074 Date: 29.06.2026 10001/318/2627

Sealed tenders are invited from registered, reputed and experienced Agencies /Firms/ Individuals for "selection of agencies to provide Godrej & Nilkamal furniture items under Rate contract". Bidders may send their complete bid in double cover system (Technical & Financial) separate envelops only. Combined bids will not be considered. Category of supply must be superscribed in the top of the Bid envelop and addressing clearly to the CDM&PHO, Nabarangpur. Tender documents is to be downloaded from the District website **https://nabarangpur.odisha.gov.in/**. Last date for receipt of Tender documents is **20.07.2026 by 5:00 PM** only through Speed post/Regd Post/Courier only, and the bids so received will be opened on **21.07.2026 at 11:00 AM** in the office chamber of CDM & PHO office, Nabarangpur. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof. Pre-Bid meeting-**04.07.2026 at 11 AM.**

Sd/- CDM & PHO-Cum-District Mission Director
NHM Nabarangpur

OIPR-10001/10081/1/26-27/0010

**OFFICE OF THE PANCHAYAT SAMITI, PAIKMAL**
AT/PO/PS:- Paikmal, Dist.:- Bargarh (Odisha), PIN:- 768039
E_Mail ID:- ori-paikmal@od.gov.in
No. 1478/ Dt. 29.06.2026
19001/122/2627

**"e"-procurement Notice**
Bid Identification No. BDO/Paikmal/02/2026-27

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Gov. Website i.e. www.tendersodisha.gov.in

1. **Nature of work** : Civil works
2. **No. of works** : 4
3. **Estimated cost** : As per NIT
4. **Period of completion** : As per NIT
5. **Date and time of availability of the Documents in the Portal** : From 02.07.2026 11.00 AM to 14.07.2026 5.00 PM
6. **Last date/time for receipt of Bids in the portal : Dt. 14.07.2026 up to 5.00 PM**
7. **Bids received online shall be opened on : Dt. 15.07.2026 at 11 AM**
8. **Name and address of the Officer inviting Bid : Block Development Officer, Paikmal**

Further, the details can be seen from the procurement Portal www.tendersodisha.gov.in

Block Development Officer
Paikmal

OIPR-19001/19175/1/26-27/0001

**OFFICE OF THE DIVISIONAL FOREST OFFICER,**
**REDHAKHOL FOREST DIVISION**
Email ID: - dfo.redhakhol@odisha.gov.in
Notice No.19 of 2026-27, Date 30.06.2026 8001/177/2627

**Application Invited for Engagement as Computer Engineer**

Redhakhol Forest Division invites applications only from qualified candidates for the post of Computer Engineer on a purely outsourcing basis (behalf of the Service Provider) to assist in planning, data management, and execution of digital operations including website and portal management, mobile application data management, and capacity building of staff on digitalisation and AI/LLM tools.

The interview date shall be intimated to the candidate after completion of preliminary scrutiny of the application and shall be notified through mail. Application shall be submitted only through the online mode. The application along with terms and conditions shall be available in www.sambalpur.odisha.gov.in/ www.odishaforest.in/ www.redhakholforest.com .

| Name of the Post | Computer Engineer |
|---|---|
| Educational Qualification | B.Tech/ B.E in Computer Science and Engineering or Postgraduate in Computer Science and Engineering from a recognized University. |
| Desirable Technical Skills | Programming and Scripting – Python, SQL, Java script etc. AI/ML, LLM, and Data tools etc. Computer and Office Skills – MS Office, Map design and layout etc. |
| Emoluments | Rs. 36,000(Thirty-six thousand rupees only) per month |
| Age | Upper age limit 35 years as on 01.01.2026, including age relaxation up to 5 years in case of SC/ST/SEBC candidates. |
| Last Date and Time for Submission | 18th July 2026 and 05.00 PM |

The candidate should submit **online form** by visiting the website www.redhakholforest.com or through scanning the QR code/ link (https://forms.gle/9MV3AiDgHf4bWAZi8). For any query, candidates can mail to helpdesk@redhakholforest.com.

OIPR-8001/8146/1/26-27/0030

Divisional Forest Officer,
Redhakhol Forest Division.

**Notice (For Minor)**

By virtue of an affidavit sworn before Executive Magistrate, Bhubaneswar, Dated-29.06.2026 I, RAMESH TIRIA, Address Kathbharia, Barisaghutu, Mayurbhanj, Odisha-757047, declare that I have changed the name of my daughter from SAKUN TIRIA to SUKANTI TIRIA. Henceforth, She shall be known as **SUKANTI TIRIA** for all purposes.

Sd/- Ramesh Tiria

**AFFIDAVIT**

By virtue of an affidavit sworn before the Executive Magistrate, Jharbandh, Bargarh vide No.77 dated 29.06.2026, I Janaki Bai Raut, resident of Vill.- Chandramanipur, Po.- Bhainsadarha, Ps./Tah- Jharbandh, Dist.- Bargarh, 768042 state that, I have changed my name from **Jananki Bai Rout** to **Janaki Bai Raut**. Hence **Janaki Bai Raut** for all future purposes.

**AFFIDAVIT**

By Virtue of an affidavit (SL NO-335, dtd-30.06.2026) sworn before The Executive Magistrate, Bisoi, Mayurbhanj. I, Smt Hiramani Majhi, W/O- Raisen Majhi, of village-Panposi,PO- Kundulia, PS-Bisoi ,DIST - Mayurbhanj. That ,My Daughter's actual name is MANINI MAJHI which is reflected in his Birth certificate vide Regd. No.-220/2017.That in Aadhar card No - 8979 6419 3747 my daughter's name has been wrongly entered as MAYNO MAJHI instead of MANINI MAJHI. That, Both the name MANINI MAJHI and MAYNO MAJHI is one and same person belongs to my daughter's name. Henceforth, she shall be known as **MANINI MAJHI** for all purpose .

SD/- HIRAMANI MAJHI

Office of the Principal
**PANCHAYAT HIGHER SECONDARY SCHOOL**
**At-Palasagora, Po-Baghiabahal, Dist-Boudh**

**Walk-in-Interview**

Wanted Contractual Teaching Faculties for PGT Odia and PGT Political Science. A walk-in-interview will be held on **12.07.2026 (Sunday) at 10.30 A.M.** in the office of the undersigned. Candidate having **55% marks** in concerned subject may attend along with their resume, photo copies of original certificates and their testimonials (Having B.Ed. Preference will be given first).

Sd/- Principal
Panchayat Higher Secondary School,
Palasagora, Dist-Boudh

**AFFIDAVIT**

I, Rashmita Dwibedi, D/o- Dhruba Charan Dwibedy W/o- Debasish Jena, Resident At- Chahata Nagar, Po- Avinaba Bidanasi, Ps- Bidanasi, Dist- Cuttack, PIN-753014, Odisha, declare by this affidavit No.3991 on dated 29.06.2024 before Executive Magistrate, Cuttack that now onwards I shall be known as **RASHMITA DWIBEDY** for all future purposes.

**AFFIDAVIT**

By virtue of an affidavit sworn before the Notary Public , Nabarangpur, Vide no - 3137/26, dated 27.06.2026, I, DHANMATI MAJHI, W/o - Damu Bhatra permanent resident of Village/PO- Sanamasigam, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed the name of my Daughter from METRO BHATRA to NETRO BHATRA. Henceforth, she shall be known as **NETRO BHATRA** for all purposes.

Sd/- Dhanmati Majhi

**AFFIDAVIT**

By virtue of an affidavit no.87 before the Executive Magistrate, Paikmal, Bargarh, dtd. 11.05.2026, I, Durbashini Pradhan, Vill/P.O.- Jamseth, P.S. Paikmal, Dist.- Bargarh hereby declare that my name has been wrongly recorded as Kishori Sahu in my Postal Bond Policy. My correct name is Durbashini Pradhan. That both names refer to one and the same person.

Sd/- Durbashini Pradhan

**AFFIDAVIT**

By virtue of an affidavit no.88 before the Executive Magistrate, Paikmal, Bargarh, dtd. 11.05.2026, I, Gunanidhi Pradhan, Vill/P.O.- Jamseth, P.S. Paikmal, Dist. Bargarh hereby declare that my name has been wrongly recorded as Dinabandhu Pradhan in my Postal Bond Policy. My correct name is Gunanidhi Pradhan. That both names refer to one and the same person.

Sd/- Gunanidhi Pradhan

**NOTICE**

By virtue of an affidavit no. 480 sworn before Notary Public, Borigumma, dated 26/05/2026, I LACHMAN GOUDA Address: Chargam, Po: Jayantigiri, PS: Borigumma, Dist: Koraput, Odisha-764056 declare that I have changed the name of my son from TOKADHAR GOUDA to TANKADHARA GOUDA. Henceforth, he shall be known as **TANKADHARA GOUDA** for all purposes.

Lachman Gouda

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 992, dated 24-06-2026, I, PHIRAJ CHANDRA HIAL, S/o - Alec Chandra Hial, permanent resident of - Gadabaguda, PO/PS/Dist.- Nabarangpur, Odisha, Pin - 764059, declare that I have changed the name of my Daughter from H. PRAKRUTI PRANGYA to PRAKRUTI PRANGYA HIAL. Henceforth, she shall be known as **PRAKRUTI PRANGYA HIAL** for all purposes.

Sd/- Phiraj Chandra Hial

**AFFIDAVIT**

By virtue of an affidavit no.156 before the Executive Magistrate, Bhubaneswar, dtd. 29.06.2026, I, Sabitri Kamudi, At- Abarada, P.O. Kularsingi, P.S. Padwa, Dist. Koraput hereby declare that My correct name is **Sabitri Kamudi** but in my Aadhaar Card it has been wrongly recorded as Sabetri Kamudi. Henceforth I shall be known as **Sabitri Kamudi** for all purposes.

Sd/- Sabitri Kamudi

**AFFIDAVIT**

By virtue of an affidavit sworn before Executive Magistrate/Notary Public) baripada, Mayurbhanj, Odisha sl no:493, dated 30.06.2026, I Sai Kiran Nayak, d/o: Biplab Nayak, AT: Purnachandrapur, ward no:21, Chipatastia, po/ps: Bhanjpur, dist - Mayurbhanj, PIN - 757002, adhar no: 365057025729 declare that I have changed my name from Saikiran Nayak to Sai Kiran Nayak. Henceforth, I shall be known as **Sai Kiran Nayak** for all purposes.

**AFFIDAVIT**

I, Prasanta Das, Age 34 yrs S/o- Bhagirathi Das, do hereby solemnly affirm that, as per Affidavit No. 1206 dated-12.05.2026 sworn before the Executive Magistrate, Kanika, my correct and actual name is Prasanta Das. The same is duly recorded in my SBI Bank Account, Aadhaar Card, and Voter ID Card but, my name has been recorded as Sangram Das in LIC Policy No. **586255912**. I hereby declare that the names **Prasanta Das** and **Sangram Das** refer to one and the same person.

# କମାରଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହିଁ ନ ଥିବା ଅବ୍ୟବସ୍ଥା

## ଆମ୍ବୁଲାନ୍ସ ସେବା ବନ୍ଦ, ଡାକ୍ତର ଅଭାବ, ରାତ୍ରିକାଳୀନ ସେବା ବନ୍ଦ; ରୋଗୀ ହନ୍ତସନ୍ତ

ଯୋଡ଼ା, ୩୦।୬(ସମିସ)

ଖଣି ଖାଦାନ ପାଇଁ ଜଣାଶୁଣା କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ କମାରଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ମାସ ହେଲା ଆମ୍ବୁଲାନ୍ସ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଛି। ଖଣି ଅଞ୍ଚଳ ହୋଇଥିଲେ ମଧ୍ୟ ଏଠାରେ ଜରୁରିକାଳୀନ ସେବା ପାଇଁ ଗୋଟିଏ ମଧ୍ୟ ସରକାରୀ ଆମ୍ବୁଲାନ୍ସ ନଥିବା ଫଳରେ ଗୁରୁତର ରୋଗୀଙ୍କୁ କେନ୍ଦୁଝର କିମ୍ବା କଟକ ବଡ ଡାକ୍ତରଖାନାକୁ ନେବାକୁ ଅଟୋ ବା ଘରୋଇ ଗାଡ଼ି ଉପରେ ଭରସା କରିବାକୁ ପଡୁଛି। ଫଳରେ ଅନେକ ସମୟରେ ବାଟରେ ହିଁ ରୋଗୀଙ୍କ ମୃତ୍ୟୁ ହେଉଛି। କୋଟି କୋଟି ଟଙ୍କା ରାଜସ୍ୱ ଦେଉଥିବା କେନ୍ଦୁଝର ଜିଲ୍ଲା ଖଣି ଅଞ୍ଚଳର ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଉଛି।




କମାରଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଯୋଡା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ ଓ ଯୋଡା ପୌରାଞ୍ଚଳର ପ୍ରାୟ ୭୦ ହଜାର ଲୋକ ରହିଛନ୍ତି। ଖଣି ଦୁର୍ଘଟଣା ଏଠାରେ ନିତିଦିନିଆ ଘଟଣା। ହେଲେ ଗୋଟିଏ ବି କାର୍ଯ୍ୟକ୍ଷମ ଆମ୍ବୁଲାନ୍ସ ନାହିଁ। ୧୦୮ ଆମ୍ବୁଲାନ୍ସ ବି ଅନେକ ସମୟରେ ପହଞ୍ଚି ପାରୁନାହିଁ। ଘରୋଇ ଆମ୍ବୁଲାନ୍ସରେ କେନ୍ଦୁଝର କିମ୍ବା କଟକକୁ ନେବାକୁ ହେଲେ ଗରିବ ଲୋକଟିଏ ହାତରୁ ଅର୍ଥ ବହନ କରିବାକୁ ପଡିଥାଏ। ଗରିବ ଲୋକଙ୍କ ପାଇଁ ଏହା ବୋଝ ଉପରେ ନଳିତା ବିଡ଼ା ସଦୃଶ। ଖଣି ଅଞ୍ଚଳରୁ ସରକାରଙ୍କୁ ବର୍ଷକୁ ହଜାର କୋଟିରୁ ଅଧିକ ଖଣି ରାଜସ୍ୱ ମିଳୁଛି। ହେଲେ ଏଠାରେ ଗୋଟିଏ ଆମ୍ବୁଲାନ୍ସ ବ୍ୟବସ୍ଥା ହୋଇ ପାରୁନାହିଁ। ସେହିପରି କମାରଯୋଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ କିଛି ଡାକ୍ତର ଥିଲେ ବି ରୋଗୀ ସଂଖ୍ୟା ତୁଳନାରେ ପ୍ରର୍ଯ୍ୟାପ୍ତ ଡାକ୍ତର ନାହାନ୍ତି। ଏଠାରେ ୬ ଜଣ ଡାକ୍ତର ଅଛନ୍ତି କିନ୍ତୁ ଦୈନିକ ଅଧିକ ରୋଗୀ ଆସୁଥିବାରୁ ସମସ୍ତଙ୍କୁ ଚିକିତ୍ସା କରିବା ସମ୍ଭବ ହେଉନାହିଁ। ରାତ୍ରିକାଳୀନ ରୋଗୀସେବା ବନ୍ଦ ରହିଛି। ତିରିଶ ଶଯ୍ୟା ବିଶିଷ୍ଟ ଏହି ଡାକ୍ତରଖାନାରେ ରୋଗୀ ରହିବାର ବ୍ୟବସ୍ଥା ନାହିଁ। କେବଳ ପ୍ରାଥମିକ ଚିକିତ୍ସା ପରେ ରୋଗୀ ମାନଙ୍କୁ ଛାଡିଦିଆ ଯାଇଥାଏ କିମ୍ବା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ଦିଆଯାଇଥାଏ। ତେବେ କମାରଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ସେବା ବ୍ୟାଘାତ ଯୋଗୁଁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ସ୍ଥାନୀୟ ଲୋକେ ତୁରନ୍ତ ଆମ୍ବୁଲାନ୍ସ ବ୍ୟବସ୍ଥା ଓ ଖାଲି ପଡ଼ିଥିବା ଡାକ୍ତର ପଦ ପୂରଣ ଦାବି କରିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଦୃଷ୍ଟି ଦେଇ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଠାରେ କିପରି ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା ଓ ଚିକିତ୍ସା ସେବା ମିଳିପାରିବ ସେ ଦିଗରେ ବିହିତ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏନେଇ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଧନେଶ୍ୱର ସେଠୀ କହିଛନ୍ତି ଯେ ଡାକ୍ତରଖାନାରେ ଥିବା ଆମ୍ବୁଲାନ୍ସ ଓ ୧୦୮ ଆମ୍ବୁଲାନ୍ସଗୁଡିକ ପୁରୁଣା ହୋଇଯାଇଛି, ସେଗୁଡିକ ବଦଳା ଯିବାକୁ ଲେଖାଯାଇଛି। ଅସ୍ଥାୟୀ ଭାବେ ଓମବାଡ଼ସିରୁ ଆମ୍ବୁଲାନ୍ସ ଯୋଗେ ରୋଗୀ ସେବା କରାଯାଉଛି।

## ବିନା ସୂଚନାଫଳକରେ ନିର୍ମାଣ କାର୍ଯ୍ୟ

ଆନନ୍ଦପୁର, ୩୦।୬ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ବାଟୋ ପଞ୍ଚାୟତ ଲୁଣିଆ ପାଟଣା ଗ୍ରାମରେ ଆଠ ଲକ୍ଷ ପଚାଶ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ସୂଚନାଫଳକ ନଥିବାରୁ ଗ୍ରାମବାସୀ ଅଭିଯୋଗ କରିବା ଘଟଣାରେ ଉତ୍ତେଜକ ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାଯାଇଛି। ଏନେଇ କନିଷ୍ଠ ଯନ୍ତ୍ରୀ ଦୀପ୍ତିରଞ୍ଜନ ସ୍ୱାଇଁଙ୍କୁ ପଚାରିବାରୁ କହିଲେ, ଆଠ ଦିନ ପୂର୍ବରୁ କାମ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ବୋଲି କହି ନିଜ ଉପରୁ ଦୋଷ ଆଡେଇ ଦେଇଛନ୍ତି। କାମକୁ ସଠିକ ଭାବେ ତଦାରଖ କରୁନାହାନ୍ତି କନିଷ୍ଠ ଯନ୍ତ୍ରୀ ସ୍ୱାଇଁ ସାଧାରଣ ଲୋକେ ଅଭିଯୋଗ କରୁଛନ୍ତି। ଠିକାଦାରଙ୍କୁ ପଚାରିବାରୁ ଦୁଇ ଦିନ ଭିତରେ ଫଳକ ଲାଗିବ ବୋଲି ସୂଚନା ମିଳିଛି। ଏହିପରି ଅନେକ ସମୟରେ ଅଭିଯୋଗ ହେଉଥିଲେ ମଧ୍ୟ ଘସିପୁରା ବିଡ଼ିଓ ବିନିତା ବିଜୟିନୀ କୌଣସି ଅଭିଯୋଗକୁ ଗୁରୁତ୍ୱ ନେଉ ନଥିବା ଚର୍ଚ୍ଚା ହେଉଛି।



## ଦୁର୍ଘଟଣାରେ ଡ୍ରାଇଭର ମୃତ

ମହୁଲଡିହା,୩୦।୬(ସମିସ): ୫୩ନଂ ରାଜ୍ୟ ରାଜପଥର ମହୁଲଡିହା ଥାନା ଅନ୍ତର୍ଗତ ଗୋଡଭଙ୍ଗା ଠାକୁରାଣୀ ଘାଟି ବାଙ୍କରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ଟାଟା ମ୍ୟାଜିକ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ଆଜି ଟାଟାରୁ ନୂଆ ଟାଟା ମ୍ୟାଜିକ ଭୁବନେଶ୍ୱର ସୋରୁମକୁ ଯାଉଥିଲା। ଆଗ ପଛ ଏକାଧିକ ଟାଟା ମ୍ୟାଜିକ ଯାଉଥିବା ସମୟରେ ଗୋଟିଏ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଅନ୍ୟ ଗାଡ଼ିର ଡ୍ରାଇଭର ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ଡ୍ରାଇଭର ଜଣକ ଝାଡ଼ଖଣ୍ଡ ସୁନ୍ଦରପୁରର ଶିବା ପାତ୍ର (୨୫) ବୋଲି ଜଣାପଡ଼ିଛି।

## ଆଦିବାସୀ ସେଙ୍ଗେଲ ଅଭିଯାନର ଦାବିପତ୍ର

ଆନନ୍ଦପୁର, ୩୦।୬(ସମିସ): ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ଏକ ଦାବିପତ୍ର ଘସିପୁରା ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି। ସଂଗଠନର କେନ୍ଦୁଝର ମୁଖ୍ୟ ବଳରାମ ଟୁଡୁଙ୍କ ନେତୃତ୍ୱରେ ସଂଗଠନର କର୍ମକର୍ତ୍ତା ଓ କେତେକ ସଦସ୍ୟ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଆସି ପଞ୍ଚାୟତସମିତି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରକୃତିର ପୂଜକ ଆଦିବାସୀମାନଙ୍କୁ ସାରନା ଧର୍ମ କୋଲମ କୋଡ ପ୍ରଦାନ କରିବା ଏବଂ ଝାଡ଼ଖଣ୍ଡ ରାଜ୍ୟକୁ ଆଦିବାସୀ ରୂପେ ଘୋଷଣା କରି ଆଦିବାସୀମାନଙ୍କ ସ୍ଥିତି ଜାହିର କରିବା ଦାବି ସମ୍ପର୍କରେ ବହୁବାର ଉପସ୍ଥାପନ କରାଯାଇଥିଲେ ମଧ୍ୟ କେନ୍ଦ୍ର ସରକାର ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବାରୁ ସଂଗଠନର କର୍ମକର୍ତ୍ତା କ୍ଷୋଭ ପ୍ରକାଶ କରିଥିଲେ। ଦାସମାତ ଟୁଡୁ, ଅର୍ଜୁନ ଟୁଡୁ, ମାଳତୀ ହାଁସଦା ଖେଳରାମ ମାର୍ଣ୍ଡି ଏଥିରେ ସାମିଲ ଥିଲେ। ପରେ ସେଙ୍ଗେଲ ଅଭିଯାନର ଏକ ପ୍ରତିନିଧିମଣ୍ଡଳୀ ବିଡ଼ିଓ ଜରିଆରେ ଏକ ଦାବିପତ୍ର ପ୍ରଦାନ କରି ଦାବି ପୂରଣ ନହେଲେ ଆଗାମୀ ଦିନରେ ଆଦିବାସୀମାନଙ୍କ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦେଇଥିଲେ।



## ଭଗବାନ ସାହୁଙ୍କ ପରଲୋକ

ଆନନ୍ଦପୁର, ୩୦।୬(ସମିସ): ଶ୍ରୀଝାଡ଼େଶ୍ୱର ମହେଶ ମନ୍ଦିରର ପୂର୍ବତନ କୋଠ ତହସିଲଦାର ଭଗବାନ ସାହୁ (୮୭)ଙ୍କ ପରଲୋକ ଘଟିଛି। ସେ ଗତ କିଛିଦିନ ହେଲା ଅସୁସ୍ଥ ଥିଲେ। ଆଜି ଅପରାହ୍ନରେ ୧୫ ନମ୍ବର ୱାର୍ଡସ୍ଥିତ ବାସଭବନରେ ତାଙ୍କ ଦେହାନ୍ତ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ପୁଅ ଉପଖଣ୍ଡ ଡାକ୍ତରଖାନାର ଫାର୍ମାସିଷ୍ଟ କୃଷ୍ଣଚନ୍ଦ୍ର ସାହୁ, ନାତି ହରିଶଙ୍କର ସାହୁ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପରଲୋକ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଝାଡ଼େଶ୍ୱର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ହୋଇଛି। ପୁଅ କୃଷ୍ଣଚନ୍ଦ୍ର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ସାହୁ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟ କରି ଅବସର ଗ୍ରହଣ କରିବା ପରେ ଝାଡ଼େଶ୍ୱର ମନ୍ଦିରର କୋଠ ତହସିଲଦାର ଭାବେ କାର୍ଯ୍ୟ କରିଥିଲେ।



## ଅସରାଏ ବର୍ଷାରେ ଆନନ୍ଦପୁର ବ୍ୟାରେଜ୍ ଆପ୍ରୋଚ୍‌ରୋଡ୍ ବେହାଲ୍

ଆନନ୍ଦପୁର, ୩୦।୬ (ସମିସ): ଆନନ୍ଦପୁର ବ୍ୟାରେଜର ଦୁଇ ପାର୍ଶ୍ୱ ଆପ୍ରୋଚ ରାସ୍ତା ତିନି ବର୍ଷ ହେବ ରକ୍ଷଣାବେକ୍ଷଣ ହେଉ ନଥିବାରୁ ଯାତାୟାତ ଅନୁପଯୋଗୀ ହୋଇପଡ଼ିଛି। ଏହି ବ୍ୟାରେଜ ରାସ୍ତାରେ ପ୍ରତ୍ୟେକ ଦିନ ଶହ ଶହ ଯାନବାହନ ଓ ସାଧାରଣ ଲୋକ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିବା ବେଳେ ଦୀର୍ଘ ୨ କିମି ରାସ୍ତା ସମ୍ପୂର୍ଣ୍ଣ ଖାଲଖମାରେ ପରିଣତ ହୋଇଛି। ସାଧାରଣ ଲୋକମାନେ ଘୋର ଅସୁବିଧାର ସମ୍ମୁଖୀନ ହେବା ସହ ଦୁର୍ଘଟଣା ଘଟି ଆହତ ହେଉଥିବା ଦେଖାଯାଇଛି। ବର୍ତ୍ତମାନ ବର୍ଷାରେ ରାସ୍ତାଟି ଆହୁରି ଖରାପ ହୋଇଗଲାଣି। ଉକ୍ତ ରାସ୍ତା ଦେଇ ସ୍କୁଲ ବସ, ଆମ୍ବୁଲାନ୍ସ ଦମକଳ ଓ ସରକାରୀ ଗାଡ଼ି ଏବଂ ସାଧାରଣ ଲୋକମାନେ ଯାତାୟାତ କରୁଛନ୍ତି। ତୁରନ୍ତ ଉପଖଣ୍ଡ କାରାଗାରଠାରୁ ପ୍ରାଣବଲ୍ଲଭ ପବ୍ଲିକ୍ ସ୍କୁଲ ପର୍ଯ୍ୟନ୍ତ ରାସ୍ତାର ନୂତନ ନିର୍ମାଣ କାର୍ଯ୍ୟ କରିବା ପାଇଁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହୋଇଛି। ଆନନ୍ଦପୁର ବ୍ୟାରେଜ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତାର ନିର୍ମାଣ ଯଥାଶୀଘ୍ର ଆରମ୍ଭ ହେବା ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡ଼ିଛି।



## ● ଦୀର୍ଘଦିନ ପରେ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା

## ଚାଷୀକୁଳରେ ଆନନ୍ଦ, ଗୁଳଗୁଳିରୁ ମିଳିଲା ମୁକ୍ତି

ବାରିପଦା, ୩୦।୬(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଦୀର୍ଘଦିନର ଗୁଳଗୁଳି ଓ ଖରା ପରେ ପ୍ରବଳ ବର୍ଷା ଆରମ୍ଭ ହୋଇଛି। ଏହା ଚାଷୀଙ୍କ ପାଇଁ ବହୁତ ବଡ଼ ସହାୟକ ହୋଇଛି। ଜୁନ୍ ମାସରେ ଜିଲ୍ଲାରେ ସ୍ୱଳ୍ପ ବୃଷ୍ଟିପାତ ଥିବା ସତ୍ତ୍ୱେ ସାମ୍ପ୍ରତିକ ପ୍ରବଳ ବର୍ଷା ଖରିଫ ଫସଲ ପାଇଁ ଆଶା ଜଗାଇଛି। ଭୁବନେଶ୍ୱରସ୍ଥ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମଙ୍ଗଳବାର ସକାଳ ୮ଟା ରିପୋର୍ଟ ଅନୁସାରେ ବିଗତ ୨୪ ଘଣ୍ଟାରେ ରାଜ୍ୟର ସର୍ବାଧିକ ବୃଷ୍ଟିପାତ ବାରିପଦାରେ ହୋଇଛି। ବାରିପଦାରେ ସର୍ବାଧିକ ୧୩୫ ମିମି ବୃଷ୍ଟିପାତ ରେକର୍ଡ ହୋଇଛି। ଏହି ସମୟ ମଧ୍ୟରେ ଚାନ୍ଦୁଆରେ ୧୩୦ ମିମି, ଶୁଳିଆପଦାରେ ୧୨୮ ମିମି ଓ ଶାମାଖୁଣ୍ଟାରେ ୧୨୫ ମିମି ବୃଷ୍ଟିପାତ ରେକର୍ଡ ହୋଇଛି। ଏହି ବର୍ଷା ଜିଲ୍ଲାର ଅନେକ ସ୍ଥାନରେ ଜଳ ସଙ୍କଟ ଦୂର କରିଛି। ତତସହିତ ଚାଷୀ ଏହି ବର୍ଷାକୁ ସ୍ୱାଗତ କରୁଛନ୍ତି। ବାରିପଦା ବ୍ଲକର ଚାଷୀ ରାମ ଚରଣ ମହନ୍ତ କୁହନ୍ତି, ଦୀର୍ଘ ଦିନ ଧରି ଗୁଳଗୁଳି ଥିଲା। ଧାନ ବୁଣିବା ପାଇଁ ଜଳ ଅଭାବ ହୋଇଥିଲା। ଏବେ ବର୍ଷା ହେବାରୁ ଆମର ଚିନ୍ତା କମିଛି। ଅନ୍ୟ ଚାଷୀ ମଧ୍ୟ କହୁଛନ୍ତି, ଏହା ମାଟିର ଆର୍ଦ୍ରତା ବଢ଼ାଇଛି ଓ ପାଣି ସମସ୍ୟା ଦୂର କରିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଲଘୁଚାପଜନିତ ବର୍ଷାକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ସତର୍କତା ଜାରି ରହିଛି। ଏହା ଜିଲ୍ଲାର କୃଷି ଓ ଜଳ ସମ୍ପଦ ପାଇଁ ଲାଭଦାୟକ ହେବ ବୋଲି ଆଶା କରାଯାଉଛି।



**ଗତ ୨୪ ଘଣ୍ଟା ମଧ୍ୟରେ ବାରିପଦାରେ ରାଜ୍ୟର ସର୍ବାଧିକ ବୃଷ୍ଟିପାତ**

## ନର୍ସିଂହୋମ୍‌ର ଚକ୍ଷୁ ବିଭାଗ ଓପିଡି ସିଲ୍

ବାରିପଦା, ୩୦।୬(ସମିସ): ବାରିପଦାର ଏକ ଘରୋଇ ନର୍ସିଂହୋମର ଚକ୍ଷୁ ବିଭାଗର ବହିର୍ବିଭାଗକୁ ପ୍ରଶାସନ ସିଲ୍ କରିଛି। ନର୍ସିଂହୋମ୍ ବିରୋଧରେ ରୋଗୀଙ୍କ ଅନିଚ୍ଛା ସତ୍ତ୍ୱେ ଆଖି ଅସ୍ତ୍ରୋପଚାର କରାଯାଇଥିବା ଅଭିଯୋଗ ଆସିଥିବାରୁ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଉଚ୍ଚସ୍ତରୀୟ ତଦନ୍ତର ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ଘଟଣା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରାଯାଇଥିଲା। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟା ୩୦ ମିନିଟ୍ ସମୟରେ ଡିପିଏଚଓ ମାନସ ନାଏକଙ୍କ ନେତୃତ୍ୱରେ ଏହି ଦଳ ବାରିପଦା ଟାଉନ ଥାନା ପୁଲିସର ଉପସ୍ଥିତିରେ ପ୍ରାୟ ଚାରି ଘଣ୍ଟା ଧରି ନର୍ସିଂହୋମ୍‌ରେ ତଦନ୍ତ କରିଥିଲେ। ତଦନ୍ତ ଶେଷରେ ଅପରାହ୍ନ ପ୍ରାୟ ୨ଟା ୩୦ ମିନିଟ୍ ସମୟରେ ଚକ୍ଷୁ ବିଭାଗର ବହିର୍ବିଭାଗକୁ ସିଲ୍ କରାଯାଇଥିଲା। ବଡ଼ସାହି ଥାନା ଅନ୍ତର୍ଗତ ନରଣପୁର ଗ୍ରାମର ୧୧ ଜଣ ଆଦିବାସୀଙ୍କୁ ମାଗଣା ଚିକିତ୍ସାର ପ୍ରଲୋଭନ ଦେଖାଇ ଜଣେ ସ୍ୱେଚ୍ଛାସେବୀ ଆଖିର ଅସ୍ତ୍ରୋପଚାର କରାଇଥିବା ଅଭିଯୋଗ ହୋଇଥିଲା। ଘଟଣାକୁ ନେଇ ବଡ଼ସାହି ଥାନାରେ ମାମଲା ମଧ୍ୟ ରୁଜୁ ହୋଇଥିଲା। ପୀଡ଼ିତଙ୍କ ପକ୍ଷରୁ କଂଗ୍ରେସ ନେତା ଶାନ୍ତନୁ ପାଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ମଧ୍ୟ କରିଥିଲେ। ଅଭିଯୋଗରେ ସରକାରଙ୍କ ଆୟୁଷ୍ମାନ ଭାରତ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଯୋଜନାର ପାଣ୍ଠିର ଅପବ୍ୟବହାର ଉଦ୍ଦେଶ୍ୟରେ ଏପରି କାର୍ଯ୍ୟ ହୋଇଥିବା ଦର୍ଶାଯାଇଥିଲେ।



## ବିଦ୍ୟୁତ୍ କାଟ୍ ପ୍ରତିବାଦରେ ପୁରୁଣା ବାରିପଦା ଷ୍ଟ୍ରକ୍‌ଚରରେ ତାଲା

କୁଆମରା,୩୦।୬(ସମିସ): ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ଷ୍ଟକଚର ଅଧୀନରେ କୁଆମରା ଅଞ୍ଚଳର ଉପଭୋକ୍ତା ଆଜି କ୍ରମାଗତ ବିଦ୍ୟୁତ କାଟ ପ୍ରତିବାଦରେ କର୍ମଚାରୀଙ୍କୁ ଭିତରେ ରଖି ଗେଟରେ ତାଲା ପକାଇଥିଲେ। ଗ୍ରୀଷ୍ମଋତୁ ଆରମ୍ଭରୁ ଉପଭୋକ୍ତା ପାଞ୍ଚରୁ ଛଅ ଘଣ୍ଟା ବିଦ୍ୟୁତ ସେବା ପାଉଥିବାବେଳେ ପ୍ରାୟ ୧୫ରୁ ୧୮ ଘଣ୍ଟା ସେବା ଠପ୍ ହୋଇପଡୁଥିଲା। ବିଭାଗୀୟ କର୍ମଚାରୀଙ୍କୁ କାରଣ ପଚାରିଲେ ସନ୍ତୋଷଜନକ ଉତ୍ତର ମିଳୁ ନ ଥିଲା। ବିଭିନ୍ନ ସମୟରେ ବିଦ୍ୟୁତ କାଟକୁ ନେଇ କର୍ମଚାରୀଙ୍କ ଉତ୍ତରରେ ତାଳମେଳ ଖାଉ ନ ଥିଲା। ଦୀର୍ଘ ଦୁଇମାସ ଧରି ପ୍ରବଳ ଗରମରେ ଲୋକେ ଅତିଷ୍ଠ ହୋଇପଡୁଥିଲେ। ଆକାଶରେ ମେଘ ଉଠାଇଲେ କୌଣସି କାରଣ ନ ଥାଇ ରାତି ସାରା ବିଦ୍ୟୁତ କାଟ କରିବା ପ୍ରାୟ ନିତିଦିନିଆ ଘଟଣା ପାଲଟିଥିଲା। ଆଜି କୁଆମରା ଅଞ୍ଚଳର ଶତାଧିକ ଉପଭୋକ୍ତା ପ୍ରତିବାଦର ସ୍ୱର ଉଠାଇ ତାଲା ପକାଇବା ନିଷ୍ପତ୍ତି ନେଇଥିଲେ। ପ୍ରାୟ ଦୁଇ ଘଣ୍ଟା ଧରି ତାଲା ପଡ଼ିବା ଖବର ପାଇ କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି, ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନା ସଦଳବଳେ ପହଞ୍ଚି ଶୃଙ୍ଖଳା ରକ୍ଷା କରିବା ସହ ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ। ମାଣତ୍ରୀ ବିଦ୍ୟୁତ ସେକ୍ସନ କନିଷ୍ଠ ଯନ୍ତ୍ରୀ ନିକୁଞ୍ଜ ବିହାରୀ ଜେନା ପହଞ୍ଚି ଉପଭୋକ୍ତାଙ୍କ ସହ ଆଲୋଚନା କରିଥିଲେ। ସ୍ୱଳ୍ପ କର୍ମଚାରୀ ପାଇଁ ଏହି ସମସ୍ୟା ଦେଖାଦେଉଥିବାବେଳେ ଅଧିକ କର୍ମଚାରୀ ନିୟୋଜିତ କରିବାକୁ କନିଷ୍ଠ ଯନ୍ତ୍ରୀ ପ୍ରତିଶ୍ରୁତି ଦେବା ପରେ ତାଲା ଫିଟିଥିଲା। ଏତଦ୍‌ବ୍ୟତୀତ ଉକ୍ତ ଅଞ୍ଚଳ ପାଇଁ ସ୍ୱତନ୍ତ୍ର କମିଟି ଗଠନ କରିବାର ନିଷ୍ପତ୍ତି ନିଆଯାଇଛି। ଫଳରେ କର୍ମଚାରୀ ଓ କମିଟିର ସହଯୋଗ ହେଲେ ବିଦ୍ୟୁତ ସମସ୍ୟା ଦୂର ହେବ ବୋଲି କୁହାଯାଇଛି।



## ଆନନ୍ଦପୁର ଡାକ୍ତରଖାନାରେ ମହିଳା ସହାୟତା କେନ୍ଦ୍ର

ଆନନ୍ଦପୁର, ୩୦।୬(ସମିସ): ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ମହିଳାଙ୍କ ସୁରକ୍ଷା ଓ ସହାୟତାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ନୂତନ ସବ୍ ୱାନ୍ ଷ୍ଟପ ସେଣ୍ଟରର ଉଦ୍‌ଘାଟନ କରାଯାଇଛି। କେନ୍ଦୁଝର ସାଂସଦ ଅନନ୍ତ ଚରଣ ନାଏକ ଏହାକୁ ଉଦ୍‌ଘାଟନ କରିଥିଲେ। ଅସୁବିଧାରେ ପଡ଼ିଥିବା ମହିଳାଙ୍କୁ ଏଠାରେ ୨୪ ଘଣ୍ଟିଆ ସମନ୍ୱିତ ସେବା ମିଳିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ଆନନ୍ଦପୁର ଏସଡିପିଓ କମଳ ଲୋଚନ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସବିତା ଦାସ, ମେଡିକାଲ୍ ଅଫିସର କିଶୋରଚନ୍ଦ୍ର ଦାଶ, ପୂର୍ବତନ ନଗରପାଳ ରାମଚନ୍ଦ୍ର ସାହୁ ଏବଂ ଜିଲ୍ଲା ସୁରକ୍ଷା ଅଧିକାରିଣୀ ଚନ୍ଦ୍ରକାନ୍ତି ଜେନା ପ୍ରମୁଖ ଉପସ୍ଥିତ ଥିଲେ। ମହିଳାଙ୍କ ପ୍ରତି ହିଂସା, ନିର୍ଯାତନା କିମ୍ବା ଅନ୍ୟାନ୍ୟ ସମସ୍ୟା ପାଇଁ ଗୋଟିଏ ଛାତ ତଳେ ୨୪ ଘଣ୍ଟା ଜରୁରୀ ସହାୟତା, ପରାମର୍ଶ ଓ ଆବଶ୍ୟକ ସେବା ଯୋଗାଇ ଦିଆଯିବ। କାର୍ଯ୍ୟକ୍ରମକୁ ଦିଶାର ସମ୍ପାଦକ ସଞ୍ଜୀବ ପଣ୍ଡା ପରିଚାଳନା କରିଥିବା ବେଳେ ଅମିୟ କୁମାର ସା ଧନ୍ୟବାଦ ଅର୍ପଣ କରିଥିଲେ। ସେଣ୍ଟରର ପରିଚାଳନା ଦାୟିତ୍ୱ ହେମଲତା ପରମଗୁରୁ ଗ୍ରହଣ କରିଥିବା ବେଳେ ଦିଶାର ସମସ୍ତ ସଦସ୍ୟ ଓ ସଦସ୍ୟା ସହଯୋଗ କରିଥିଲେ।



## ■ ଓଡ଼ିଶା ସରକାରଙ୍କ ସଫଳ ଦୁଇବର୍ଷ ପୂର୍ତ୍ତି

## ବାରିପଦାରେ ଆକାଂକ୍ଷୀ ବ୍ଲକ୍ କାର୍ଯ୍ୟକ୍ରମ

ବାରିପଦା, ୩୦।୬(ସମିସ): ଓଡ଼ିଶା ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ରାଜ୍ୟବ୍ୟାପୀ ସରକାରୀ ଜନସମ୍ପର୍କ ଓ ସହଭାଗିତା କାର୍ଯ୍ୟକ୍ରମ ଅନ୍ତର୍ଗତ ଆକାଂକ୍ଷୀ ବ୍ଲକ୍ କାର୍ଯ୍ୟକ୍ରମ ମଙ୍ଗଳବାର ସ୍ଥାନୀୟ ସହିଦ ସ୍ମୃତି ଭବନଠାରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ୟୁନିଟ୍ ପକ୍ଷରୁ ଆୟୋଜିତ ହୋଇଥିଲା। ଜିଲ୍ଲାର ଆକାଂକ୍ଷୀ ବ୍ଲକ୍‌ରେ ବିକାଶ ସୂଚକର ଉନ୍ନତି, ବିଭାଗୀୟ ସମନ୍ୱୟ ଓ ଜନସହଭାଗିତାକୁ ଅଧିକ ସୁଦୃଢ଼ କରିବା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ସଭାପତିତ୍ୱ କରିଥିଲେ। ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଯୋଗଦେଇ ବିଭିନ୍ନ ବ୍ଲକ୍‌ରୁ ଆସିଥିବା ଅଙ୍ଗନବାଡ଼ି କର୍ମୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ସେ ଜିଲ୍ଲାରେ ମାତୃ ମୃତ୍ୟୁହାର ହ୍ରାସ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବାର ଗୁଣାତ୍ମକ ଉନ୍ନତି ଓ କ୍ଷେତ୍ରସ୍ତରରେ ସମସ୍ତ ସରକାରୀ ଯୋଜନାର ଫଳପ୍ରଦ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ୮ଟି ଆକାଂକ୍ଷୀ ବ୍ଲକ୍‌ର ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା, ବ୍ଲକ୍ ଓ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହିତ ବିଭିନ୍ନ ସରକାରୀ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଠାକୁରମୁଣ୍ଡା ବ୍ଲକ୍‌ର ଆସ୍ପିରେସନାଲ୍ ବ୍ଲକ୍ ଫେଲୋ ତପସ ଦାସ ଆକାଂକ୍ଷୀ ବ୍ଲକ୍ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, କାର୍ଯ୍ୟଧାରା ଓ ବିଭିନ୍ନ ପ୍ରମୁଖ ବିକାଶ ସୂଚକ ସମ୍ପର୍କରେ ଏକ ବିସ୍ତୃତ ପାୱାର ପଏଣ୍ଟ ଉପସ୍ଥାପନା ପ୍ରଦାନ କରିଥିଲେ। ଏହାକୁ ଆଧାର କରି ସ୍ୱାସ୍ଥ୍ୟ, ପୁଷ୍ଟି, ଶିକ୍ଷା, କୃଷି, ପାନୀୟଜଳ, ଜୀବିକା ଓ ମହିଳା ସଶକ୍ତିକରଣ ସମେତ ବିଭିନ୍ନ କ୍ଷେତ୍ରର ବିକାଶ ସୂଚକର ଅଗ୍ରଗତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲୋକନାଥ ମିଶ୍ର, ଜିଲ୍ଲା ମୁଖ୍ୟ ପଶୁସମ୍ପଦ ଅଧିକାରୀ ଡା ନରେଶ ଜେନା, ଜିଲ୍ଲା ମୁଖ୍ୟ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ମୁଖ୍ୟ ସମାଜ ମଙ୍ଗଳ ଅଧିକାରୀ ଅନ୍ନପୂର୍ଣ୍ଣା ବିଶ୍ୱାଳ, ଆରଡବ୍ଲ୍ୟୁଏସଏସ୍ ରାଇରଙ୍ଗପୁର ଖଣ୍ଡର ଅଧିକାରୀ ଅଭିମନ୍ୟୁ ଜେନା, ଡେପୁଟି ଜେନେରାଲ୍ ମ୍ୟାନେଜର ଡିଜିଏମ୍ ସେବତୀ କର ପ୍ରମୁଖ ଯୋଗଦେଇ ନିଜ ବିଭାଗ ସମ୍ପର୍କରେ ସୂଚନା ଦେଇଥିଲେ।

## ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପେନସନ ମେଳା

ବାରିପଦା, ୩୦।୬(ସମିସ): ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଚଳିତ ଜୁନ ମାସରେ ଅବସର ଗ୍ରହଣ କରିଥିବା ୩୦ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଥିବା ସମସ୍ତ ସରକାରୀ, ନୂତନ ପେନସନ ଯୋଜନାଭୁକ୍ତ ଶିକ୍ଷକ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟରୁ ଏହି କର୍ମଚାରୀ ଅବସର ଗ୍ରହଣ କରିଛନ୍ତି। ଏହି ବିଦାୟ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଗୌତମ ପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏଥିରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ସେକ୍ସନ ଅଫିସର ସୁଦୀପ୍ତ ମୌଳିକ, ବରିଷ୍ଠ ସହାୟକ ଶକୁନ୍ତଳା ସେଠୀ ଓ ପିନାକୀ ବେରା, କନିଷ୍ଠ ସହାୟକ କ୍ଷେତ୍ରମୋହନ ବେହେରା ପ୍ରମୁଖଙ୍କ ଉପସ୍ଥିତରେ ବିଦାୟୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସେଠୀ ଅବସର ଗ୍ରହଣ କରୁଥିବା ସମସ୍ତଙ୍କୁ ସମସ୍ତ କାଗଜପତ୍ର ସହ ଉତ୍ତରୀୟ ପ୍ରଦାନ କରିବା ସହିତ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏଥିରେ ୮ ଜଣଙ୍କୁ ପୂର୍ଣ୍ଣାଙ୍ଗ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯାଇଥିଲ। ପ୍ରଧାନଶିକ୍ଷକ ଯୋଗେଶ୍ୱର ବେହେରା, ଭାଗ୍ୟବାନ ମହାନ୍ତ, ନିମାଇଁ ପାଲ, ଗଣେଶ୍ୱର ସି, ଅଶୋକ ଜେନା, ବ୍ରହ୍ମାନନ୍ଦ ମଣ୍ଡଳ, ରାଜଲକ୍ଷ୍ମୀ ମିଶ୍ର, ଈଶ୍ୱର ମହାନ୍ତ, ଅର୍ଜୁନ ମହାନ୍ତ, ସୁଧଳ ମହାନ୍ତ, ମଞ୍ଜୁଲତା ମହାନ୍ତ, ମହାଦେବ ନାଏକ, ହରିହର ପାଟବନ୍ଧା, ନବକିଶୋର ମହାନ୍ତ, କଲ୍ୟାଣୀ ମଞ୍ଜରୀ ଗିରି, ଚିତ୍ତରଞ୍ଜନ ଦାସ, ଚିନ୍ମୟ ମିଶ୍ର, ଜନ୍ମଜେୟ ବେହେରା, ଚିତ୍ତରଞ୍ଜନ ସାହୁ, ଲମ୍ବୋଦର ମହାନ୍ତ, ବୀଣାପାଣି ଖୁଣ୍ଟିଆ, ସୁବାସ ରାଉଳ, ଆଭାରାଣୀ ନାଥ, ପରମେଶ୍ୱର ନାଏକ, ସମୟ ମାଝୀ, ମୃତ୍ୟୁଞ୍ଜୟ ସା, ପରମେଶ୍ୱର ନାଏକ, ବାଞ୍ଛାନିଧି ଦାସ, ବିନୋଦିନୀ ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ରାଇରଙ୍ଗପୁର ନୂତନ ପୁଲିସ ଜିଲ୍ଲାରେ ଫୋର୍ସଙ୍କ ଯୋଗଦାନ

# ପୁଲିସ ଫୋର୍ସକୁ ସ୍ୱାଗତ କଲେ ଆରକ୍ଷୀ ଅଧୀକ୍ଷକ

ରାଇରଙ୍ଗପୁର,୩୦।୬(ସମିସ)

ରାଇରଙ୍ଗପୁରରେ ନୂତନ ପୁଲିସ ଜିଲ୍ଲା ପାଇଁ ଗତ ୧୯ ତାରିଖରେ ରାଷ୍ଟ୍ରପତିଙ୍କ ଦ୍ୱାରା ଆରକ୍ଷୀ ଅଧୀକ୍ଷକଙ୍କ ନୂତନ କାର୍ଯ୍ୟାଳୟ ଗୃହ ଉଦଘାଟିତ ହେବାପରେ ଇତି ମଧ୍ୟରେ ଜିଲ୍ଲାରେ ପ୍ରଥମ ଆରକ୍ଷୀ ଅଧୀକ୍ଷକ ଭାବେ ସୁରେଶ ଚନ୍ଦ୍ର ପାତ୍ର ଯୋଗଦାନ କରିଛନ୍ତି। ନୂତନ ପୁଲିସ ଜିଲ୍ଲାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଆଜି ପ୍ରଥମ ପର୍ଯ୍ୟାୟରେ ୧୦୦ ଜଣିଆ ପୁଲିସ ଫୋର୍ସ ଏଠାରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏ ଉପଲକ୍ଷେ ଜିଲ୍ଲା ପୁଲିସ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଅଧ୍ୟକ୍ଷତାରେ ଏକ ସ୍ୱାଗତ ଉତ୍ସବ ଆୟୋଜିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନା, ଆନନ୍ଦ କୁମାର ଡୁଙ୍ଗଡୁଙ୍ଗ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବୀରେନ୍ଦ୍ର ସେନାପତି, ଆରଆଇ ଲକ୍ଷ୍ମୀ ରଞ୍ଜନ, ସବଇନ୍ସପେକ୍ଟର ରଞ୍ଜନ ସେଠୀ, କାର୍ଯ୍ୟାଳୟର ଅନ୍ୟାନ୍ୟ ବିଭଗୀୟ ପଦାଧିକାରୀ, କର୍ମଚାରୀଙ୍କ ସମେତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। ପୁଲିସ ଫୋର୍ସକୁ ସ୍ୱାଗତ କରିବା ଅବସରରେ ଆରକ୍ଷୀ ଅଧୀକ୍ଷକ କହିଥିଲେ ଯେ ଆଜିର ଦିନ ରାଇରଙ୍ଗପୁର ନୂତନ ପୁଲିସ ଜିଲ୍ଲାର ଇତିହାସରେ ଏକ ସ୍ୱର୍ଣ୍ଣିମ ଓ ସ୍ମରଣୀୟ ଅଧ୍ୟାୟ ହୋଇ ରହିବ। ଏହି ନୂତନ ପୁଲିସ ଜିଲ୍ଲାରେ ପୁଲିସ ଫୋର୍ସର ଆଗମନ କେବଳ ଜଣେ କର୍ମଚାରୀଙ୍କ ଯୋଗଦାନ ନୁହେଁ, ବରଂ ଆଇନର ଶାସନକୁ ସୁଦୃଢ଼ କରିବା, ଲୋକଙ୍କୁ ଉତ୍ତମ ସେବା ପ୍ରଦାନ ଓ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷାକୁ ଆହୁରି ମଜବୁତ କରିବା ଦିଗରେ ଏକ ନୂତନ ପଦକ୍ଷେପ। ନୂତନ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ସେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଅଧିକାରୀ ଓ କର୍ମଚାରୀଙ୍କୁ ମାର୍ଗଦର୍ଶନ ଦେବା ସହିତ କହିଥିଲେ, ଆପଣମାନଙ୍କ ଅନୁଭବ, ଦକ୍ଷତା, ନିଷ୍ଠା ଓ କର୍ତ୍ତବ୍ୟପରାୟଣତା ଏହି ଜିଲ୍ଲାର ପୁଲିସ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ ବୋଲି ମୋର ପୂର୍ଣ୍ଣ ବିଶ୍ୱାସ। ଆମର ଲକ୍ଷ୍ୟ କେବଳ ଅପରାଧ ନିୟନ୍ତ୍ରଣ ନୁହେଁ, ବରଂ ଲୋକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବା, ସମ୍ବେଦନଶୀଳତା ସହିତ ସେବା ପ୍ରଦାନ କରିବା ଏବଂ ଜନସାଧାରଣଙ୍କ ସହ ସୁଦୃଢ଼ ସମ୍ପର୍କ ଗଢ଼ି ତୋଳିବା। ଆରକ୍ଷୀ ଅଧୀକ୍ଷକ ଓ ଅଧିକାରୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ସେମାନଙ୍କ ଉପସ୍ଥିତି ପାଇଁ ଧନ୍ୟବାଦ ଜଣାଇଥିଲେ।



ପ୍ରଶାସନର ଅଣଦେଖା

# ପଟୁଆ-ସିକିଡ଼ିଆ ରାସ୍ତା ଶୋଚନୀୟ

କୁଆମରା, ୩୦।୬(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ପଞ୍ଚାୟତର ପଟୁଆରୁ ସିକିଡ଼ିଆକୁ ସଂଯୋଗ କରୁଥିବା ୨ କିଲୋମିଟର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଉପରେ ତିନୋଟି ଗ୍ରାମର ପ୍ରାୟ ଦୁଇଶହରୁ ଅଧିକ ପରିବାର ନିର୍ଭର କରନ୍ତି। ମାତ୍ର ଉକ୍ତ ରାସ୍ତା ପ୍ରତି ପ୍ରଶାସନ ନିଘା ନାହିଁ। ପ୍ରଶାସନ ଅଣଦେଖା କରୁଥିବାରୁ ତିନୋଟି ଗ୍ରାମର ଲୋକେ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ଉକ୍ତ ରାସ୍ତାର ମରାମତି କରାଯିବାକୁ ଦାବି ହେଉଛି।



୧୦ ବର୍ଷ ହେବ ଏହି ଗ୍ରାମ୍ୟ ରାସ୍ତା ମରାମତି ଅଭାବରୁ ମରଣଯନ୍ତା ପାଲଟିଛି। ସାମାନ୍ୟ ବର୍ଷା ହେଲେ ସୃଷ୍ଟି ହୋଇଥିବା ଗର୍ତ୍ତରେ ଫୁଟେରୁ ଅଧିକ ପାଣି ଜମି ରହୁଛି। ଉକ୍ତ ଦୁଇ କିଲୋମିଟର ରାସ୍ତାରେ ୫୦ରୁ ଅଧିକ ଖାଲ ସୃଷ୍ଟି ହୋଇଛି। ଚାରିଚକିଆ ଯାନ ଯିବା ତ ଦୂରର କଥା, ବାଇକ୍ ଯିବା କଷ୍ଟକର। ଅଞ୍ଚଳବାସୀଙ୍କ ପାଇଁ ଏହା ଏକମାତ୍ର ରାସ୍ତା। ଏହି ରାସ୍ତାରେ ସ୍କୁଲକୁ ଛୋଟ ପିଲା ଯାଉଛନ୍ତି। ଯାହା ଅଭିଭାବକ ମହଲରେ ଚିନ୍ତାର ବିଷୟ ପାଲଟିଛି। ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାକୁ ଏହା ସଂଯୋଗ କରୁଥିବାରୁ ଏହାର ଯଥେଷ୍ଟ ଗୁରୁତ୍ୱ ରହିଛି। ତେବେ ଆଗକୁ ବର୍ଷାଋତୁ ଆସୁଥିବାରୁ ରାସ୍ତାର ଅବସ୍ଥା ଦୁଇଗୁଣ ଖରାପ ହେବ, ଏଥିରେ ସନ୍ଦେହ ନାହିଁ। ଏଣୁ ଜରୁରିକାଳୀନ ଭିତ୍ତିରେ ଏହି ରାସ୍ତାକୁ ମରାମତି କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଏ ନେଇ ୱାର୍ଡ ମେମ୍ବର ବିରେଶ ଦାସଙ୍କୁ ପଚାରିବାରୁ ପଞ୍ଚାୟତ ବୈଠକରେ ଏହି ରାସ୍ତା ମରାମତି ପାଇଁ ବାରମ୍ବାର ଦାବି ଉଠାଇଛି। ମାତ୍ର ଏ ଦିଗରେ ଆଜି ପର୍ଯ୍ୟନ୍ତ ଦୃଷ୍ଟି ନ ଦେବା ପରିତାପର ବିଷୟ ବୋଲି କହିଛନ୍ତି।

# ସାରସକଣା ନିର୍ବାଚନମଣ୍ଡଳୀରେ ବିକଶିତ ଭାରତ ସଂକଳ୍ପ ସମ୍ମିଳନୀ

ବିଶୋଇ, ୩୦।୬ (ସମିସ): ବିଜେପି ପକ୍ଷରୁ ବୁଦ୍ଧିଜୀବୀ ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ସାରସକଣା ନିର୍ବାଚନମଣ୍ଡଳୀ ସ୍ତରୀୟ ବିକଶିତ ଭାରତ ସଂକଳ୍ପ ସମ୍ମିଳନୀ ସ୍ଥାନୀୟ ବିଶୋଇ ଡାକ ବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଜେପି ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି ଜୁରିଲାଲ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ସାରସକଣା ନିର୍ବାଚନମଣ୍ଡଳୀର ବିଶୋଇ, ବିଜାତଳା, ସାରସକଣା ପ୍ରମୁଖ ବ୍ଲକର ବିଭିନ୍ନ ଗ୍ରାମରୁ ଶତାଧିକ ବୁଦ୍ଧିଜୀବୀ, ବ୍ୟୟଜ୍ୟେଷ୍ଠ ବ୍ୟକ୍ତି ବିଶେଷ ଓ ଅଙ୍ଗନାବାଡ଼ି କର୍ମୀ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ସାରସକଣା ବିଧାୟକ ଭାଦବ ହାଁସଦା ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ରାଜ୍ୟରେ ସୁଶାସନ ବ୍ୟବସ୍ଥା କରି ଲୋକ ଓ ରାଜ୍ୟର ହିତ ସାଧନ ପାଇଁ ବୁଦ୍ଧିଜୀବୀଙ୍କ ମୂଲ୍ୟବାନ ପରାମର୍ଶ ନେବା ଉକ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଜିଲ୍ଲା ସଭାପତି ଜୁରିଲାଲ ମହାନ୍ତ କହିଥିଲେ। ଅବସରପ୍ରାପ୍ତ ଏବିଡିଓ ରବୀନ୍ଦ୍ର ନାଥ ଗିରି, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ କୁଞ୍ଜବିହାରି ବେହେରା, ଅବସରପ୍ରାପ୍ତ ବିଇଓ ଜୟହରି ଘୋଷ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିକ୍ଷକ ନିଯୁକ୍ତି, ଭତ୍ତା ପ୍ରଦାନରେ ସ୍ୱଚ୍ଛତା, କଳା ବଜାରୀଠାରୁ ଦୂରେଇ ରହି ଚାଷୀ କିପରି ମଣ୍ଡିରେ ଅଧିକରୁ ଅଧିକ ଧାନ ବିକ୍ରୟ କରିବେ, ସେନେଇ ସରକାର ସୁଯୋଗ ସୃଷ୍ଟି କରିବା ପାଇଁ ମତାମତ ଦେଇଥିଲେ। ଜିଲ୍ଲା ସହସମ୍ପାଦକ ସ୍ୱରୋଜ ମହାନ୍ତ, ଜିଲ୍ଲା ଉପସଭାପତି ସତ୍ୟରଞ୍ଜନ ମଣ୍ଡଳ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଅମଦ ମହାନ୍ତ, ସାଂସଦ ପ୍ରତିନିଧି ଉମାକାନ୍ତ ନନ୍ଦ, ବିଶୋଇ ସରପଞ୍ଚ କରୁଣା ସାଗର ମାରାଣ୍ଡି, ବିଶୋଇ ମଣ୍ଡଳ ସଭାପତି ବନମାଳୀ ଗିରି, ବିଶୋଇ ଶକ୍ତି କେନ୍ଦ୍ର ପ୍ରମୁଖ ବିମ୍ବାଧର ଧୀର, ଖନ୍ତ ମଣ୍ଡଳ ସଭାପତି ଲିଙ୍ଗନ ମହାନ୍ତ, ବିଜାତଳା ମଣ୍ଡଳ ସଭାପତି ଯୁଗଳକିଶୋର ଧୀର, ମଣଦା ମଣ୍ଡଳ ସଭାପତି ପ୍ରଭାତ ରଞ୍ଜନ ଗିରି, କୁସୁମୀ ମଣ୍ଡଳ ସଭାପତି ଜଗନ୍ନାଥ ରଣା ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ଅମୀୟ ଦ୍ୱାରି, କୈଳାସ ବସା, ସିନିୟର ସିଟିଜେନ ସମ୍ପାଦକ ଭରତ ମହାନ୍ତ, ବ୍ରଜମୋହନ ଗିରି, ବିଶିଷ୍ଟ ଚାଷୀ ଟିମା ମହାକୁଡ଼, ଭରତ ଚନ୍ଦ୍ର ସେଠୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବମୋର୍ଚ୍ଚା ସଭାପତି ଆନନ୍ଦ ରାମ ମଞ୍ଜି ପରିଚାଳନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।




## ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା ସମାବେଶ



କରଞ୍ଜିଆ, ୩୦।୬(ସମିସ): କରଞ୍ଜିଆ ବ୍ଲକସ୍ତରୀୟ ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା ସମାବେଶ କରଞ୍ଜିଆ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଳ୍ପ ତାଲିମ କେନ୍ଦ୍ର, ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି ସମାବେଶରେ କରଞ୍ଜିଆ ଶିଳ୍ପ କାର୍ଯ୍ୟକ୍ରମ ଅଧିକାରିଣୀ ଚିତ୍ରାଞ୍ଜଳି ସୋରେନ ସଭାପତିତ୍ୱ କରିଥିବାବେଳେ କରଞ୍ଜିଆ ବିଡିଓ ପ୍ରଦ୍ୟୁମ୍ନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବବର୍ଗଙ୍କୁ ସ୍ୱାବଲମ୍ବୀ ହେବା ସହ ସରକାରଙ୍କ ବିଭିନ୍ନ ସ୍ୱରୋଜଗାର ଓ ଦକ୍ଷତା ବିକାଶ ଯୋଜନାର ସୁଯୋଗ ନେବାକୁ ଆହ୍ୱାନ କରିଥିଲେ। ଏ ଅବସରରେ ଏବିଡିଓ ଦଳେଇ ସିଂ, କରଞ୍ଜିଆ ଶିଳ୍ପ ତାଲିମ କେନ୍ଦ୍ରର ଡେପୁଟି ଟ୍ରେନିଂ ଅଫିସର ବିମଳ ଚନ୍ଦ୍ର ମହାନ୍ତ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଅନ୍ତର୍ଯ୍ୟାମୀ ସେଠୀ ଉପସ୍ଥିତ ରହି ଯୁବମାନଙ୍କ ପାଇଁ ଉପଲବ୍ଧ ସରକାରୀ ଯୋଜନା, ଦକ୍ଷତା ବିକାଶ ପ୍ରଶିକ୍ଷଣ ଓ ଉଦ୍ୟୋଗ ସ୍ଥାପନ ସମ୍ବନ୍ଧୀୟ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ। ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଅନ୍ତର୍ଯ୍ୟାମୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମୟୂରଭଞ୍ଜ ପାଟରା ସମାଜ ସ୍ଥାପନା ଦିବସ



ବାରିପଦା, ୩୦।୬(ସମିସ): ସ୍ଥାନୀୟ କଲ୍ୟାଣୀ ମହିଳା ସମିତି ସମ୍ମିଳନୀ କକ୍ଷରେ ମୟୂରଭଞ୍ଜ ପାଟରା ସମାଜର ସ୍ଥାପନା ଦିବସ ପାଳିତ ହୋଇଯାଇଛି। ଜୟନ୍ତ କୁମାର ସେନାପତି, ସମରେନ୍ଦ୍ର କୁମାର ବସା, ମାନସ ରଞ୍ଜନ ମହାପାତ୍ର, ଚିତ୍ତରଞ୍ଜନ ସାହୁ, ସ୍ୱରୂପ କୁମାର ବସା, ବୀରେନ୍ଦ୍ର ନାଥ ବସା, କିଶୋର କୁମାର ବସା, ଆଶିଷ କୁମାର ବସା, ଅରୁଣ କୁମାର ମହାପାତ୍ର, ଜ୍ୟୋତିପ୍ରକାଶ ବସା, ସଞ୍ଜୟ କୁମାର ନାୟକ ଓ ଅନ୍ୟ ସଭ୍ୟଙ୍କ ଉପସ୍ଥିତିରେ ସଂଗଠନର ପଞ୍ଜୀକରଣ କରାଯିବା ସହ ଉପବିଧି ପ୍ରସ୍ତୁତି ଓ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ କମିଟି ଗଠନ, ସଂଗଠନର ପ୍ରତୀକ ସ୍ଥିରୀକୃତ କରିବା, ସଂଗଠନର ପ୍ରାଥମିକ ପାଣ୍ଠି ଗଠନ କରିବା ଓ ମୟୂରଭଞ୍ଜ ଜିଲ୍ଲା ଅଧୀନରେ ଥିବା ସମସ୍ତ ବ୍ଲକ ଓ ଉପଖଣ୍ଡରେ ସଭା ମାଧ୍ୟମରେ ସଂଗଠନର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ମୟୂରଭଞ୍ଜ ପାଟରା ସମାଜ ଗଠନର ମୂଳ ଉଦ୍ଦେଶ୍ୟ ହେଉଛି ମୟୂରଭଞ୍ଜ ଜିଲ୍ଲାର ସମସ୍ତ ପାଟରା ପରିବାରର ସଦସ୍ୟଙ୍କ ଭିତରେ ସମନ୍ୱୟ ରକ୍ଷା କରିବା, ସହାୟତାର ହାତ ବଢ଼ାଇବା ଓ ସମାଜରେ କଲ୍ୟାଣମୂଳକ କାର୍ଯ୍ୟ କରିବା ଓ ଏହି ସଂଗଠନକୁ ଏକ ବଳିଷ୍ଠ ଓ ପୂର୍ଣ୍ଣାଙ୍ଗ ରୂପରେ ପ୍ରତିଷ୍ଠା କରିବାକୁ ଆସନ୍ତା ଜୁଲାଇ ୧୨ ତାରିଖ ବୈଠକରେ ଏହାର ରୂପରେଖ ପ୍ରସ୍ତୁତ କରାଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି।

## ରାଣୀପାଳରେ ସାନ୍ତାଳ ବିଦ୍ରୋହ ଦିବସ



ରାଇରଙ୍ଗପୁର, ୩୦।୬(ସମିସ): ରାଣୀପାଳ ଗ୍ରାମରେ ବୀର ସିଧୁ-କାହ୍ନୁ ମେମୋରିଆଲ କ୍ଲବ ପକ୍ଷରୁ ଆଦିବାସୀ ସାନ୍ତାଳ ବିଦ୍ରୋହ ହୁଲ ମାହା ପାଳିତ ହୋଇଛି। ଗ୍ରାମର ମାଝୀ ବାବା କନ୍ଦନ ମାରାଣ୍ଡିଙ୍କ ନେତୃତ୍ୱରେ ମାଝୀ ବାବା ଘରୁ ଶୋଭାଯାତ୍ରା ବାହାରି ବାଜା ବଜାଇ ଆଦିବାସୀ ପାରମ୍ପରିକ ନୃତ୍ୟ ଓ ଗୀତରେ ଆସି ବୀର ସିଧୁ-କାହ୍ନୁ ମେମୋରିଆଲ କ୍ଲବ ଘର ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ଏହି ଶୋଭାଯାତ୍ରାରେ ମୁଖ୍ୟଅତିଥି ଭାବେ ପୂର୍ବତନ ପୁଲିସ ଡିଏସପି ରାଇସେନ ମୁର୍ମୁ ଓ ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତିଙ୍କ ସହିତ ସଂଖ୍ୟାଧିକ ମହିଳା/ପୁରୁଷ ସାମିଲ ହୋଇ ହୁଲ ମାହାରେ ଯୋଗ ଦେଇଥିଲେ। ବୀର ସିଧୁ-କାହ୍ନୁ ମେମୋରିଆଲ କ୍ଲବଠାରେ ପ୍ରଥମେ ଆଦିବାସୀ ସବୁଜ ପତାକା/ଝଣ୍ଡା ମୁଖ୍ୟଅତିଥି ରାଇସେନ ମୁର୍ମୁଙ୍କ ଦ୍ୱାରା ଉଡାଇ ଶୁଭାରମ୍ଭ ଥିଲେ। ପରେ ମାଝୀ ବାବାଙ୍କ ସହିତ ଗ୍ରାମର ପୂଜାରୀ ଛୋଟରାଇ ହେମ୍ବ୍ରମ, ଚୈତନ୍ୟ ମାରାଣ୍ଡି ବୀର ସିଧୁ-କାହ୍ନୁ, ଚାନ୍ଦ-ଭୈରବ ଓ ଫୁଲ-ଝାନ, ବିର୍ସା ମୁଣ୍ଡା, ପଣ୍ଡିତ ରଘୁନାଥ ମୁର୍ମୁ, ସମ୍ବିଧାନ ନିର୍ମାତା ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ଫଟୋଚିତ୍ରରେ ଫୁଲମାଲ୍ୟ ଦେଇ ଆଦିବାସୀ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଆଦିବାସୀ ସାରନା-ଧର୍ମର ହିତାଲ ଗୀତ ଗାଇ ସମସ୍ତ ସହିଦଙ୍କ ଉଦ୍ଦେଶ୍ୟରେ ବନ୍ଦନା ଗାନ କରାଯାଇଥିଲା। କ୍ଲବ୍‌ର ସଭାପତି ବିକ୍ରମ ଟୁଡୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରାଇସେନ ମୁର୍ମୁ ସହିଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଦିବାସୀ ଅଧିକାର ବଞ୍ଚାଇ ରଖିବା ପାଇଁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ହୁଲ ମାହା କ୍ରାନ୍ତି ଦିବସରେ ଯୁବପିଢ଼ିଙ୍କୁ ଆଦିବାସୀ ଅଧିକାର ଜଳ, ଜଂଗଲ ଓ ଜମିର ସୁରକ୍ଷା ଓ ସମ୍ବିଧାନିକ ଅଧିକାରକୁ ବଞ୍ଚାଇବାକୁ ଆହ୍ୱାନ କରିଥିଲେ। ରାଣୀପାଳ ଗ୍ରାମରେ ଦୁଇଦିନିଆ ଉତ୍ସବ ପାଳନ କରାଯାଉଛି। ଆଜି ପିଲାଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଏସିପି ଓ ମନରେଗା ସହାୟକଙ୍କ ହେଉନି ବଦଳି

## ମିଳିତ ବିରୋଧୀ ଦଳ ଆଣିଲେ ଅରାଜକତା ବୃଦ୍ଧି ଅଭିଯୋଗ

ବାରିପଦା, ୩୦।୬(ସମିସ): ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବ୍ଲକରେ ଏସିପି ଓ ମନରେଗା ସହାୟକଙ୍କ ବର୍ଷ ବର୍ଷ ଧରି ବଦଳି ନ ହେବା ଯୋଗୁଁ ଅରାଜକତା ସମ୍ବନ୍ଧରେ ମିଳିତ ବିରୋଧୀ ଦଳ କଂଗ୍ରେସ, ସିପିଆଇ, ସିପିଏମ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାପାଳ ହେମକାନ୍ତ ସଏ ଜିଲ୍ଲା ମନରେଗା ପ୍ରକଳ୍ପ ସଂଯୋଜକ ଭାବେ କାର୍ଯ୍ୟ କରୁଥିବାବେଳେ ସେ ସମ୍ପୂର୍ଣ୍ଣ ଅବଗତ ଯେ, ଉକ୍ତ ଯୋଜନାରେ ବ୍ଲକରେ କାର୍ଯ୍ୟରତ ଏସିପି ଓ ମନରେଗା ସହାୟକ ଗୋଟିଏ ଗୋଟିଏ ବ୍ଲକରେ ୧୫ରୁ ୨୦ ବର୍ଷ ଧରି ରହି ଆସିଥିବା ଦେଖାଯାଇଛି। ସେମାନଙ୍କ ନିଯୁକ୍ତି ଏଜେନ୍ସି ଦ୍ୱାରା ହୋଇଥିଲେ ସୁଦ୍ଧା ଗୋଟିଏ ସ୍ଥାନରେ ଦୀର୍ଘ ବର୍ଷ ରହିବା ଫଳରେ ସରକାରୀ କାମରେ ସ୍ୱଚ୍ଛତା ରହୁନାହିଁ ଓ ହିତାଧିକାରୀ ବିଭିନ୍ନ ସମୟରେ ଅସନ୍ତୋଷ ପ୍ରକାଶ କରୁଥିବାର ଦେଖିବାକୁ ମିଳୁଛି।



କିଛି କର୍ମଚାରୀ ଯୋଜନାର ବ୍ଲକସ୍ତରୀୟ ଅଧିକାରୀଙ୍କୁ କାମରେ ସହଯୋଗ କରିବା ପରିବର୍ତ୍ତେ ବେପରୁଆ ମନୋଭାବ ଓ ଖରାପ ଆଚରଣ ପ୍ରଦର୍ଶନ କରୁଥିବା ଅଭିଯୋଗ ସାଧାରଣରେ ଆଲୋଚନା ହେଉଛି। ଗୋଟିଏ ସ୍ଥାନରେ ଦୀର୍ଘ ବର୍ଷ ରହିବା ଦ୍ୱାରା ପରୋକ୍ଷ ଦୁର୍ନୀତିରେ କିଛି ଅଧିକାରୀ ନିୟୋଜିତ କରିବା ମନେ ହେଉଛି। କେତେକ କର୍ମଚାରୀ ନିଜ ବ୍ଲକରେ ରହି ଠିକାଦାରୀ ଓ ରାଜନୈତିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ସତ୍ତ୍ୱେ ପ୍ରଶାସନିକ ଅଧିକାରୀ ନିରବ ରହିବା ସହିତ ଲୋକଙ୍କ ସରକାରର କାର୍ଯ୍ୟଶୈଳୀ ଓ ସ୍ୱଚ୍ଛତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବ୍ଲକରେ ସମସ୍ତ କର୍ମଚାରୀଙ୍କ ବଦଳି ପ୍ରକ୍ରିୟା ନିର୍ଦ୍ଧାରିତ ସମୟ ମଧ୍ୟରେ ହେଉଥିଲେ ହେଁ ଏସିପି ଓ ମନରେଗା ସହାୟକଙ୍କ ବଦଳି ନ ହେବା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିରବତାକୁ ପ୍ରଶ୍ନ କରୁଛି। ଏଜେନ୍ସି ସହ ହେଉଥିବା ଚୁକ୍ତି ପ୍ରକ୍ରିୟାରେ କୌଣସି ଅସ୍ୱଚ୍ଛତା ହେଉଛି କି ନାହିଁ ତାହାର ନିରପେକ୍ଷ ତଦନ୍ତ କରାଯିବାକୁ ବୁଦ୍ଧିଜୀବୀ ଓ ସର୍ବସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି। କଂଗ୍ରେସ ପକ୍ଷରୁ ଶାନ୍ତନୁ ପାଲ, ସୁସ୍ମିତା ଘୋଷାଲ, ଦେବରାଜ ମିଶ୍ର, ବନମାଳୀ ବାରିକ, ନିହାର ରଞ୍ଜନ ମହୁଆଲ, ଭବାନୀ ଶଙ୍କର ସାହୁ, ଗୋସାଇଁ ଚରଣ ମହାନ୍ତ, ରତିକାନ୍ତ ଚୌଧୁରୀ, ସିପିଆଇ ପକ୍ଷରୁ ଜଗବନ୍ଧୁ ମିଶ୍ର, ଶ୍ରୀକାନ୍ତ ସାମଲ, ମଦନମୋହନ ଦାସ ଓ ସିପିଏମର ରବି ଗୋସ୍ୱାମୀ ପ୍ରମୁଖ ପ୍ରଦାନ କରିଥିଲେ।

## ନୂଆସାହି ମହାବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



କପ୍ତିପଦା, ୩୦।୬ (ସମିସ): ନୂଆସାହି ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ସର୍ବେଶ୍ୱର ବିଶ୍ୱାଳ ଆଜି ଚାକିରି ଜୀବନରୁ ଅବ୍ୟାହତି ନେଇଛନ୍ତି। ଏ ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶଙ୍କର୍ଷଣ ମିଶ୍ର ସଭାପତିତ୍ୱ କରିବା ସହ ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଯୋଗ ଦେଇଥିଲେ। ଶ୍ରୀ ବିଶ୍ୱାଳଙ୍କୁ ମଞ୍ଚ ପର୍ଯ୍ୟନ୍ତ ପାଛୋଟି ନିଆଯିବା ସହ ଅଧ୍ୟାପକ ମନମୋହନ ମହାପାତ୍ର ସ୍ୱାଗତ କରିଥିଲେ। ଅଧ୍ୟାପକ ବିଜୟ କେତନ, ନିରଞ୍ଜନ, ସନ୍ତୋଷ ମହାନ୍ତି ଓ ଡ ଶ୍ରୀହରି ପଣ୍ଡା ଶ୍ରୀ ବିଶ୍ୱାଳଙ୍କ ଏହି ମହାବିଦ୍ୟାଳୟ ଗଠନରେ ଭୂମିକା, ସଚ୍ଚୋଟତା, କାର୍ଯ୍ୟଦକ୍ଷତା, ସମୟାନୁବର୍ତ୍ତିତା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିବ ବୋଲି କହିଥିଲେ। ଶ୍ରୀ ବିଶ୍ୱାଳଙ୍କ ଅନୁପସ୍ଥିତ ଅପୂରଣୀୟ ବୋଲି ଅଧ୍ୟକ୍ଷ କହିବା ସହ ଡ. ପଣ୍ଡା ବିନା ପେନସନରେ ଅବସର ଏକ ବୋଝ ବୋଲି ମତ ରଖିଥିଲେ। ବିଦାୟୀ ଅଧ୍ୟାପକ ଶ୍ରୀ ବିଶ୍ୱାଳ ନିଜର ନିଷ୍ଠା କଲେଜ ପ୍ରତି ଥିଲା, ଅଛି ଓ ରହିବ ବୋଲି କହିଥିଲେ। ଆବଶ୍ୟକ ସମୟରେ ସେ ଉପସ୍ଥିତ ହେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରଭାସିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶକ୍ତିଶ୍ରୀ ଶକ୍ତିକରଣ କେନ୍ଦ୍ର ପକ୍ଷରୁ ଛାତ୍ରୀ ଆତ୍ମସୁରକ୍ଷା ଶିବିର

କପ୍ତିପଦା, ୩୦।୬(ସମିସ): କପ୍ତିପଦା ମହାବିଦ୍ୟାଳୟ ଶକ୍ତିଶ୍ରୀ ଶକ୍ତିକରଣ କେନ୍ଦ୍ର ଆନୁକୂଲ୍ୟରେ ଛାତ୍ରୀ ଆତ୍ମସୁରକ୍ଷା କୌଶଳ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ନିରୋଜ କୁମାର ଖୁଣ୍ଟିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କପ୍ତିପଦା ବିଇଓ ପାନମଣି ବେଶ୍ରା ଯୋଗଦେଇ ଛାତ୍ରୀମାନେ ନିଜେ ଦୃଢ଼ ହେଲେ ଏହି ଆତ୍ମକୌଶଳ ଶିଖିବାର ମୂଲ୍ୟ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପିକା ନିବେଦିତା ପଣ୍ଡା, ପ୍ରୀତିନନ୍ଦା ପଣ୍ଡା ଆତ୍ମରକ୍ଷା କୌଶଳ ଶିକ୍ଷାର ଉପକାରିତା ଉପରେ ଆଲୋକପାତ କରିଥିଲେ। ଯୋଗ ପ୍ରଶିକ୍ଷିକା ସୁପ୍ରିୟା ବେହେରା ଛାତ୍ରୀଙ୍କୁ ଯୋଗ ଶିକ୍ଷା ଦେଇଥିଲେ।




ଅଧ୍ୟାପିକା ଅବନ୍ତୀ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ତପସ୍ୱିନୀ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

## ସାନ୍ତାଳ ବିଦ୍ରୋହ ଦିବସକୁ ସରକାରୀ ଛୁଟି ଘୋଷଣା ଦାବି



ବାରିପଦା, ୩୦।୬(ସମିସ): ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ଆହ୍ୱାନକ୍ରମେ ଗାଁ ଗାଁରେ ଚାଲିଛି ସାମାଜିକ ଓ ଧାର୍ମିକ ଲଢ଼େଇ। ଏହି ଆନ୍ଦୋଳନରେ ଲୋକଙ୍କୁ ଜାଗ୍ରତ, ସଚେତନ ଓ ସଂଗଠିତ କରିବା ପାଇଁ ମୟୂରଭଞ୍ଜର ବିଭିନ୍ନ ଧର୍ମୀୟ ସ୍ଥାନରେ ପୂଜାର୍ଚ୍ଚନା କରାଯାଉଛି। ଏ ପରିପ୍ରେକ୍ଷୀରେ ୧୮ ୫୫ ମସିହା ଜୁନ୍ ୩୦ରେ ମହାନ ଆଦିବାସୀ ନାୟକ ସିଧୁ ମୁର୍ମୁ ଓ କାହ୍ନୁ ମୁର୍ମୁଙ୍କ ନେତୃତ୍ୱରେ ମହାନ ହୁଲ୍ (ସାନ୍ତାଳ ବିଦ୍ରୋହ)ଙ୍କ ସ୍ମୃତିରେ ଓଡ଼ିଶା ସରକାର ଜୁନ୍ ୩୦ ତାରିଖକୁ ରାଜ୍ୟ ଛୁଟି ଭାବେ ଘୋଷଣା କରିବା ପାଇଁ ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ୍ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା)ର ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ଦାବି କରିଛନ୍ତି। ଏହା ଐତିହାସିକ ସତ୍ୟ ଯେ, ପ୍ରାୟ ୧୦୦ ବର୍ଷ ପୂର୍ବେ ଭାରତର ସ୍ୱାଧୀନତାପ୍ରାପ୍ତି ପୂର୍ବରୁ ୧୮ ୮ ୫ ମସିହା ଜୁନ୍ ୩୦ ତାରିଖରେ ଦୁଇ ଆଦିବାସୀ ନାୟକ ସିଧୁ ମୁର୍ମୁ ଓ କାହ୍ନୁ ମୁର୍ମୁ ପ୍ରାୟ ୬୦ ହଜାର ସାନ୍ତାଳଙ୍କୁ ଏକାଠି କରି ଭାରତରେ ଶକ୍ତିଶାଳୀ ବ୍ରିଟିଶ ପ୍ରଶାସନ ବିରୁଦ୍ଧରେ ଅସ୍ତ୍ର ଉଠାଇଥିଲେ। ଯେଉଁଥିରେ ହଜାର ହଜାର ସାନ୍ତାଳ ଲୋକ ସିଧୁ ଏବଂ କାହ୍ନୁ ମୁର୍ମୁଙ୍କ ସମେତ ନିଜ ଜୀବନ ବଳିଦାନ ଦେଇଥିଲେ। ଯଦିଓ କିଛି ଅଜ୍ଞାତ କାରଣ ଯୋଗୁଁ ଭାରତୀୟ ଇତିହାସ ଏହି ମହାନ ସାନ୍ତାଳ ହୁଲ୍ କିମ୍ବା ସାନ୍ତାଳ ବିଦ୍ରୋହ ବିଷୟରେ ନିରବ, କିନ୍ତୁ ମହାନ ରାଜନୈତିକ ଦାର୍ଶନିକ କାର୍ଲ ମାର୍କ୍ସ ତାଙ୍କ କୃତି 'ଦାସ କ୍ୟାପିଟାଲ'ରେ ଏହି ସତ୍ୟକୁ ଭାରତୀୟ ଇତିହାସ ପ୍ରତି ସମର୍ପିତ ଏକ ଅଧ୍ୟାୟରେ ବର୍ଣ୍ଣନା କରିଛନ୍ତି। ଏହି ମହାନ ସାନ୍ତାଳ ହୁଲର ଗୁରୁତ୍ୱକୁ ପ୍ରତିଷ୍ଠିତ କରେ। ଆନନ୍ଦର ବିଷୟ ପଶ୍ଚିମବଙ୍ଗ ସରକାର ଓ ଆସାମ ସରକାର ସେମାନଙ୍କ ନିଜ ନିଜ ରାଜ୍ୟରେ ଜୁନ୍ ୩୦କୁ ସରକାରୀ ଛୁଟି ଘୋଷଣା କରିଛନ୍ତି। ଓଡ଼ିଶାରେ ଏକ ବଡ ଆଦିବାସୀ ଜନସଂଖ୍ୟା ରହିଛି ଓ ଓଡ଼ିଶାର ଆଦିବାସୀ ଲୋକ ବର୍ତ୍ତମାନ ଜୁନ୍ ୩୦କୁ ମହାନ ସାନ୍ତାଳ ହୁଲ୍ ବା ହୁଲ୍ ମାହାଁ ସ୍ମୃତିରେ ପାଳନ କରୁଛନ୍ତି। ତେଣୁ ଓଡ଼ିଶା ସରକାର ଜୁନ୍ ୩୦କୁ ସରକାରୀ ଛୁଟି ଘୋଷଣା କରିବାକୁ ମାରିସା ରାଜ୍ୟ ସଭାପତି ଅର୍ଜୁନ୍ ମୁର୍ମୁ ଦୃଢ ଦାବି ଉପସ୍ଥାପନ କରିଛନ୍ତି।

## ଶାଳଗାଁ ବିଦ୍ୟାଳୟରେ ବିଦ୍ୟୁତ୍ ସୁରକ୍ଷା ସପ୍ତାହ

ବଡ଼ସାହି, ୩୦।୬(ସମିସ): ବଡ଼ସାହି ବ୍ଲକ ଅଧୀନ ଶାଳଗାଁ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଶକ୍ତି କ୍ଲବ ପକ୍ଷରୁ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ଶକ୍ତି କ୍ଲବର ସଂଯୋଜକ ସନ୍ତୋଷ ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ସନ୍ତୋଷ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଟିପିଏନ୍ଓଡିଏଲ ବିଭାଗ ପକ୍ଷରୁ ସୁରେଶ ଚନ୍ଦ୍ର ରଣା, କାର୍ଯ୍ୟକ୍ରମ ସଂଯୋଜ ରାକେଶ ବଳ, କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀକାନ୍ତ ବେହେରା, ବିଦ୍ୟୁତ୍ ନିରାପତ୍ତା ଅଧିକାରୀ ସୂର୍ଯ୍ୟକାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟୁତକୁ କିଭଳି ସଠିକ୍ ବିନିଯୋଗ କରି ଆଗାମୀ ଭବିଷ୍ୟତକୁ ସୁରକ୍ଷା କରିପାରିବା, ଘରେ ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନଙ୍କ ଦ୍ୱାରା କରାଇବା ଓ ବିଦ୍ୟୁତ ଦାଉରୁ କିଭଳି ରକ୍ଷା ପାଇପାରିବା, ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା। ଏଥିସହିତ ଭିଡିଓ ମାଧ୍ୟମରେ ବିଭିନ୍ନ ପ୍ରକାର ଚିତ୍ର ପ୍ରଦର୍ଶିତ କରାଯାଇ ସଚେତନତା କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ଲାକାର୍ଡ ଧରି ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କୁ ବିଦ୍ୟୁତ୍ ବିଷୟରେ ସଚେତନ କରାଇବା ପାଇଁ ଟିପିଏନ୍ଓଡିଏଲ ଅଧିକାରୀଙ୍କୁ ବିଦ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଥିବାବେଳେ ଛାତ୍ରଛାତ୍ରୀଙ୍କୁ ବିଦ୍ୟୁତ୍ ସତର୍କତା ଉପରେ ଶପଥ ପାଠ କରାଯାଇଥିଲା। ଉକ୍ତ କାର୍ଯକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ବୃନ୍ଦ ସହଯୋଗ କରିଥିବାବେଳେ ଉମାକାନ୍ତ ସାସମଲ ଧନ୍ୟବାଦ ଅର୍ପଣ କରିଥିଲେ।

ପୋତି ହୋଇପଡ଼ିଛି ଡ୍ରେନ୍

# କପ୍ତିପଦା ବଜାରରେ ଲହଡ଼ି ଭାଙ୍ଗୁଛି ବର୍ଷା ପାଣି

କପ୍ତିପଦା, ୩୦।୬ (ସମିସ): କପ୍ତିପଦା ବଜାରରେ ବେହାଲ ସ୍ଥିତି। ମୌସୁମୀ ବର୍ଷାରେ ଲହଡ଼ି ମାରୁଛି ବର୍ଷା ପାଣି। ଡ୍ରେନ୍ ପୋତି ହୋଇପଡ଼ିଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଡ୍ରେନ୍ ସଫା କରି ବର୍ଷା ପାଣି ନିଷ୍କାସନ କରାଯିବାକୁ ସାଧାରଣରେ ଦାବି ହେଉଛି।

କପ୍ତିପଦା ଏନଏସି ଘୋଷଣା ପରେ ରାସ୍ତାର ପ୍ରଶସ୍ତୀକରଣ ନାମରେ ବଜାରରେ ଥିବା ଜବରଦଖଲ ଉଚ୍ଛେଦ କାମ ଆରମ୍ଭ ହୋଇଥିଲା। କେତେକ ଦୋକାନ, ବଜାର ଭାଙ୍ଗାଯାଇଥିଲା। ଭଙ୍ଗାଯାଇଥିବା ପର୍ଯ୍ୟବସ୍ତୁ ପଡ଼ି ଡ୍ରେନେଜ ପୋତି ହୋଇଗଲା। ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ କିଛି ଜବରଦଖଲ ଉଚ୍ଛେଦ ହୋଇଥିଲେ ମଧ୍ୟ ଆଉକିଛି ଉଚ୍ଛେଦ ହୋଇପାରିନାହିଁ। ଫଳରେ ବଜାରରେ ସ୍ୱଚ୍ଛତା ଆସିପାରୁନାହିଁ। ଅଧାପନ୍ତରିଆ ଅବସ୍ଥାରେ ରହିଥିବା ଯୋଗୁଁ ଦୋକାନୀ ଆଗକୁ ବଢ଼ି ପାରୁନାହାନ୍ତି। ଏପଟେ ପରିବାର ପ୍ରତିପୋଷଣ ପାଇଁ ଭଙ୍ଗା ଦୋକାନ ସାମ୍ନାରେ ପସରା ମେଲାଇବାକୁ ବାଧ୍ୟ ହେଉଛନ୍ତି। ବର୍ତ୍ତମାନ ସୁଦ୍ଧା ଏନଏସିର ନିର୍ବାଚନ ହୋଇ ନ ଥିବା ଓ କର୍ମକର୍ତ୍ତା ନ ଥିବା କାରଣରୁ ଏନଏସି କୌଣସି କାର୍ଯ୍ୟାନୁଷ୍ଠାନ କରିପାରୁ ନ ଥିବାବେଳେ ବ୍ଲକ କିମ୍ବା ପଞ୍ଚାୟତ କୌଣସି ହସ୍ତକ୍ଷେପ ଗ୍ରହଣ କରୁନାହିଁ। କପ୍ତିପଦା ବ୍ଲକରେ ୨୬ଟି ପଞ୍ଚାୟତ ଥିବାବେଳେ ବ୍ଲକ ତହସିଲ, ଥାନା, ଡାକ୍ତରଖାନା ଭଳି କାର୍ଯ୍ୟାଳୟକୁ ପ୍ରତିଦିନ ଶହଶହ ଲୋକ ଆସୁଥିବାବେଳେ ବଜାରର ମୁଖ୍ୟରାସ୍ତାରେ ଲହଡ଼ି ଭାଙ୍ଗୁଛି ବର୍ଷାଜଳ। ଏପଟେ ବସଷ୍ଟାଣ୍ଡରେ ମଧ୍ୟ ଯାତ୍ରୀ ଯାତାୟତ କରିବାକୁ ଅସୁବିଧା ଭୋଗୁଛନ୍ତି। ବର୍ତ୍ତମାନ ବର୍ଷାଋତୁ ଆରମ୍ଭ ହୋଇଥିବାବେଳେ କୌଣସି ପ୍ରଶାସକ ଏହାକୁ ଆଡ ନଜରରେ ଦେଖୁ ନ ଥିବା ଜଣାପଡ଼ିଛି। ଉକ୍ତ ରାସ୍ତା ଦେଇ ବିଡିଓ, ତହସିଲଦାର ଯା'ଆସ କରୁଥିବାବେଳେ ରାସ୍ତାରେ କିଛିବି ସୁବିଧା ହୋଇପାରୁନାହିଁ। ବର୍ଷାଦିନ ପୂର୍ବରୁ ଏହି କାମ ସରିବାକୁ ଥିବାବେଳେ ଆଷାଢ଼ ବର୍ଷାରେ ଲହଡ଼ି ଖେଳୁଛି ପାଣି। ଏନଏସି ଦାୟିତ୍ୱରେ ଥିବା ବିଡିଓଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି। ତେବେ ତହସିଲଦାରଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ତେବେ କେଉଁ କାରଣ ପାଇଁ କାମ ଆଗେଇ ପାରିନାହିଁ, ସେ ନେଇ କପ୍ତିପଦା ଜନସାଧାରଣ ପ୍ରଶ୍ନ ଉଠାଇଛନ୍ତି।



# ଆରମ୍ଭ ହେଲା ମହାପ୍ରଭୁଙ୍କ ଗୁପ୍ତ ସେବା

## ଅଣସର ପିଣ୍ଡିରେ ଉପଚାର ବିଧି

ପୁରୀ,୩୦।୬(ସମିସ): ସ୍ନାନବେଦୀରେ ୧୦୮ ଗଡୁ ଜଳରେ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ପିଣ୍ଡିରେ ଚାଲିଛି ଗୁପ୍ତ ସେବା। ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଚତୁର୍ଦ୍ଧାବିଗ୍ରହଙ୍କ ସେବାରେ ଲାଗିଛନ୍ତି। ମଧ୍ୟାହ୍ନ ଧୂପ ସରିବା ପରେ ମହାପ୍ରଭୁଙ୍କଠାରେ ଚକଟା ଭୋଗ ଓ ପଣାଭୋଗ କରାଯାଇଥିଲା।

ତେବେ ଦାରୁବିଗ୍ରହଙ୍କ ଅଣସର ପିଣ୍ଡିରେ ଯେଉଁ ଉପଚାର କରାଯାଏ ସେହି ବିଧି ଅନୁଯାୟୀ, ଆଷାଢ଼ କୃଷ୍ଣପକ୍ଷ ତୃତୀୟା ତିଥିରେ ଠାକୁରଙ୍କ ଓଦା ବସ୍ତ୍ର ଖୋଲାଯାଏ। ଚତୁର୍ଥୀରେ ବର୍ଷସାରା ଲାଗିଥିବା ଚନ୍ଦନ ଏବଂ ବସ୍ତ୍ର ଫିଟା (ଶ୍ରୀଅଙ୍ଗ ଫିଟା) ନୀତି ସମ୍ପନ୍ନ ହୁଏ। ପଞ୍ଚମୀରେ ଓଡ଼ିଆ ମଠ ଏବଂ ମନ୍ଦିର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିବା ଫୁଲୁରୀ ତେଲ ଠାକୁରଙ୍କୁ ଲାଗି କରାଯାଏ। ଷଷ୍ଠୀରୁ ନବମୀ ପର୍ଯ୍ୟନ୍ତ ଠାକୁରଙ୍କୁ ଓଷୁଅ ଲାଗି କରାଯାଇଥାଏ। ଝୁଣା ଓ ରାଶି ତେଲରେ ଏହା ପ୍ରସ୍ତୁତ ହୋଇଥାଏ। ଦଶମୀରେ ଶ୍ରୀବିଗ୍ରହଙ୍କ ଚକା ବିଜେ ନୀତି ଅନୁଷ୍ଠିତ ହୁଏ। ତିନୋଟି ମୁଗୁନି ପଥରରେ ଚକା ଅଣସର ପିଣ୍ଡିରେ ରଖାଯାଇ ଠାକୁରଙ୍କୁ ଏହା ଉପରକୁ ଦଇତାପତି ସେବକମାନେ ବିଜେ କରାଇଥା'ନ୍ତି। ଚକା ବିଜେ ପରେ କସ୍ତୁରୀ ଓ କୁଙ୍କୁମର ଏକ ସ୍ୱତନ୍ତ୍ର ଲେପ ଦିଆଯାଏ।



ଏହିଦିନ ଚତୁର୍ଦ୍ଧାବିଗ୍ରହ ସାମାନ୍ୟ ସୁସ୍ଥ ଅନୁଭବ କରନ୍ତି। ଏକାଦଶୀ ତିଥିରେ ଖଳି ପ୍ରସାଦ ଲାଗି ହୋଇଥାଏ। ଅଣସର ଘରେ ପ୍ରବେଶ କରିବାଠାରୁ ଏକାଦଶୀ ପର୍ଯ୍ୟନ୍ତ ଶୁକ୍ଳ ବସ୍ତ୍ର, ଧଳାଫୁଲ ଓ ବିନା ତୁଳସୀରେ ଠାକୁରଙ୍କ ବେଶ ହୋଇଥାଏ ଏବଂ ଭୋଗ ଲାଗି ହୁଏ। ଏକାଦଶୀରେ ଦାରୁଦିଅଁଙ୍କ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରାଯାଏ। ରାଜବୈଦ୍ୟଙ୍କ ଘରୁ ଦଶମୀ ଦିନ ଆସିଥିବା ଦଶମୂଳ ମୋଦକ ପତିମହାପାତ୍ର ଲାଗି କରିଥା'ନ୍ତି। ଏହିଦିନ ଗୀତଗୋବିନ୍ଦ ଖଣ୍ଡୁଆ, ତୁଳସୀ, ବିଭିନ୍ନ ପୁଷ୍ପ ଗୁଣା, ଝୁମ୍ପା, କରପଲ୍ଲବ, ହୃଦ ପଦକ ଆଦି ପରିଧାନ କରନ୍ତି। ଦଶମୂଳ ମୋଦକ ସେବନ କରିବା ପରେ ସୁସ୍ଥ ହୁଅନ୍ତି ମହାପ୍ରଭୁ। ଦ୍ୱାଦଶୀରେ ରାଜପ୍ରସାଦ ବିଜେ ଏବଂ ଠାକୁରଙ୍କ ସପ୍ତାବରଣ କାର୍ଯ୍ୟ ଆରମ୍ଭ କରାଯାଏ। ତ୍ରୟୋଦଶୀ ଦିନ ଘଣାଲାଗି ନୀତି ଅନୁଷ୍ଠିତ ହୁଏ। ଏହି ଘଣାଲାଗିରେ ଶ୍ରୀବିଗ୍ରହଙ୍କଠାରେ ପାଟଡୋରି ଖଡ଼ି ପ୍ରସାଦ ଓ ଖଳି ପ୍ରସାଦ ଲାଗି କରାଯାଏ। ପରେ ମହାପ୍ରଭୁଙ୍କ ବନକଲାଗି କରାଯାଏ। ଚତୁର୍ଦ୍ଦଶୀ ଦିନ ତାଟିଦିଅଁଙ୍କୁ ବଡ଼ସିଂହାର ଭୋଗ ହେବା ପରେ ଅଣସର ଘରେ ପଣା ଓ ଚକଟା ଭୋଗ ହୋଇଥାଏ। ଏହାପରେ ଅଣସର ଘରେ ରହିଥିବା ପ୍ରସାଦ ଏବଂ ଫୁଲ ବାହାର କରାଯିବା ପରେ ଦତ୍ତମହାପାତ୍ର ବନକଲାଗି କରିଥା'ନ୍ତି। ଶେଷ ହୁଏ ମହାପ୍ରଭୁଙ୍କ ଅଣସର ନୀତି।

**ଦେଢ଼ ବର୍ଷ ହେଲା ସରୁନି ପୁଲିସ୍ ଏସ୍ଆଇ ନିଯୁକ୍ତି ପରୀକ୍ଷା**

# ସରକାରଙ୍କୁ ୨୪ ଘଣ୍ଟାର ମହଲତ; ଅନ୍ୟଥା ଦୁର୍ବାର ଆନ୍ଦୋଳନ

ଭୁବନେଶ୍ୱର, ୩୦।୬(ସମିସ): ରାଜ୍ୟରେ ବିଧାୟକ ବା ସାଂସଦ ପଦ ଫାଙ୍କା ରହିଲେ ମାତ୍ର ୬ ମାସ ମଧ୍ୟରେ ନିର୍ବାଚନ ହୋଇ ପଦ ପୂରଣ ହେଉଛି। ରାଜ୍ୟସଭା ପଦ ଫାଙ୍କା ହେଉହେଉ ବିଜ୍ଞପ୍ତି ପ୍ରକାଶ ପାଉଛି। ମାତ୍ର ଦୀର୍ଘ ଦେଢ଼ ବର୍ଷ ହେଲା ପୁଲିସ୍ ଏସ୍ଆଇ ପଦରେ ସରକାର ନିଯୁକ୍ତି ଦେଇପାରୁ ନାହାନ୍ତି । ରାଜ୍ୟର ଲକ୍ଷାଧିକ ମେଧାବୀଙ୍କ ଭବିଷ୍ୟତ ସହ ଖେଳୁଥିବା ସରକାରଙ୍କୁ ଉଚିତ ଜବାବ ଦିଆଯିବ ବୋଲି ଆଜି ଲୋହିଆ ଏକାଡେମୀ ଠାରେ ଆଶାୟୀମାନେ ଏକ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କୁ ଚେତାବନୀ ଦେଇଛନ୍ତି।

ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍ ପକ୍ଷରୁ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ସଂଗଠନର ଆବାହକ ବିଭୂତି ଭୂଷଣ ମହାପାତ୍ର କହିଛନ୍ତି ଯେ, ପ୍ରଥମେ ଓପିଆର୍‌ବି ଦ୍ୱାରା ଚାକିରି ବିକ୍ରି ମସୁଧା ହୋଇଥିଲା। ଧରା ପଡ଼ିବା ପରେ ସରକାର ତାକୁ ଭାଙ୍ଗି ଦେଇ ଓଡ଼ିଶା ୟୁନିଫର୍ମ ସର୍ଭିସ୍ ଷ୍ଟାଫ୍ ସିଲେକ୍ସନ କମିସନ୍ (ଓୟୁଏସ୍ଏସ୍ଏସ୍‌ସି) ଗଠନ କରିଛନ୍ତି। ଅଧ୍ୟକ୍ଷଙ୍କ ସମେତ ସମ୍ପାଦକ ଓ ଅନ୍ୟ ସମସ୍ତ ପଦରେ ନିଯୁକ୍ତି ମଧ୍ୟ ପାଇ ସାରିଛନ୍ତି। ପ୍ରାୟ ୪ ମାସ ହେବ ଅଧ୍ୟକ୍ଷ ନିଯୁକ୍ତ ହୋଇଥିଲେ ମଧ୍ୟ ଏବେଯାଏଁ ପରୀକ୍ଷା ତାରିଖ ବାହାର କରିପାରୁ ନାହାନ୍ତି। ଲୋକଙ୍କ ଟାକ୍ସ ପଇସାରେ ଦରମା ପାଉଥିବା ବାବୁମାନେ



ନିଦରୁ ଉଠନ୍ତୁ ଓ ରାଜ୍ୟର ମେଧାବୀ ଛାତ୍ରଛାତ୍ରୀଙ୍କ ସୁରକ୍ଷିତ ଭବିଷ୍ୟତ ଦୃଷ୍ଟିରୁ ତୁରନ୍ତ ନିଯୁକ୍ତି ପରୀକ୍ଷା କରନ୍ତୁ ବୋଲି ସେ ଦାବି କରିଛନ୍ତି। ଅପରପକ୍ଷରେ ସିବିଆଇର ଶିଥିଳ ତଦନ୍ତ ଉପରେ ସେ ପ୍ରଶ୍ନ କରିବା ସହ କାହାକୁ ବାନ୍ଧି ପାରୁ ନଥିବା କହି କଟାକ୍ଷ କରିଛନ୍ତି। ଅନ୍ୟ ଜଣେ ମହିଳା ଆଶାୟୀ କହିଛନ୍ତି ଯେ, ବିଳମ୍ବିତ ନିଯୁକ୍ତି ପ୍ରକ୍ରିୟା ସେମାନଙ୍କ ଜୀବନକୁ ପ୍ରଭାବିତ କରିଛି। ଦୀର୍ଘ ଅଢ଼େଇ ବର୍ଷ ହେବ ପ୍ରସ୍ତୁତି କରୁଥିବା ସତ୍ତ୍ୱେ ପରୀକ୍ଷା ହେଉ ନ ଥିବାରୁ ଅନେକ ନକରାତ୍ମକ କଥା ଶୁଣିବାକୁ ପଡୁଛି। ଏପରିକି ଘର ଲୋକ ମଧ୍ୟ ପରୀକ୍ଷା ହେବ ନାହିଁ ବୋଲି କହିବା ସହ ବାହାଘର ହୋଇ ଯିବାକୁ ଚାପ ପକାଉଛନ୍ତି। ଫଳରେ ତାଙ୍କ ପରି ଅନେକ ଝିଅଙ୍କ ଜୀବନ ଏବେ ପଥଭ୍ରଷ୍ଟ ହେବାରେ ଉପନୀତ ହୋଇଥିବା ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ସରକାର ସେମାନଙ୍କ ଅସୁବିଧା ପ୍ରତି ସମ୍ବେଦନଶୀଳ ହୋଇ ତୁରନ୍ତ ନିଯୁକ୍ତି ପ୍ରକ୍ରିୟା ସାରିବାକୁ ସେ ଅନୁରୋଧ କରିଛନ୍ତି। ସେହିପରି ଆଉଜଣେ ଆଶାୟୀ କହୁଛନ୍ତି ଯେ, ଦୀର୍ଘ ଦେଢ଼ ବର୍ଷ ହେଲା ପୁଲିସ୍ ଏସ୍ଆଇ ପରୀକ୍ଷା ହେଉନି। ରାଜ୍ୟର ଲକ୍ଷାଧିକ ପରୀକ୍ଷାର୍ଥୀ ପରୀକ୍ଷା ଅପେକ୍ଷାରେ ରହିଥିବାବେଳେ ସରକାର ସେମାନଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ସରକାର ୨୪ ଘଣ୍ଟା ମଧ୍ୟରେ ପରୀକ୍ଷା ପାଇଁ ନିଷ୍ପତ୍ତି ନ ନେଲେ ଆସନ୍ତାକାଲି ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଓୟୁଏସ୍ଏସ୍ଏସ୍‌ସି କାର୍ଯ୍ୟାଳୟ ଘେରାଓ କରିବେ ବୋଲି ଆଶାୟୀମାନେ ସରକାରଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍ ନେତୃତ୍ୱରେ ନିର୍ଣ୍ଣାୟକ ଲଢ଼େଇ ଲଢ଼ିବେ ବୋଲି ଚରମବାଣୀ ଶୁଣାଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବହୁ ଆଶାୟୀ ଉପସ୍ଥିତ ଥିଲେ।

# ଜେଲ୍‌ରୁ ମୁକୁଳିବେ ସୟେଦ ଇଶାନ ବୁଖାରୀ

ଯାଜପୁର,୩୦।୬(ସମିସ): ଗତ ୨୦୨୩ ମସିହା ଡିସେମ୍ବର ୧୫ ତାରିଖରେ କାଶ୍ମୀରର ସନ୍ଦିଗ୍ଧ ଯୁବକ ସୟେଦ ଇଶାନ ବୁଖାରୀଙ୍କୁ ଆତଙ୍କବାଦୀ ଲିଙ୍କ୍‌ରେ ରାଜ୍ୟ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ଅଞ୍ଚଳରୁ ଗିରଫ କରିଥିଲା। ଗିରଫ ହେବା ଦିନଠାରୁ ହିଁ ଇଶାନ ବୁଖାରୀ

**କାଶ୍ମୀରର ସନ୍ଦିଗ୍ଧ ଯୁବକ ଅଭିଯୋଗରେ ଗିରଫ ହୋଇଥିଲେ**

ପ୍ରଥମେ ଯାଜପୁର ରୋଡ୍ ସବଜେଲ ପରେ ଚୌଦ୍ୱାର ସର୍କଲ ଜେଲରେ ବିଚାରାଧୀନ ବନ୍ଦୀ ଜୀବନ ବିତାଉଛନ୍ତି। ତଳ କୋର୍ଟଠାରୁ ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ସେ ଜାମିନ ଆବେଦନ କରିଥିଲେ ମଧ୍ୟ ତାଙ୍କୁ ଜାମିନ ମିଳି ନ ଥିଲା। ତେବେ ତଦନ୍ତରେ ଏସ୍‌ଟିଏଫ୍ ତାଙ୍କର ଆତଙ୍କବାଦୀ କାର୍ଯ୍ୟକଳାପ ବା ଲିଙ୍କ୍ ନେଇ କୌଣସି ପ୍ରମାଣ ପାଇ ନ ଥିଲା, କେବଳ ତାଙ୍କ ନାମରେ ନକଲି କାଗଜପତ୍ର ପ୍ରସ୍ତୁତ କରି ନିଜକୁ ଡାକ୍ତର ବୋଲାଇ



ତାହା ମାଧ୍ୟମରେ ବିଭିନ୍ନ ଲୋକଙ୍କୁ ଠକେଇ କରି ଠକେଇ କରିବା ଏବଂ ଦେଶର ବିଭିନ୍ନ ଅଞ୍ଚଳରେ ୫ ଜଣଙ୍କୁ ବିବାହ କରିଥିବା ନେଇ ଆଇପିସିର ଧାରା ୪୧୯, ୪୨୦, ୪୬୫, ୪୬୭, ୪୬୮ ଓ ୪୭୧ ଏବଂ ଆଇଟି ଆଇନର ୬୬ (ସି) ଏବଂ (ଡି) ଧାରାରେ କୋର୍ଟରେ ଚାର୍ଜସିଟ ଦାଖଲ କରାଯାଇଥିଲା। ମାମଲାର ବିଚାର ସମୟରେ ମୋଟ ୧୮ ଜଣଙ୍କ ସାକ୍ଷ୍ୟ ଏବଂ ପ୍ରାୟ ୪୦ଟି ପ୍ରାମାଣିକ ଦସ୍ତାବିଜକୁ ବିଚାରକୁ ନେଇ ଜେଏମ୍ଏଫ୍‌ସି ଶ୍ରୀମୟୀ ନନ୍ଦ ଗତ ୨୦୨୫ ମସିହା ଜୁନ ୨୬ ତାରିଖରେ ତାଙ୍କୁ ୫ ଗୋଟି ଦଫାରେ ପ୍ରତ୍ୟେକ ଏକ ବର୍ଷ କରି ମୋଟ ୫ ବର୍ଷ ସଶ୍ରମ କାରା ଦଣ୍ଡାଦେଶ ଦେଇଥିଲେ। ଏହି ରାୟ ବିରୋଧରେ ବୁଖାରୀଙ୍କ ପକ୍ଷରୁ ଚଣ୍ଡିଖୋଲ ଅତିରିକ୍ତ ଜିଲ୍ଲା ଜଜଙ୍କ କୋର୍ଟରେ ଏକ ଅପିଲ କରାଯାଇଥିଲା। ଅପିଲର ଶୁଣାଣି ଶେଷରେ ବିଚାରପତି ଗୋପବନ୍ଧୁ ଗଡ଼ନାୟକ ଆଜି ତାଙ୍କ ରାୟ ଶୁଣାଇଛନ୍ତି। ରାୟ ଅନୁସାରେ ତଳ କୋର୍ଟରେ ଯେଉଁସବୁ ଦଫାରେ ମୋଟ ୫ବର୍ଷ ସଶ୍ରମ କାରା ଦଣ୍ଡାଦେଶ ମିଳିଥିଲା ସେଥିରୁ କେବଳ ଆଇପିସିର ଧାରା ୪୭୧ରେ ହୋଇଥିବା ଏକ ବର୍ଷର କାରା ଦଣ୍ଡାଦେଶକୁ କାଏମ ରଖି ବାକି ଦଣ୍ଡାଦେଶକୁ ରଦ୍ଦ କରି ଦେଇଛନ୍ତି। ଯେହେତୁ ସୟେଦ୍ ଇଶାନ ବୁଖାରୀ ଇତିମଧ୍ୟରେ ପାଖାପାଖି ୨ବର୍ଷ ୭ମାସ ଧରି ଜେଲ୍ ଜୀବନ ବିତାଇ ସାରିଲେଣି, ତେଣୁ ଆଜିର ରାୟ ଫଳରେ ସେ ଚୌଦ୍ୱାର ଜେଲରୁ ମୁକୁଳିବା ନେଇ ବାଟ ଫିଟିଥିବା ଜଣାପଡିଛି।

# ଭିଜିଲାନ୍ସ ଜାଲରେ ଭିମ୍‌ସାର ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ





ସମ୍ବଲପୁର, ୩୦।୬ (ସମିସ) : ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁର୍ଲାସ୍ଥିତ ଭିମ୍‌ସାରର ଏଷ୍ଟାବ୍ଲିସ୍‌ମେଣ୍ଟ ଅଧିକାରୀ ତଥା ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ ଧନୁର୍ଦ୍ଧର ବିଶ୍ୱାଳଙ୍କ ୪ଟି ସ୍ଥାନରେ ଆଜି ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଛି। ସମ୍ବଲପୁରର ଧନକଉଡ଼ାରେ ଶ୍ରୀ ବିଶ୍ୱାଳଙ୍କ ଆବାସିକ ଘର (ଦୁଇ ମହଲା ବିଶିଷ୍ଟ କୋଠା), ଗୁଡେସିଙ୍ଗାରେ ଗୋଟିଏ କୋଠା, ଭିମସାର ମେଡିକାଲ ଷ୍ଟାଫ୍ କଲୋନୀରେ ସରକାରୀ କାର୍ଯ୍ୟାଳୟ ଏବଂ ଭିମସାର ସୁପରିଣ୍ଟେଣ୍ଡେଣ୍ଟ କାର୍ଯ୍ୟାଳୟରେ ଥିବା ଶ୍ରୀ ବିଶ୍ୱାଳଙ୍କ ଚାମ୍ବର ଯାଞ୍ଚ କରାଯାଇଛି। ୨ଟି କୋଠା, ୩୨ଟି ପ୍ଲଟ୍, ୧୯,୭୨,୪୯୦ ଟଙ୍କା, ୮୩.୦୫ ଗ୍ରାମ ସୁନା ଅଳଙ୍କା, ଗୋଟିଏ ଟ୍ରଲର, ୨ଟି ହାଇୱା, ୨ଟି ଟ୍ରାକ୍ଟର, ଗୋଟିଏ ଚାରି ଚକିଆ ଯାନ, ୪ଟି ଦୁଇ ଚକିଆ ଯାନ ସହ ବ୍ୟାଙ୍କ, ଡାକ ଏବଂ ବୀମା ଜମା ଠାବ ହୋଇଛି। ୨ ଜଣ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର, ୩ ଜଣ ଏଏସ୍ଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ସମ୍ବଲପୁର ଜିଲ୍ଲାର ୪ଟି ସ୍ଥାନରେ ଏକକାଳୀନ ତଲାସ କରାଯାଇଛି। ଶ୍ରୀ ବିଶ୍ୱାଳ ୬-୧-୧୯୯୭ରେ ଜୁନିଅର୍ କ୍ଲର୍କ ଭାବେ ମାତ୍ର ୨୫୦୦ ଟଙ୍କା ଦରମାରେ ଭିମସାର୍‌ରେ ଯୋଗ ଦେଇଥିଲେ। ୧୧-୧-୨୦୧୯ରେ ଅଫିସ ସୁପରିଣ୍ଟେଣ୍ଡେଣ୍ଟ ଭାବେ ପଦୋନ୍ନତି ପାଇଛନ୍ତି।

## ଭିମ୍‌ସାର ଷ୍ଟିୱାର୍ଡଙ୍କୁ ଘେରିଲା ଭିଜିଲାନ୍ସ





ସମ୍ବଲପୁର, ୩୦।୬ (ସମିସ) : ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିମ୍‌ସାରର ଷ୍ଟିୱାର୍ଡ ଅଶ୍ୱିନୀ ମେହେର ମଧ୍ୟ ଭିଜିଲାନ୍ସ ଜାଲରେ ପଡିଛନ୍ତି। ମେଡିକାଲ ଷ୍ଟାଫ୍ କଲୋନୀ, ବୁର୍ଲା ସୌରଭ ବିହାରରେ ଗୋଟିଏ (ନିର୍ମାଣାଧୀନ) ୪ ମହଲା କୋଠା, ବୁର୍ଲା ପଠାନବନ୍ଧରେ ଗୋଟିଏ କୋଠା, ବରଗଡ଼ ଗୋବିନ୍ଦପାଲିରେ ଗୋଟିଏ କୋଠା ଏବଂ ଭିମସାର ସୁପରିଣ୍ଟେଣ୍ଡେଣ୍ଟ କାର୍ଯ୍ୟାଳୟରେ ଥିବା ଶ୍ରୀ ମେହେରଙ୍କ ଅଫିସ୍ ଚାମ୍ବର ଯାଞ୍ଚ କରାଯାଇଛି। ସୌରଭ ବିହାରରେ ଅବସ୍ଥିତ ପ୍ରାୟ ୬୫୦୦ ବର୍ଗଫୁଟ କ୍ଷେତ୍ରଫଳ ସହ ଏକ ଚାରି ମହଲା କୋଠା (ନିର୍ମାଣାଧୀନ), ବୁର୍ଲା କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଅବସ୍ଥିତ ଗୋଟିଏ କୋଠା, ବରଗଡ଼ ଜିଲ୍ଲା ଗୋବିନ୍ଦପାଲିରେ ଅବସ୍ଥିତ ଅନ୍ୟ ଏକ କୋଠା, ସମ୍ବଲପୁରର ବୁର୍ଲା ସହରରେ ଗୋଟିଏ ଷ୍ଟୋର ରୁମ୍, ବୁର୍ଲା ସହରରେ ୬ଟି, ସମ୍ବଲପୁରରେ ୨ଟି ଏବଂ ବରଗଡ଼ ସହରରେ ୨ଟି ସମେତ ୧୦ଟି ପ୍ଲଟ୍, ୮୩ ଗ୍ରାମ ସୁନାଗହଣା, ବ୍ୟାଙ୍କ, ଡାକ ଜମା, ୨ଟି ଦୁଇ ଚକିଆ ଯାନ ଠାବ ହୋଇଛି। ୫ ଜଣ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର, ୩ ଜଣ ଏଏସ୍ଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ୫ଟି ଜାଗାରେ ଏକକାଳୀନ ଏହି ତଲାସ କରାଯାଇଛି।

# ପାରୋଲ୍‌ରେ ଥାଇ ୯ ବର୍ଷ ପରେ କଏଦୀ ଗିରଫ

## ଅମୃତସରରୁ ଉଠାଇ ଆଣିଲା କମିସନରେଟ୍ ପୁଲିସ

କଟକ,୩୦।୬(ସମିସ): ଦୀର୍ଘ ୯ ବର୍ଷ ହେବ ହତ୍ୟାକାରୀ ଓ ପୁଲିସ ଲୁଚକାଳି ଖେଳରେ ଯବନିକା ପଡ଼ିଛି। ଜଗତପୁର ଥାନା ପୁଲିସ ଆଖିରେ ଧୂଳି ଦେଇ ଫେରାର ଥିବା ଜଣେ କୁଖ୍ୟାତ ଆଜୀବନ ସଜାପ୍ରାପ୍ତ କଏଦୀକୁ କମିସନରେଟ୍ ପୁଲିସ ପଞ୍ଜାବର ଅମୃତସହରରୁ କାବୁ କରିଛି। ଗିରଫ ଅଭିଯୁକ୍ତ ହେଉଛି ଜଗତପୁର ଥାନା ଅନ୍ତର୍ଗତ ଭେିରପୁର ଗ୍ରାମର ସାଜିଦ୍ ଖାନ୍ (କଏଦୀ ନମ୍ବର-୧୦୦୧/ଏ)। ୨୦୦୮ ର ଏକ ଚାଞ୍ଚଲ୍ୟକର ହତ୍ୟା ମାମଲାରେ କୋର୍ଟଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ଚୌଦ୍ୱାର ଜେଲରେ ସଜା କାଟୁଥିଲା ସାଜିଦ୍। ୨୦୧୭ରେ ପାରୋଲେ(ସାମୟିକ ଛୁଟି)ରେ ଆସି ଆଉ ଜେଲ୍‌କୁ ସେ ଫେରି ନଥିଲା। ପଞ୍ଜାବର ଅମୃତସରରେ ନିଜର ନାମ ଓ ପରିଚୟ ବଦଳାଇ ସେଠାରେ ନୂଆ ସଂସାର ଗଢ଼ି ଜୀବନ ବିତାଉଥିଲା। ଏହି ଦୁର୍ଦ୍ଦାନ୍ତ ଅପରାଧୀକୁ ଜଗତପୁର ଥାନା ପୁଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ୍ ପଞ୍ଜାବରୁ ଗିରଫ କରି ଓଡ଼ିଶା ଆଣିବା ପରେ ଗତ ୨୭ ତାରିଖ ଡିସିପିଙ୍କ କାର୍ଯ୍ୟାଳୟରେ ଜେରା କରାଯାଇଛି। ଏହାପରେ ତାକୁ ପୁଣି ଥରେ ଜେଲ୍ ପଠାଯାଇଥିବା ଜଣାପଡ଼ିଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ ୨୦୦୮ ମସିହା ଅପ୍ରେଲ ୨୮ ତାରିଖରେ ଜଗତପୁର ଥାନା ଭେିରପୁର ଗ୍ରାମରେ ଜଣେ ମହିଳାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ଜଘନ୍ୟ କାଣ୍ଡ ଘଟାଇବା ସମୟରେ ଅଭିଯୁକ୍ତମାନେ ମୃତକଙ୍କ ବଡ଼ ଭଉଣୀଙ୍କୁ ମଧ୍ୟ ଦୁଷ୍କର୍ମ ଉଦ୍ୟମ କରିଥିଲେ, ଯାହାକୁ ନେଇ ସେତେବେଳେ ସମଗ୍ର କଟକ ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଥିଲା। ଏହି ମାମଲାରେ ପୁଲିସ ସାଜିଦ୍ ଖାନ୍ ଓ ତାର ସହଯୋଗୀମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ



ସାକ୍ଷ୍ୟ ପ୍ରମାଣକୁ ଆଧାର କରି ୨୦୧୦ରେ କଟକର ଫାଷ୍ଟଟ୍ରାକ କୋର୍ଟ-୧ ସାଜିଦ୍‌କୁ ଆଜୀବନ କାରାଦଣ୍ଡ ସହ ୧ ହଜାର ଟଙ୍କା ଜରିମାନା; ଆଜୀବନ ଜେଲ୍ ଦଣ୍ଡାଦେଶ ଶୁଣାଇଥିଲେ। ଦୀର୍ଘ ବର୍ଷ ସେ ଜେଲ୍‌ରେ ରହିବା ପରେ ୨୦୧୭ ମସିହା ମାର୍ଚ୍ଚ ୭ ତାରିଖରେ ସାଜିଦ୍‌କୁ ୧୪ ଦିନ ପାଇଁ ପାରୋଲେ ମିଳିଥିଲା। ନିୟମ ଅନୁଯାୟୀ ମାର୍ଚ୍ଚ ୨୧ ତାରିଖରେ ସେ ଚୌଦ୍ୱାର ସର୍କଲ ଜେଲ୍ ଅଧୀକ୍ଷକଙ୍କ ନିକଟରେ ଆତ୍ମସମର୍ପଣ କରିବାର ଥିଲା। ମାତ୍ର ସେ ଜେଲ୍ ପ୍ରାଚୀର ବାହାରକୁ ଆସିବା ପରେ ଆଉ ଫେରି ନଥିଲା ଏବଂ କୌଶଳକ୍ରମେ ଓଡ଼ିଶା ସୀମା ପାର୍ ହୋଇଯାଇଥିଲା। ଏହି ଘଟଣାର ଦୀର୍ଘ ଦିନ ପରେ, ଜେଲ୍ କର୍ତ୍ତୃପକ୍ଷଙ୍କ ଲିଖିତ ଅଭିଯୋଗ ଆଧାରରେ ଗତ ୨୦ ଡିସେମ୍ବର ୨୫ ତାରିଖରେ ଜଗତପୁର ଥାନା କେସ୍ ନମ୍ବର ୭୫୬/୨୦୨୫ରେ ସାଜିଦ୍ ବିରୋଧରେ ଫେରାର ମାମଲା ରୁଜୁ କରାଯାଇ ତଦନ୍ତ ଭାର ଏଏସଆଇ ତପନ କୁମାର ସ୍ୱାଇଁଙ୍କୁ ପ୍ରଦାନ କରାଯାଇଥିଲା।

ଓଡ଼ିଶାରୁ ଚମ୍ପଟ ମାରିବା ପରେ ସାଜିଦ୍ ସିଧା ପଞ୍ଜାବର ଅମୃତସର ସହରରେ ଆତ୍ମଗୋପନ କରିଥିଲା। ସେଠାରେ ଜାଲ୍ ଦଲିଲ୍ ଜରିଆରେ ସେ ନିଜର ନୂଆ ନାମ "ଫୟାଜ୍ ଖାନ୍' ରଖି ଆଧାର କାର୍ଡ

- ■ ଜଗତପୁର ଥାନା ପୁଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ୍‌ର ଚଢ଼ଉ
- ■ ହତ୍ୟା ମାମଲାରେ ଚୌଦ୍ୱାର ଜେଲ୍‌ରେ ଆଜୀବନ କଏଦୀ ଥିଲା ସାଜିଦ୍
- ■ ଗଢ଼ିଥିଲା ନୂଆ ସଂସାର, ପ୍ରସ୍ତୁତ କରିଥିଲା ନୂଆ ପରିଚୟପତ୍ର

ଓ ଅନ୍ୟାନ୍ୟ ପରିଚୟପତ୍ର ପ୍ରସ୍ତୁତ କରି ସାରିଥିଲା। ଅମୃତସରର ସୁଦର୍ଶନ ନଗର ଅଞ୍ଚଳରେ ଏକ ଭଡ଼ା ଘରେ ରହି ସେ ସେଠାକାର ସ୍ଥାନୀୟ ଜଣେ ମହିଳାଙ୍କୁ ବିବାହ କରିଥିଲା ଓ ତାଙ୍କର ପିଲାପିଲି ମଧ୍ୟ ହୋଇସାରିଥିଲେ। ପୁଲିସ ସନ୍ଦେହରୁ ବଞ୍ଚିବା ପାଇଁ ସେ ସହରର ଗଳି କନ୍ଦିରେ ମୋଟରସାଇକଲ୍ ଯୋଗେ ବେଡସିଟ୍ (ଶେଯ ଚାଦର) ଫେରି କରି ଜୀବିକା ନିର୍ବାହ କରୁଥିଲା। ଏସବୁ ସତ୍ତ୍ୱେ ସେ କଟକରେ ଥିବା ନିଜର କେତେକ ନିକଟ ସମ୍ପର୍କୀୟଙ୍କ ସହ ଅତି ଗୋପନୀୟ ଭାବେ ମୋବାଇଲ୍ ମାଧ୍ୟମରେ ଯୋଗାଯୋଗରେ ଥିଲା। ଏହି ସୂତ୍ରକୁ ଧରି କଟକ ୟୁପିଡିର ସାଇବର ସେଲ୍ ସାଜିଦ୍‌ର ସମ୍ପର୍କୀୟଙ୍କ ମୋବାଇଲ୍ ଫୋନର କଲ୍ ଡିଟେଲ୍ସ ଏବଂ ନେଟୱର୍କ ପ୍ୟାଟର୍ଣ୍ଣକୁ ଅନୁଧ୍ୟାନ କରିଥିଲା। ଏଥିରୁ ପଞ୍ଜାବର ଏକ ନିର୍ଦ୍ଦିଷ୍ଟ ମୋବାଇଲ୍ ନମ୍ବର ଉପରେ ପୁଲିସର ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ଏହାସହିତ ଭେିରପୁର ଗ୍ରାମରେ ଥିବା ପୁଲିସର ଗୁପ୍ତଚରଙ୍କଠାରୁ ମଧ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଥିଲା। ସୂଚନା ସୁନିଶ୍ଚିତ ହେବା ପରେ ଗତ ଜୁନ୍ ୨୩ ତାରିଖରେ ଏଏସଆଇ ତପନ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଅମୃତସର ଅଭିମୁଖେ ଯାତ୍ରା କରିଥିଲା। ଅମୃତସରରେ ପହଞ୍ଚିବା ପରେ ଓଡ଼ିଶା ପୁଲିସ ସ୍ଥାନୀୟ ଅମୃତସର କମିସନରେଟ୍ ପୁଲିସ ଏବଂ ସେଠାରେ ରହୁଥିବା ପ୍ରବାସୀ ଓଡ଼ିଆ ସଂଗଠନର ସହାୟତା ନେଇଥିଲା। ଦୀର୍ଘ ୨ ଦିନ ଧରି ସୁଦର୍ଶନ ନଗର ଅଞ୍ଚଳରେ ପୁଲିସ ଛଦ୍ମବେଶରେ ଡେରା ପକାଇବା ପରେ ଗତ ଜୁନ୍ ୨୫ ତାରିଖରେ ପୁଲିସ ଟିମ୍ ସେହି ଅଞ୍ଚଳରେ ଜଣେ ବେଡସିଟ୍ ବିକାଳିକୁ ମୋଟରସାଇକଲ୍‌ରେ ଯାଉଥିବାର ଦେଖିଥିଲା। ଗୁପ୍ତ ଭାବେ ଯାଞ୍ଚ କରିବା ପରେ ସେହି ବ୍ୟକ୍ତି ଜଣକ ହିଁ ଆଜୀବନ ସଜାପ୍ରାପ୍ତ ଫେରାର କଏଦୀ ସାଜିଦ୍ ଖାନ୍ ବୋଲି ସ୍ପଷ୍ଟ ହୋଇଥିଲା। ପୁଲିସ ବିଳମ୍ବ ନକରି ସ୍ଥାନୀୟ ସାଙ୍ଗଠନିକ ବଳରେ ତାକୁ ଚତୁରତାର ସହ କାବୁ କରିଥିଲା। ତାକୁ ଡିସିପିଙ୍କ କାର୍ଯ୍ୟାଳୟରେ ଜେରା କରାଯାଇଛି ବୋଲି ଡିସିପି ଖିଲାରୀ ରଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି।

**ଏତଲା ରୁଜୁ, ତଦନ୍ତ ନିର୍ଦ୍ଦେଶ ପ୍ରସଙ୍ଗ**

# ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରସ୍ଥ ହେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୩୦।୬(ସମିସ): ପୁଲିସ ଯଦି ଏତଲା ରୁଜୁ କରୁନାହିଁ କିମ୍ବା ମାମଲାର ସଠିକ୍ ତଦନ୍ତ କରୁନାହିଁ, ତେବେ ସିଧାସଳଖ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ଉଚିତ ନୁହେଁ। ଏଭଳି ପରିସ୍ଥିତିରେ ଅଭିଯୋଗକାରୀ ସମ୍ପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଆବେଦନ କରିବା ଆବଶ୍ୟକ ବୋଲି ଓଡ଼ିଶା ଉଚ୍ଚନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଏକ ରାୟକୁ ଆଧାର କରି ଜଷ୍ଟିସ ସାବିତ୍ରୀ ରଥ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ମାମଲା ପାଇଁ ହାଇକୋର୍ଟରେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ମାମଲାର ବିଚାରରେ ବାଧା ସୃଷ୍ଟି ହେଉଛି। ସୁପ୍ରିମକୋର୍ଟଙ୍କ ମାମଲାର ଉଦାହରଣ ଦେଇ ହାଇକୋର୍ଟ କହିଥିଲେ ଯେ ଯଦି ପୁଲିସ ମାମଲା ରୁଜୁ ନ କରେ, ତେବେ ଜଣେ ବ୍ୟକ୍ତି ସମ୍ବିଧାନର ୨୨୬ ଧାରା ଅନୁଯାୟୀ, ସିଆରପିସିର ଧାରା ୧୫୬(୩) ଅନୁସାରେ ସମ୍ପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରସ୍ଥ ହେବା ଉଚିତ। ମାଜିଷ୍ଟ୍ରେଟ୍ ଯଦି ପ୍ରାଥମିକ ଭାବେ ସନ୍ତୁଷ୍ଟ ହୁଅନ୍ତି, ତେବେ ସେ ଏତଲା ରୁଜୁ କରିବାକୁ କିମ୍ବା ଉପଯୁକ୍ତ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇପାରିବେ। ଆବଶ୍ୟକ ସ୍ଥଳେ ତଦନ୍ତକାରୀ ଅଧିକାରୀ ବଦଳାଇବା ସହ ସମଗ୍ର ତଦନ୍ତର ମନିଟରିଂ ମଧ୍ୟ କରିପାରିବେ। ମାମଲାରୁ ପ୍ରକାଶ ଯେ ପ୍ରଶାନ୍ତ ଚୌଧୁରୀ ନାମକ ଜଣେ ବ୍ୟକ୍ତି ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ମାମଲା ରୁଜୁ ଏବଂ ନିରପେକ୍ଷ ତଦନ୍ତ ଦାବି କରି ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ। ଏଥିରେ ସେ ରାଜ୍ୟ ଗୃହ ସଚିବ, ଭଦ୍ରକ ଏସ୍‌ପି ଏବଂ ଭଦ୍ରକ ଗ୍ରାମାଞ୍ଚଳ ଥାନାଧିକାରୀଙ୍କ ସମେତ ୯ ଜଣଙ୍କୁ ପକ୍ଷଭୁକ୍ତ କରିଥିଲେ। ହାଇକୋର୍ଟ ଏହି ମାମଲାର ଅନ୍ତ ଘଟାଇ ଆବେଦନକାରୀ ପ୍ରଶାନ୍ତ ଚୌଧୁରୀଙ୍କୁ ଆଇନ ଅନୁଯାୟୀ ଉପଲବ୍ଧ ଥିବା ବିକଳ୍ପ ବ୍ୟବସ୍ଥା ବା ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ଯିବା ପାଇଁ ସ୍ୱାଧୀନତା ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଓକିଲ ପ୍ରଦୀପ କୁମାର ଦାସ ଏବଂ ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ଅଶୋକ କୁମାର ଆପଟ ମାମଲା ପରିଚାଳନା କରୁଥିଲେ।

**ଧାନ ସଂଗ୍ରହରେ ଅବ୍ୟବସ୍ଥା ପ୍ରସଙ୍ଗ**

# ଡ଼ବଲ ଇଞ୍ଜିନର ପ୍ରତିଶ୍ରୁତି ଏବେ ପ୍ରତାରଣାରେ ପରିଣତ: ବିଜେଡି

ଭୁବନେଶ୍ୱର,୩୦।୬(ସମିସ): ଡବଲ ଇଞ୍ଜିନ ସରକାର ଚାଷୀକୂଳ ପାଇଁ କାଳ ସାଜିଛି। ଚାଷୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମଣ୍ଡି ଅବ୍ୟବସ୍ଥା ପାଇଁ ଚାଷୀ ଧାନ ବିକ୍ରି କରିପାରୁ ନାହାନ୍ତି। ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବା ବଦଳରେ ଡବଲ ଇଞ୍ଜିନ ସରକାର ଚାଷୀକୂଳ ପ୍ରତି ପ୍ରତାରଣା କରିଥିବା କହି କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ

- ■ ମଣ୍ଡି ଅବ୍ୟବସ୍ଥା ପାଇଁ ହଇରାଣ ହେଉଛନ୍ତି ଚାଷୀକୂଳ
- ■ ଅଦ୍ୟାବଧି ଅନେକ ଚାଷୀ ଧାନ ବିକ୍ରି କରିପାରି ନାହାନ୍ତି
- ■ ଧାନ ବିକ୍ରି ପାଇଁ ଆଉ ୧୫ ଦିନ ମଣ୍ଡି ଖୋଲିବାକୁ ଦାବି

ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ବିଜେପି ସରକାରର ଚାଷୀ ମାରଣ ନୀତିକୁ ତୀବ୍ର ନିନ୍ଦା କରିଛନ୍ତି ।

ଶ୍ରୀ ଦାସବର୍ମା କହିଥିଲେ ଯେ ଡବଲ ଇଞ୍ଜିନ ସରକାରରେ ଚାଷୀ କୂଳ ହତାଶ ହୋଇଛନ୍ତି। ମଣ୍ଡିରେ ଧାନ ବିକ୍ରି ପାଇଁ ଚାଷୀକୂଳ କଟନୀ ଛଟନୀରୁ ଆରମ୍ଭ କରି ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନିର୍ବାଚନ ସମୟରେ ଧାନର ଏମଏସପି ବୃଦ୍ଧି, ଇନପୁଟ ସବସିଡି ପ୍ରଦାନ ସହ ଚାଷୀର ସମସ୍ତ ଧାନକୁ କ୍ରୟ କରିବାକୁ ଡବଲ ଇଞ୍ଜିନ ସରକାର ପ୍ରତିଶ୍ରୁତି ଦେଇଥିଲା, କିନ୍ତୁ ତାହା ଆଜି ପ୍ରତାରଣାରେ ପରିଣତ ହୋଇଛି । ଜୁନ୍ ୩୦ ରବି ଧାନ ସଂଗ୍ରହର ଶେଷ ଦିନ ହୋଇଥିବା ବେଳେ, ବର୍ତ୍ତମାନ ସୁଦ୍ଧା



ଚାଷୀ ଧାନ ବିକ୍ରି କରିପାରି ନାହାନ୍ତି। ରାଜ୍ୟ ସରକାର ଏହାକୁ ୩ ଦିନ ପାଇଁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ପଞ୍ଜୀକରଣ ସଠିକ୍ ଭାବେ ହେଉନଥିବାରୁ ଧାନ ସଂଗ୍ରହରେ ଚରମ ବିଫଳତା ଦେଖାଦେଇଛି। ଚଳିତ ଧାନ ସଂଗ୍ରହ ଆରମ୍ଭରୁ ମଣ୍ଡିରେ ଶହ ଶହ କୁଇଣ୍ଟାଲ ଧାନ ପଡି ରହିଛି । ବର୍ଷା ଋତୁ ଆରମ୍ଭ ହୋଇଯାଇ ଥିବାରୁ ଧାନ ମିଲକୁ ନେଇକି ଯିବାକୁ ଚାଷୀଙ୍କୁ ବାଧ୍ୟ କରାଯାଉଛି। ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ବେଳେ ପରିବାରର ପ୍ରମାଣପତ୍ର ଆଣିବା ପାଇଁ ଚାଷୀଙ୍କୁ କୁହାଗଲା। ତାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଚାଷୀ ଯେମିତି ମଣ୍ଡିରେ ଧାନ ବିକ୍ରି କରିନପାରୁ। ଡବଲ ଇଞ୍ଜିନ ସରକାର ଚାଷୀଙ୍କ ବଳକା ଧାନ ସଂଗ୍ରହ କରିବେ ବୋଲି ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିବା ବେଳେ ୧୫୦ କୁଇଣ୍ଟାଲରୁ ଅଧିକ ଧାନ ସଂଗ୍ରହ କରିବେ ନାହିଁ ବୋଲି କହିଛନ୍ତି । ୨୦ ଲକ୍ଷ ମେଟ୍ରିକ୍ ଟନ ରବି ଧାନ ସଂଗ୍ରହ ପାଇଁ ସରକାର ଲକ୍ଷ୍ୟ ରଖିଥିଲେ। କିନ୍ତୁ ତାହା ପୂରଣ ହୋଇନଥିବା ବେଳେ ଆଜି ପର୍ଯ୍ୟନ୍ତ ୧୮,୪୬,୦୦୦ ମେଟ୍ରିକ୍ ଟନ ଧାନ ସଂଗ୍ରହ ହୋଇଛି । ୩,୬୬,୨୨୧ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଥିବା ବେଳେ ୩,୩୭,୦୦୦ ଚାଷୀ ଧାନ ବିକ୍ରି କରିପାରିଛନ୍ତି। ଆହୁରି ୩୫,୦୦୦ ଚାଷୀ ୧,୫୦,୦୦୦ ମେଟ୍ରିକ୍ ଟନ ଧାନ ବିକ୍ରି କରିବା ପାଇଁ ଅପେକ୍ଷା କରି ରହିଛନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଲାଗି ରହିଥିବା ବେଳେ ଅନେକ ମଣ୍ଡିରେ ପଲିଥିନ୍ ଅଭାବ ପାଇଁ ଧାନ ଭିଜୁଛି । ତେଣୁ ୩ ଦିନ ପରିବର୍ତ୍ତେ ଆହୁରି ୧୫ ଦିନ ମଣ୍ଡି ଖୋଲା ରଖିବା ସହ ଚାଷୀଙ୍କ ସମସ୍ତ ବଳକା ଧାନ ରାଜ୍ୟ ସରକାର ସଂଗ୍ରହ କରିବା ପାଇଁ ବିଜୁ ଜନତା ଦଳ ଦାବି କରିଛି।



## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ । ଚିନ୍ତାରେ ରହିବେ ଏବଂ ପେଟ ଜନିତ ସମସ୍ୟା ଦେଖା ଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ । ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ । ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ । ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ । ନିବେଶ କରିବା ପାଇଁ ଉପଯୁକ୍ତ ସମୟ ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ । ପରିବାର ପାଇଁ ସମୟ ବାହାର କରିବେ । ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି ।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି । ମନ ପ୍ରସନ୍ନ ରହିବ । ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ । ଅର୍ଥ ନିବେଶରୁ ଦୂରେଇ ରହିବେ । ନୂଆ କାମ ପାଇଁ ଉପଯୁକ୍ତ ସମୟ । କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ । କର୍ମ ଚଞ୍ଚଳ ରହିବେ । ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଜୀବନସାଥୀଙ୍କଠାରୁ ଉପହାର ପାଇବେ ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । ଚକ୍ଷୁ ସମସ୍ୟା ଦେଖା ଦେବ ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ । ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଭଗବାନ ଶିବଙ୍କୁ ପୂଜା କରିବେ । ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ । ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ଗୀତ, ନାଚରେ ସମୟ ଅତିବାହିତ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ । ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ । ସମସ୍ତ ଇଚ୍ଛା ପୂରଣ ହେବ ।

## ଆଜିର ଇତିହାସ

- ୧୮୬୨- କଲିକତା ଉଚ୍ଚ ନ୍ୟାୟାଳୟର ଉଦ୍‌ଘାଟନ ।
- ୧୮୭୯- ଭାରତରେ ପୋଷ୍ଟ କାର୍ଡ ପ୍ରଚଳନ ହେଲା ।
- ୧୯୨୧- ଚୀନ୍‌ରେ କମ୍ୟୁନିଷ୍ଟ ପାର୍ଟିର ସ୍ଥାପନା ହେଲା ।
- ୧୯୯୭- ଭାରତର ପ୍ରଥମ ସାଇନ୍ସ ସିଟି କଲିକତାରେ ଖୋଲାଗଲା ।
- ୨୦୧୩- କ୍ରୋଏସିଆ ୟୁରୋପୀୟ ସଂଘର ୨୮ ତମ ଦେଶ ହେଲା ।
- ୨୦୧୭- ଭାରତରେ ପ୍ରଥମ ଥର ଜିଏସ୍‌ଟି ଲାଗୁ କରାଗଲା ।



# ଜାତୀୟ ଚିକିତ୍ସକ ଦିବସ


ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ଜାତୀୟ ଚିକିତ୍ସକ ଦିବସ ରୂପେ ପାଳନ କରାଯାଏ । ଅବିଶ୍ରାନ୍ତ ଭାବେ ରୋଗୀ ସେବାରେ ଲାଗି ରହିଥିବା ଡାକ୍ତରମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ଭାରତରତ୍ନ ଡାକ୍ତର ବିଧାନ ଚନ୍ଦ୍ର ରାୟଙ୍କ ସ୍ମୃତିରେ ୧୯୯୧ରୁ ଏହି ଦିବସ ପାଳିତ ହୋଇଆସୁଛି । ଏହା ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ବିଧାନ ଚନ୍ଦ୍ର ରାୟଙ୍କ ଉଭୟ ଜନ୍ମ ଓ ମୃତ୍ୟୁ ଦିବସ । ୧୮୮୨ ମସିହା ଜୁଲାଇ ୧ ତାରିଖରେ ବିଧାନ ଚନ୍ଦ୍ର ଜନ୍ମଗ୍ରହଣ କରିଥିଲେ ଓ ୧୯୬୨ରେ ସେହି ଦିନରେ ଅଶୀ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା । ସେ ତାଙ୍କ ଜୀବନକୁ ମାନବ ସେବାରେ ଉତ୍ସର୍ଗ କରିଥିଲେ । ତାଙ୍କ ମୃତ୍ୟୁର ବର୍ଷେ ପୂର୍ବରୁ ସେ 'ଭାରତ ରତ୍ନ' ସମ୍ମାନରେ ସମ୍ମାନିତ ହୋଇଥିଲେ । ଏହି ଦିବସ ପାଳନ ଅବସରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଥିବା ଆହ୍ୱାନ ଏବଂ ଡାକ୍ତରମାନଙ୍କ ସୁରକ୍ଷା ବିଷୟରେ ସମାଜକୁ ସଚେତନ କରାଯାଇଥାଏ । ମାନବ ସମାଜ ପାଇଁ ଡାକ୍ତରମାନେ ହେଉଛନ୍ତି ଆଶୀର୍ବାଦ ସ୍ୱରୂପ । ଏଥିପାଇଁ ସେମାନଙ୍କୁ ଦ୍ୱିତୀୟ ଭଗବାନର ଆଖ୍ୟା ଦିଆଯାଏ । ଡାକ୍ତରଙ୍କ ସାହାଯ୍ୟରେ ଜଣେ ରୋଗୀ ଏକ ନୂଆ ଜୀବନ ପାଇଥାଏ । ରୋଗୀଟିଏ ଯେତେବେଳେ ନିଜ ରୋଗ ସହ ଲଢୁଥାଏ ସେତେବେଳେ ତାକୁ ଆରୋଗ୍ୟ କରିବାରେ ଡାକ୍ତରଙ୍କ ଗୁରୁ ଦାୟିତ୍ୱ ରହିଥାଏ । ତେବେ ଡାକ୍ତରମାନଙ୍କ ଏହି ମହାନ ଅବଦାନ, ଉତ୍ସର୍ଗୀକୃତ ସେବା ପାଇଁ ସେମାନଙ୍କୁ କୃତଜ୍ଞତା ଏବଂ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଜାତୀୟ ଚିକିତ୍ସକ ଦିବସ ପାଳନ କରାଯାଏ । ଜାତୀୟ ଚିକିତ୍ସକ ଦିବସ ଅବସରରେ ଡାକ୍ତରମାନଙ୍କ ନିଃସ୍ୱାର୍ଥପର ସମର୍ପଣ ଓ ଅବିଚଳିତ ପ୍ରତିବଦ୍ଧତାକୁ ମନେ ପକାଇଥାଏ ସାରା ଦେଶ । ପ୍ରତିବର୍ଷ ଏହି ବିଶେଷ ଦିନ ପାଳନ କରିବାକୁ ଡାକ୍ତରଙ୍କ ସମ୍ମାନାର୍ଥେ ଏକ ଥିମ୍ ରଖାଯାଏ । ଚଳିତବର୍ଷର ଥିମ୍ ରହିଛି- "Behind the Mask: Who Heals the Healers?"

# ପୁଣି ଏକାଠି ଆସିବେ ଖିଲାଡ଼ି-ଅନାଡ଼ି

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାର ଏବଂ ପ୍ରିୟଦର୍ଶନ 'ଭୂତ୍ ବଙ୍ଗଲା' ଫିଲ୍ମରେ ୧୪ ବର୍ଷ ପରେ ଏକାଠି କାମ କରିଥିଲେ । ଏହି ବର୍ଷ ଦୁହିଁଙ୍କର ଆଉ ଏକ ଫିଲ୍ମ ରିଲିଜ୍ ହେବାକୁ ଯାଉଛି । 'ହୈୱାନ' ଫିଲ୍ମରେ ପୁଣି ଥରେ ଅକ୍ଷୟ ଓ ପ୍ରିୟଦର୍ଶନ ଏକାଠି କାମ କରୁଛନ୍ତି । ଏଥିରେ ଅକ୍ଷୟଙ୍କ ସହ ସୈଫ୍ ଅଲ୍ଲୀ ଖାନ୍ ଲିଡ୍ ରୋଲରେ ଦେଖାଯିବେ । ଏହି ସସପେନ୍ସ-ଥ୍ରୀଲର୍ ଫିଲ୍ମ ମାଧ୍ୟମରେ ଅକ୍ଷୟ ଏବଂ ସୈଫ୍ ଅନେକ ବର୍ଷ ପରେ ଏକାଠି ବଡ଼ ପରଦାରେ ନଜର ଆସିବେ । ଏଥିରେ ସୈଫ୍ ନାୟକ ସାଜିଥିବାବେଳେ ଅକ୍ଷୟ ଖଳନାୟକ ଭୂମିକାରେ ଦେଖାଯିବେ । ଫିଲ୍ମ ନିର୍ମାତା ଏକ ପୋଷ୍ଟର୍ ସେୟାର୍ କରି ଏହାର ରିଲିଜ୍ ଡେଟ୍ ବିଷୟରେ ଘୋଷଣା କରିଛନ୍ତି । ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟର୍ ସେୟାର୍ କରି ଫିଲ୍ମ ନିର୍ମାତା ଲେଖିଛନ୍ତି, "୧୧ ସେପ୍ଟେମ୍ବର, ୨୦୨୬ରେ ସିନେମାହଲ୍‌ରେ । ୬୦ଟି ବ୍ଲକ୍‌ବଷ୍ଟର୍ ଫିଲ୍ମର ଶାନଦାର ଯାତ୍ରା ପରେ ନିର୍ଦ୍ଦେଶକ ପ୍ରିୟଦର୍ଶନ ଏବେ ନେଇ ଆସୁଛନ୍ତି 'ହୈୱାନ' ।" ଏହି ଘୋଷଣା ସାମ୍ନାକୁ ଆସିବା ମାତ୍ରେ ଦର୍ଶକଙ୍କର ଫିଲ୍ମକୁ ନେଇ ଉତ୍ସାହ ବଢ଼ିଯାଇଛି । ଏହି ଥ୍ରୀଲର ଡ୍ରାମାରେ ଅକ୍ଷୟ ଏବଂ ସୈଫ୍‌ଙ୍କ ସହ ଶ୍ରେୟା ପିଲଗାଓଁକର ଏବଂ ସୈୟାମୀ ଖେର୍ ମଧ୍ୟ ନଜର ଆସିବେ । ସୈଫ୍ ଅଲ୍ଲୀ ଖାନ୍ ଏବଂ ଅକ୍ଷୟ କୁମାରଙ୍କ ଯୋଡ଼ିକୁ 'ମୈ ଖିଲାଡ଼ି ତୁ ଅନାଡ଼ି' ଫିଲ୍ମରେ ଏକାଠି ଦେଖିବାକୁ ମିଳିଥିଲା । ଏହାପରେ ଦୁହେଁ 'ଟସନ୍' ଫିଲ୍ମରେ ମଧ୍ୟ ଏକାଠି କାମ କରିଥିଲେ । ଏବେ ଦୁହେଁ 'ହୈୱାନ' ଫିଲ୍ମ ଜରିଆରେ ପୁଣି ଥରେ ପରଦାରେ ହଲଚଲ ସୃଷ୍ଟି କରିବାକୁ ପ୍ରସ୍ତୁତ ହେଉଛନ୍ତି । ୧୧ ସେପ୍ଟେମ୍ବରରେ 'ହୈୱାନ' ରିଲିଜ୍ ହେଉଥିବାବେଳେ ଏହିଦିନ ଆୟୁଷ୍ମାନ ଖୁରାନାଙ୍କ ଫିଲ୍ମ 'ଉଡ଼ତା ତୀର' ମଧ୍ୟ ରିଲିଜ୍ ହେଉଛି । ବକ୍ସ ଅଫିସ୍‌ରେ ଏହି ଟକ୍କର ଦେଖିବା ବେଶ୍ ମଜାଦାର ହେବ ।



## ଆଜି ବାହୁଡ଼ିଥିଲେ
# ପଲ୍ଲୀକବି ନନ୍ଦକିଶୋର ବଳ




ନନ୍ଦ କିଶୋର ବଳ ଓଡ଼ିଆ ସାହିତ୍ୟର ପ୍ରାକ୍-ଆଧୁନିକ କାଳର ଜଣେ କବି ଥିଲେ । ଓଡ଼ିଶାର ଗ୍ରାମୀଣ ପ୍ରାକୃତିକ ସୌନ୍ଦର୍ଯ୍ୟ, ସରଳ ଜୀବନଯାତ୍ରା ଏବଂ ପଲ୍ଲୀ ସଂସ୍କୃତିକୁ ନିଜ କାବ୍ୟ-କବିତାରେ ସ୍ଥାନ ଦେଇଥିବାରୁ ତାଙ୍କୁ 'ପଲ୍ଲୀକବି' ଭାବରେ ସମ୍ମାନିତ କରାଯାଇଛି । ତାଙ୍କର କବିତାଗୁଡ଼ିକ ସରଳ, ହୃଦୟସ୍ପର୍ଶୀ ଏବଂ ଓଡ଼ିଆ ଲୋକସଂସ୍କୃତି ଓ ପଲ୍ଲୀ ଜୀବନର ଜୀବନ୍ତ ପ୍ରତିଛବି ଅଟେ । ଓଡ଼ିଆ ସାରସ୍ୱତ ଜଗତକୁ ଶ୍ରୀବୃଦ୍ଧି କରିବାରେ ସେ ନିରନ୍ତର ପ୍ରୟାସ କରିଥିଲେ । ଗ୍ରାମ୍ୟ ସମାଜକୁ କୁସଂସ୍କାର ମୁକ୍ତ କରି ଏକ ସୁସ୍ଥ ସମାଜ ଗଠନ କରିବା ତାଙ୍କର ଅନ୍ୟ ଏକ ସ୍ୱପ୍ନ ଥିଲା । ପିଲାଦିନେ ତାଙ୍କ ନାମ ରଖାଯାଇଥିଲା ରସାନନ୍ଦ । ପରେ ତାଙ୍କ ନାମ ବଦଳାଇ ନନ୍ଦ କିଶୋର ବଳ ରଖାଯାଇଥିଲା । ୧୮୭୫ ମସିହା ଡିସେମ୍ବର ୨୨ ତାରିଖରେ ନନ୍ଦକିଶୋର କଟକ ଜିଲ୍ଲା କୁସୁପୁର ଗ୍ରାମରେ ପିତା ଭଜନାନନ୍ଦ ଜେନା ଓ ମାତା ହିରଣ୍ମୟୀ ଦେବୀଙ୍କ କୋଳମଣ୍ଡନ କରିଥିଲେ । ତୁଳସୀ ଦୁଇପତ୍ରରୁ ବାସିଲା ପରି ବାଲ୍ୟକାଳରୁ ତାଙ୍କ ସାରସ୍ୱତ ପ୍ରତିଭାର ଉନ୍ମେଷ ଘଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ୍ ସ୍କୁଲ୍, ରେଭେନ୍ସା କଲିଜିଏଟ୍ ସ୍କୁଲ୍, କେନ୍ଦ୍ରାପଡ଼ା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ୧୮୯୬ ମସିହାରେ ସେ କୋକିଳା ଦେବୀଙ୍କୁ ବିବାହ କରିଥିଲେ । ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକର ଟାଉନ୍ ସ୍କୁଲରେ ନନ୍ଦକିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । ଏହାର କିଛି ବର୍ଷ ପରେ ସ୍କୁଲ୍ ସବ୍ ଇନ୍ସପେକ୍ଟର୍ ଭାବେ ପଦୋନ୍ନତି ପାଇଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡ଼ିଲା । ୧୯୨୮ ମସିହା ଆଜିର ଦିନରେ ସେ ଇହଲୀଳା ସମ୍ବରଣ କରିଥିଲେ । ନନ୍ଦକିଶୋର କଲେଜ ପଢ଼ିବା ଠୁ ହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରବନ୍ଧକୁ ସେ 'ପଲ୍ଲୀଚିତ୍ର' ନାମରେ କବିତାର ରୂପ ଦେଇଥିଲେ । ସେ ୧୦୦ରୁ ଅଧିକ ସନେଟ୍ ମଧ୍ୟ ଲେଖିଯାଇଛନ୍ତି । ଶିଶୁ କବିତା କ୍ଷେତ୍ରରେ ପଲ୍ଲୀ କବି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ନାନା ବାୟା ଗୀତ ହେଉଛି ତା'ର ଏକ ନିଚ୍ଛକ ଉଦାହରଣ । ତାଙ୍କ ଦ୍ୱାରା ରଚିତ ବହୁ କବିତା ବିଦ୍ୟାଳୟ ପାଠ୍ୟପୁସ୍ତକରେ ସ୍ଥାନିତ ହୋଇଛି । ପଲ୍ଲୀ କବିଙ୍କର ସୃଷ୍ଟି ଭିତରେ 'ନିର୍ଝରିଣୀ', 'ବସନ୍ତ କୋକିଳ', 'ପ୍ରଭାତ ସଙ୍ଗୀତ', 'ନିର୍ମାଲ୍ୟ', ଓ 'ଜନ୍ମଭୂମି' ଆଦି ଗୀତି କବିତା ଖୁବ୍ ଲୋକପ୍ରିୟ । ସେହପରି ତାଙ୍କ ଦ୍ୱାରା ରଚିତ କାବ୍ୟ ଭିତରେ 'ସୀତା ବନବାସ', 'କୃଷ୍ଣକୁମାରୀ', 'ଶର୍ମିଷ୍ଠା', 'ତରଙ୍ଗିଣୀ', 'ଚାରୁଚିତ୍ର' ଆଦି ବହୁ ପାଠକୀୟ ଆଦୃତି ଲାଭ କରିପାରିଛି । କେବଳ ପଲ୍ଲୀ ଜୀବନକୁ ନେଇ ତାଙ୍କର ସୃଷ୍ଟି ନ ଥିଲା । ଯୌତୁକ ପରି ସାମାଜିକ ବ୍ୟାଧି ବିରୋଧରେ ସେ 'କନକଲତା' ନାମକ ଉପନ୍ୟାସ ରଚନା କରିଥିଲେ । ଗାଉଁଲି ସରଳ ଜୀବନକୁ ଯୌତୁକ ଓ ବାଲ୍ୟବିବାହ କିପରି କଳୁଷିତ କରିଥାଏ, ତାହାର ଛବି ଏଥିରେ ଦେଖିବାକୁ ମିଳିଥାଏ । ସ୍ୱଭାବ ସୁଲଭ ଢଙ୍ଗରେ ନିଜ ରଚନାରେ ସମାଜ ସଂସ୍କାର ପାଇଁ ସେ ଉଦ୍ୟମ କରିଥିଲେ ।

# ସମ୍ଭାବନା



## କେମିତି ସମ୍ଭାଳିବେ କାମ ଚାପ

**ଆଜିକାଲି କର୍ମଜୀବୀଙ୍କ କାମ ଚାପ ଅଧିକ । ଏହା ଯୋଗୁଁ ମାନସିକ ଅଶାନ୍ତି ସହ ସ୍ୱାସ୍ଥ୍ୟ ଖରାପ ହେଉଛି । ତେବେ ସେମାନେ କିଛି ଉପାୟକୁ ଆପଣାଇ କାମ ଚାପକୁ ହାଲୁକା କରିପାରିବେ ।**



- କାମର ପ୍ରାଥମିକତାକୁ ନିର୍ଦ୍ଧାରିତ କରନ୍ତୁ । ଜରୁରି କାମକୁ ପ୍ରଥମେ କରନ୍ତୁ ।
- ଦିନ ତମାମ କେଉଁ ସବୁ କାମ କରିବା ଦରକାର, ସେସବୁ ଲେଖି ରଖନ୍ତୁ । ଏହାଦ୍ୱାରା ଚାପ କମ୍ ହେବ ।
- ବଡ଼ କାମକୁ ଛୋଟ ଭାଗରେ ବାଣ୍ଟନ୍ତୁ । ଏହିପରି ଭାବେ ଛୋଟ ଛୋଟ ଲକ୍ଷ୍ୟକୁ ପୂରା କରିବା ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଏ ।
- ବ୍ରେକ୍ ନେବାକୁ ଭୁଲନ୍ତୁ ନାହିଁ । ଲଗାତାର ବସି କାମ କରିବା ଦ୍ୱାରା ଉତ୍ପାଦକତା କମିପାରେ । ସମୟ ନିୟନ୍ତ୍ରଣ କରିବା ଶିଖନ୍ତୁ । କେଉଁ ସମୟରେ କେଉଁ କାମ କରିବେ ତାହା ଧାର୍ଯ୍ୟ କରନ୍ତୁ ।
- ମଲଟି ଟାସ୍କିଂ କରନ୍ତୁ ନାହିଁ । ଗୋଟିଏ ସମୟରେ ଏକାଧିକ କାମ ନ କରି ଗୋଟିଏ କାମ କଲେ ଭଲ ଫଳ ମିଳେ ।
- ଆବଶ୍ୟକ ପଡ଼ିଲେ ସହକର୍ମୀ ତଥା ବରିଷ୍ଠ ସହଯୋଗୀଙ୍କ ସହାୟତା ନିଅନ୍ତୁ । ସାହାଯ୍ୟ ପାଇଁ ସଙ୍କୋଚ କରିବା ଭଲ ନୁହେଁ ।
- ଅଫିସ୍ ପରେ ଘର ଓ ପରିବାର ସହିତ ସମୟ ଅତିବାହିତ କରନ୍ତୁ ।

## ବିଦେଶରେ ପାର୍ଟ ଟାଇମ୍



**ବିଦେଶରେ ପଢ଼ା ସହିତ ପାର୍ଟ ଟାଇମ୍ ଚାକିରି କରିବା ଭାରତୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ । ସେହିପରି ପ୍ରତ୍ୟେକ ଦେଶରେ ପାର୍ଟ ଟାଇମ୍ ଚାକିରି କରିବାର ଅନୁମତି ଅଛି । କାରଣ ଏହା ଦ୍ୱାରା ପିଲା ସେମାନଙ୍କର ନିତିଦିନର ଖର୍ଚ୍ଚ ଉଠାଇପାରନ୍ତି । ତେବେ ଆମେରିକା, ବ୍ରିଟେନ ଭଳି ଅନ୍ୟ ଦେଶରେ ପାର୍ଟ ଟାଇମ୍ କାମକୁ ନେଇ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରାଯାଇଛି ।**

ଆମେରିକାରେ ଭାରତୀୟ ଛାତ୍ର ସପ୍ତାହରେ ୨୦ ଘଣ୍ଟା କାମ କରିପାରିବେ । ପଢ଼ା ଜାରି ଥିବା ବେଳେ ଏ ନିୟମ ଲାଗୁ ହୋଇଥାଏ । ସେହିପରି ସେମିଷ୍ଟାର ବ୍ରେକ୍ ତଥା ଛୁଟି ଥିଲେ ଛାତ୍ରଛାତ୍ରୀ ସପ୍ତାହକୁ ୪୦ ଘଣ୍ଟା ପର୍ଯ୍ୟନ୍ତ ଚାକିରି କରିପାରିବେ । ବର୍ଷେ ପଢ଼ା ପୂରଣ କରିଥିବା ପିଲା କ୍ୟାମ୍ପସ ବାହାରେ ଚାକିରି କରିପାରିବେ । ତେବେ ପଢ଼ା ସମୟରେ କାନାଡ଼ାରେ ଭାରତୀୟ ଛାତ୍ର ସପ୍ତାହକୁ ୨୪ ଘଣ୍ଟା ଏବଂ ଛୁଟି ସମୟରେ ଅସୀମିତ ଘଣ୍ଟା ପର୍ଯ୍ୟନ୍ତ କାମ କରିପାରିବେ । ଭ୍ୟାଲିଡ ଷ୍ଟଡି ପରମିଟ୍ ଥିବା ଛାତ୍ରଙ୍କୁ କ୍ୟାମ୍ପସ ବାହାରେ ଚାକିରି କରିବାର ଅନୁମତି ଅଛି ।

ସେହିପରି ଅଷ୍ଟ୍ରେଲିଆରେ ଭାରତୀୟ ଛାତ୍ରଛାତ୍ରୀଙ୍କୁ ୧୫ ଦିନରେ ୪୮ ଘଣ୍ଟା ପର୍ଯ୍ୟନ୍ତ କାମ କରିବାର ଅନୁମତି ଅଛି । ଏଠାରେ ବି ଅନ୍ୟ ଦେଶ ଭଳି ଛୁଟି ସମୟରେ ଅନଲିମିଟେଡ୍ କାମ କରିବାର ଅନୁମତି ମିଳିଥାଏ । ପୋଷ୍ଟ ଗ୍ରାଜୁଏଟ୍ ରିସର୍ଚ୍ଚ ଛାତ୍ର, ଡକ୍ଟୋରଲ ଡିଗ୍ରୀ ଆରମ୍ଭ କରିବା ପରେ ବିନା କୌଣସି ସମୟ ସୀମାରେ କାମ କରିପାରିବେ । ତେବେ ଜର୍ମାନୀରେ ପଢ଼ା ସମୟରେ ୨୦ ଘଣ୍ଟା ଏବଂ ଛୁଟିଦିନରେ ସପ୍ତାହକୁ ୪୦ ଘଣ୍ଟା ପାର୍ଟ ଟାଇମ୍ ଚାକିରିର ଅନୁମତି ଅଛି । ମୁଖ୍ୟତଃ ଛାତ୍ରଛାତ୍ରୀଙ୍କୁ ବର୍ଷକରେ ୧୨୦ ପୂରା ଦିନ, ୨୪୦ ଅଧା ଦିନ କାମ କରିବାର ଅନୁମତି ଅଛି । ନ୍ୟୁଜିଲାଣ୍ଡରରେ ଭାରତୀୟ ଛାତ୍ର ଏକାଡେମିକ ସେସନ ସମୟରେ ପ୍ରତି ସପ୍ତାହରେ ୨୦ ଘଣ୍ଟା ଏବଂ ଛୁଟିରେ ଫୁଲ୍ ଟାଇମ୍ କାମ କରିପାରିବେ । ଏହି ସୁବିଧା ଅତି କମ୍‌ରେ ଦୁଇ ବର୍ଷର ପୂର୍ଣ୍ଣକାଳୀନ କାର୍ଯ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଲବ୍ଧ । ଫ୍ରାନ୍ସରେ ପଢୁଥିବା ଭାରତୀୟ ଛାତ୍ର ଶିକ୍ଷାବର୍ଷରେ ପ୍ରତିବର୍ଷ ୯୬୪ ଘଣ୍ଟା (ପ୍ରତି ସପ୍ତାହରେ ୨୦ ଘଣ୍ଟା) ଏବଂ ବିଶ୍ୱବିଦ୍ୟାଳୟ ଛୁଟି ସମୟରେ ଫୁଲଟାଇମ କାମ କରିପାରିବେ । ଏହି ସୁବିଧା ଫରାସୀ ସାମାଜିକ ସୁରକ୍ଷା ବ୍ୟବସ୍ଥାର ଅଂଶବିଶେଷ ଅନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଲବ୍ଧ ।

ଅନ୍ୟପଟେ ନେଦରଲ୍ୟାଣ୍ଡସରେ ଭାରତୀୟ ଛାତ୍ରଛାତ୍ରୀ ପ୍ରତି ସପ୍ତାହରେ ୧୬ ଘଣ୍ଟା ଏବଂ ଜୁନ୍ ଜୁଲାଇ ଅଗଷ୍ଟ ମାସରେ ଫୁଲ ଟାଇମ୍ କାମ କରିପାରିବେ । କାମ କରିବା ପାଇଁ ଭାରତୀୟଙ୍କୁ ୱାର୍କ ପରମିଟ୍‌ର ଆବଶ୍ୟକତା ଥାଏ । ଷ୍ଟଡି ପୋଗ୍ରାମର ଜରୁରି ଅଂଶ ହୋଇଥିବା ଇଣ୍ଟରନସିପ୍‌ଙ୍କ ଉପରେ ଏହି ନିୟମ ଲାଗୁ ହୋଇ ନ ଥାଏ । ବ୍ରିଟେନରେ ପାଠପଢ଼ା ଚାଲିଥିବା ସମୟରେ ଭାରତୀୟ ଛାତ୍ରମାନେ ସପ୍ତାହରେ କେବଳ ୨୦ଘଣ୍ଟା କାମ କରିପାରିବେ । ସେମିଷ୍ଟର ବ୍ରେକ୍ ଥିଲେ ଅସୀମିତ ଘଣ୍ଟା ପର୍ଯ୍ୟନ୍ତ କାମ କରିବାର ଅନୁମତି ଦିଆଯାଏ । ବିଶ୍ୱବିଦ୍ୟାଳୟରେ ପୂର୍ଣ୍ଣକାଳୀନ ଡିଗ୍ରୀ-ସ୍ତରୀୟ ପାଠ୍ୟକ୍ରମ କିମ୍ବା ତା'ଠାରୁ ଅଧିକ ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ କ୍ୟାମ୍ପସ ବାହାରେ କାମ କରିବାକୁ ଅନୁମତି ଦିଆଯାଏ ।

## ଅଫିସ୍‌ରେ ସମ୍ମାନ ବୃଦ୍ଧି

**ସାଧାରଣତଃ ଅଫିସ୍‌ରେ ସମସ୍ତେ ନିଜର ସମ୍ମାନ ବୃଦ୍ଧି ତଥା ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିପାରି ନ ଥାନ୍ତି । ସେହିପରି କିଏ ନିଜ କାମ ମାଧ୍ୟମରେ ଲୋକପ୍ରିୟ ହେବାକୁ ଚେଷ୍ଟା କରନ୍ତି ତ ଆଉ କିଏ ନିଜର ବ୍ୟକ୍ତିତ୍ୱ ମାଧ୍ୟମରେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବାକୁ ପ୍ରୟାସ କରିଥାନ୍ତି ।**



- ଅଫିସ୍‌ରେ ସହକର୍ମୀଙ୍କ ସହ କଥା ହେବା ବେଳେ ହସି ହସି କଥାବାର୍ତ୍ତା କରନ୍ତୁ ।
- ଠିକ୍ ସମୟରେ କାମ ପୂରା କରନ୍ତୁ । ଏହା ହିଁ ଅଫିସ୍‌ରେ ସମ୍ମାନ ବୃଦ୍ଧିରେ ସାହାଯ୍ୟ କରେ ।
- କେବଳ ନିଜ କାମ ନ କରି ଟିମ୍ ୱାର୍କ ମଧ୍ୟ କରନ୍ତୁ ।
- ଭଲ କଥାବାର୍ତ୍ତା କରୁଥିବା କର୍ମଚାରୀଙ୍କ ସମ୍ମାନ ଭଲ ରହେ ।
- ଅନ୍ୟମାନଙ୍କର ସମ୍ମାନ କରନ୍ତୁ ଏବଂ ସମ୍ମାନ ସହିତ କଥାବାର୍ତ୍ତା କଲେ ଏହା ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରେ ।
- ପ୍ରତ୍ୟେକ ସମୟରେ ଅଭିଯୋଗ ନ କରି ସମସ୍ୟା ସମାଧାନ କରିବା ଶିଖନ୍ତୁ ।
- ଅଫିସ୍ ଗସିପ୍‌ଠୁ ଦୂରରେ ରୁହନ୍ତୁ । ପରଚର୍ଚ୍ଚା ଉପରେ ଧ୍ୟାନ ଦିଅନ୍ତୁ ନାହିଁ ।
- ଅଫିସ୍‌ରେ ଅନ୍ୟ ସହକର୍ମୀଙ୍କ ସାହାଯ୍ୟ କରନ୍ତୁ । ଏହି ସ୍ୱଭାବ ବି ସମ୍ମାନ ବୃଦ୍ଧିରେ ସହାୟକ ହୁଏ ।

## ପ୍ରଫେସନାଲଙ୍କ ପାଇଁ ଗ୍ୟାଜେଟ୍

**ଆଜିର ସମୟରେ ଅଫିସ୍ କାମ ବି ଆଡଭାନ୍ସ ହୋଇଗଲାଣି । ତେବେ କିଛି ଗ୍ୟାଜେଟ୍ ଏଭଳି ଅଛି, ଯାହାକି ଅଫିସ୍ କାମରେ କର୍ମଚାରୀଙ୍କ କାମକୁ ସହଜ ଓ ସୁବିଧାଜନକ କରିବାରେ ସାହାଯ୍ୟ କରିବ ।**

**ପୋର୍ଟେବଲ ମନିଟର:** ଏହି ଡିଭାଇସ୍ ଲୋକଙ୍କୁ ଅତିରିକ୍ତ ସ୍କ୍ରିନ୍ ସ୍ପେସ୍ ଉପଲବ୍ଧ କରାଏ । ଏହି ଡିଭାଇସ୍ ସାହାଯ୍ୟରେ ଲୋକେ ଏକାକାଳୀନ ଅନେକ ୱିଣ୍ଡୋ ଖୋଲି କାମ କରିପାରିବେ ।

**ନଏଜ କ୍ୟାନସଲିଂ ହେଡ୍‌ଫୋନ୍:** ଅଧିକ ଗହଳିଚହଳି ପାଟିତୁଣ୍ଡ ହେଉଥିବା ପରିବେଶରେ କାମ କରୁଥିଲେ ନଏଜ କ୍ୟାନସଲିଂ ହେଡ୍‌ଫୋନ୍ ଏକ ଉତ୍ତମ ବିକଳ୍ପ । ଏହି ଗ୍ୟାଜଟ୍ କାମରେ ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ କରେ ।

**ୱେୟାରଲେସ୍ କି-ବୋର୍ଡ ଏବଂ ମାଉସ୍:** ଅଫିସ୍ ତଥା ଘରୁ କାମ କଲେ ବି ଲାପଟପ୍ ତ ଏବେ ନିହାତି ଜରୁରି । ଲାପ୍‌ଟପ୍‌ରେ ଛୋଟ କି-ବୋର୍ଡ ଯୋଗୁଁ ଲୋକଙ୍କୁ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ । ଏଭଳି ସ୍ଥିତିରେ ୱେୟାରଲେସ୍ କି-ବୋର୍ଡ ବରଦାନ ପ୍ରମାଣିତ ହୋଇପାରେ । ଏହି ଡିଭାଇସ୍ ଲୋକଙ୍କୁ ଟାଇପିଂରେ ସାହାଯ୍ୟ କରିବ । ସେହିପରି କି-ବୋର୍ଡ ଲାଗି ମାଉସ୍ ବି ଦରକାର । ତେଣୁ ୱେୟାରଲେସ୍ କି-ବୋର୍ଡ ବି ଖୁବ୍ ଉପକାରୀ ।

**ସ୍ମାର୍ଟ ନୋଟ୍‌ବୁକ୍:** ସ୍ମାର୍ଟ ନୋଟ୍‌ବୁକ୍‌ରେ ଲେଖାଯାଉଥିବା ନୋଟ୍ ସହଜରେ ଡିଜିଟାଲ ଉପାୟରେ ସେଭ୍ କରାଯାଇପାରିବ । ଦରକାରୀ ତଥ୍ୟ ହଜି ନ ଥାଏ ।





ମରୋକ୍କୋ ଷ୍ଟ୍ରାଇକର ଇସ୍‌ମାଏଲ ସାଇବାରୀ

# ଇତିହାସ ସୃଷ୍ଟି କଲେ ପାରାଗୁଏ, ମରୋକ୍କୋ

## ପେନାଲ୍ଟିରେ ୪ ଥରର ଚାମ୍ପିଅନ ଜର୍ମାନୀ, ୩ଥରର ରନର୍ସଅପ୍ ନେଦରଲ୍ୟାଣ୍ଡସ୍ ସୁଟ୍‌ଆଉଟ୍

ଫକ୍ସବରୋ/ଗ୍ୱାଡଲୋପ୍,୩୦।୬(ଏଜେନ୍ସି)

୪ଥରର ଚାମ୍ପିଅନ ଜର୍ମାନୀ ଓ ୩ଥରର ରନର୍ସଅପ୍ ନେଦରଲ୍ୟାଣ୍ଡସ ଏଠାରେ ଚାଲିଥିବା ୨୦୨୬ ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାରୁ ପେନାଲ୍ଟି ସୁଟ୍‌ଆଉଟରେ ବିଦା ହୋଇଛନ୍ତି। ଅନ୍ୟପକ୍ଷରେ ସେମାନଙ୍କୁ ହରାଇ ରାଉଣ୍ଡ ଅଫ୍ ୧୬ ବା ପ୍ରି-କ୍ୱାର୍ଟରରେ ପ୍ରବେଶ କରିଥିବା ଦକ୍ଷିଣ ଆମେରିକୀୟ ଦେଶ ପାରାଗୁଏ ଓ ଆଫ୍ରିକୀୟ ରାଷ୍ଟ୍ର ମରୋକ୍କୋ ଇତିହାସ ସୃଷ୍ଟି କରିଛନ୍ତି। ରାଉଣ୍ଡ-୩୨ରେ ଫ୍ରାନ୍ସ ଓ ସ୍ୱିଡେନ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ର ବିଜେତା ସହ ପାରାଗୁଏର ଏବଂ କାନାଡା ସହ ମରୋକ୍କୋର ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲା ହେବ। ଭାରତୀୟ ସମୟ ସୋମବାର ରାତି ଓ ମଙ୍ଗଳବାର ସକାଳେ ଖେଳାଯାଇଥିବା ଏହି ଦୁଇଟିଯାକ ମ୍ୟାଚ୍ ନିର୍ଦ୍ଧାରିତ ଓ ଅତିରିକ୍ତ ସମୟ ଖେଳରେ ଫଳାଫଳ ମିଳି ନ ଥିଲା। ନକ୍‌ଆଉଟ ମ୍ୟାଚ୍ ହୋଇଥିବାରୁ ଫଳାଫଳ ଜାଣିବା ଲାଗି ପେନାଲ୍ଟି ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ବୋଷ୍ଟନ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଜର୍ମାନୀ-ପାରାଗୁଏ ମ୍ୟାଚ୍ ୧-୧ ଗୋଲରେ ସମାନସ୍ତରରେ ରହିବା ପରେ ପେନାଲ୍ଟି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଗୋଲରକ୍ଷକ ଅର୍ଲାଣ୍ଡୋ ଗିଲ୍ ଦୁଇଟି ପେନାଲ୍ଟି ସଟ୍‌କୁ ସେଭ୍ କରିବା ଫଳରେ ପାରାଗୁଏ ୪-୧ରେ ୪ଥରର ଚାମ୍ପିଅନ ଜର୍ମାନୀକୁ ପରାସ୍ତ କରିଥିଲା। ସେହିପରି ମଣ୍ଟେରୀ ଷ୍ଟାଡିୟମ୍‌ରେ ନେଦରଲ୍ୟାଣ୍ଡସ ଓ ମରୋକ୍କୋ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଅଧିକ ରୋମାଞ୍ଚକର ହୋଇଥିଲା। ଏଥିରେ ଉଭୟ ଦଳ ଶେଷ ସମୟରେ ଗୋଲ ସ୍କୋର କରିଥିଲେ ମଧ୍ୟ ମ୍ୟାଚ୍‌ର ଫଳାଫଳ ମିଳି ପାରି ନ ଥିଲା। ପେନାଲ୍ଟି ସୁଟ୍‌ଆଉଟରେ ମରୋକ୍କୋ ୩-୨ ଗୋଲରେ ବିଜୟୀ ହୋଇ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

## ପ୍ରି-କ୍ୱାର୍ଟରରେ ବ୍ରାଜିଲ

ହଷ୍ଟନ,୩୦।୬(ଏଜେନ୍ସି): ଏସିଆ ମହାଦେଶର ଏକ ନମ୍ବର ଦଳ ଜାପାନକୁ ୨-୧ ଗୋଲ୍‌ରେ ପରାସ୍ତ କରି ପାଞ୍ଚଥରର ଚାମ୍ପିଅନ ବ୍ରାଜିଲ ଚଳିତ ଫିଫା ବିଶ୍ୱକପ୍‌ର ଦ୍ୱିତୀୟ ଦଳ ଭାବେ ପ୍ରି-କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଛି। ସୋମବାର ରାତିରେ ସ୍ଥାନୀୟ ହଷ୍ଟନ ଷ୍ଟାଡିୟମରେ ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ବ୍ରାଜିଲ ପଛୁଆ ଥାଇ ମଧ୍ୟ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲା। ଦ୍ୱିତୀୟାର୍ଦ୍ଧରେ ଦୁଇଟି ଗୋଲ୍ ଦେଇ ବ୍ରାଜିଲ ଉତ୍କଣ୍ଠାପୂର୍ଣ୍ଣ ବିଜୟ ହାସଲ କରିଥିଲା। ବିଶେଷ କରି ଷ୍ଟପେଜ ଟାଇମ୍‌ରେ ଗ୍ରାବିଏଲ୍ ମାର୍ଟିନେଲିଙ୍କ ଗୋଲ୍ ବ୍ରାଜିଲକୁ ପ୍ରି-କ୍ୱାର୍ଟରରେ ପ୍ରବେଶ କରାଇଥିଲା। ଅପରପକ୍ଷରେ ପରାଜୟ ସହ ଜାପାନର ବିଶ୍ୱକପ ଅଭିଯାନ ଶେଷ ହୋଇଛି। ବ୍ରାଜିଲ ଏବେ ରାଉଣ୍ଡ ଅଫ୍ ୧୬ରେ ନରୱେ ବନାମ ଆଇଭରୀ କୋଷ୍ଟ ମ୍ୟାଚ୍‌ର ବିଜେତା ସହ ମୁକାବିଲା କରିବ।



| ଫିଫା ବିଶ୍ୱକପ୍ |
| --- |
| ରାଉଣ୍ଡ ଅଫ୍ ୩୨ ମୁକାବିଲା |
| ବୁଧବାର ରାତି |
| ଇଂଲଣ୍ଡ-କଙ୍ଗୋ |
| ଆଟଲାଣ୍ଟା, ରାତି ୯.୩୦ |
| ବେଲଜିୟମ-ସେନେଗାଲ |
| ସିଆଟଲ, ରାତି ୧.୩୦ |
| ଗୁରୁବାର ସକାଳ |
| ଆମେରିକା-ବୋସନିଆ |
| ସାନ୍‌ଫ୍ରାନ୍ସିସ୍କୋ, ସକାଳ ୫.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ଭିଏଆର୍ ଲାଗି ଜର୍ମାନୀ ହାରିଲା

ଗ୍ୱାଡଲୋପ୍,୩୦।୬(ଏଜେନ୍ସି): ଜର୍ମାନୀର ପରାଜୟ ଲାଗି ଭିଏଆର୍ ବା ଭିଡିଓ ଆସିଷ୍ଟାଣ୍ଟ ରେଫରୀ ଦାୟୀ ବୋଲି ଇଂଲଣ୍ଡର ପୂର୍ବତନ ଅଧିନାୟକ ଆଲାନ ସିଅରର କହିଛନ୍ତି। ତାଙ୍କ ମତରେ ଗୋଲପୋଷ୍ଟରେ କିପର ତଳେ ପଡ଼ିଯିବା ଏକ ସାଧାରଣ ଘଟଣା। ଏଥିଲାଗି ପ୍ରତିପକ୍ଷ ଖେଳାଳି ଓ ଏହାକୁ ବିରୋଧ କରୁଥିବା ମ୍ୟାନେଜର ଜୁଲିଆନ୍ ନାଗେଲସମ୍ୟାନ୍‌ଙ୍କୁ ୟେଲୋ କାର୍ଡ ଦେଖାଇବାର କୌଣସି କାରଣ ନାହିଁ। ସୂଚନାଯୋଗ୍ୟ ଅତିରିକ୍ତ ସମୟର ୧୨ତମ ମିନିଟ୍‌ରେ ଜୋନାଥନ ତାହ ହେଡର ଜରିଆରେ ଗୋଲ ଦେଇ ଜର୍ମାନୀକୁ ୨-୧ରେ ଅଗ୍ରଣୀ କରାଇଥିଲେ। ଏହି ସମୟରେ ପାରାଗୁଏ ଗୋଲରକ୍ଷକ ତଳେ ପଡ଼ି ଛଟପଟ ହୋଇଥିଲେ। ଜର୍ମାନୀର ୱାଲ୍ଡେମାର ଆଣ୍ଟନ ତାଙ୍କୁ ଫାଉଲ ମାରିଥିବା ଅଭିଯୋଗ ହୋଇଥିଲା। ଫଳରେ ରେଫରୀ ଜଲାଲ ଜାୟେଦ୍ ଘଟଣାକୁ ଭିଏଆର୍‌କୁ ଦେଇଥିଲେ। ଭିଏଆର୍ ଆଣ୍ଟନ ଫାଉଲ ମାରିଥିବା ଜାଣିବାକୁ ପାଇଥିଲେ ଓ ଗୋଲକୁ ନାକଚ କରିଦେଇଥିଲେ। ଫଳରେ ଜର୍ମାନୀ ବିଜୟରୁ ବଞ୍ଚିତ ହୋଇଥିଲା ବୋଲି ସିଅରର କହିଛନ୍ତି। ଅନ୍ୟପକ୍ଷରେ ଗତ ୩ଟି ବିଶ୍ୱକପ୍‌ରେ ଆମେ ପ୍ରଥମ କିମ୍ବା ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛୁ। ଏଥିରୁ ପ୍ରମାଣିତ ହେଉଛି ଯେ, ଆମେ ଆଉ ପ୍ରଥମଶ୍ରେଣୀର ଫୁଟବଲ ଟିମ୍ ହୋଇ ରହିନାହୁଁ ବୋଲି କୋଚ୍ ଜୁଲିଆନ ନାଗେଲସମ୍ୟାନ୍ କହିଛନ୍ତି।

## ବଡ଼ ବିପର୍ଯ୍ୟୟ ଘଟାଇଲା ପାରାଗୁଏ



ବୋଷ୍ଟନ ଷ୍ଟାଡିୟମ୍‌ରେ ସୋମବାର ରାତିରେ ଖେଳାଯାଇଥିବା ମ୍ୟାଚ୍‌ରେ ଜର୍ମାନୀକୁ ପରାସ୍ତ କରି ପାରାଗୁଏ ଫିଫା ବିଶ୍ୱକପ୍ ଇତିହାସରେ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛି। ଫିଫା ର‌୍ୟାଙ୍କିଙ୍ଗ୍‌ରେ ଜର୍ମାନୀ ୧୦ମ ସ୍ଥାନରେ ଥିଲାବେଳେ ପାରାଗୁଏ ୪୧ତମ ସ୍ଥାନରେ ରହିଛି। ଏହି ବିଜୟ ସହ ପାରାଗୁଏ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଥିଲାବେଳେ ପ୍ରଥମଥର ଆୟୋଜିତ ହେଉଥିବା ରାଉଣ୍ଡ ଅଫ୍ ୩୨ରୁ ଜର୍ମାନୀ ବିଦାୟ ନେଇଛି। ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ଏହି ରାଉଣ୍ଡ ଅଫ୍ ୩୨ ମୁକାବିଲା ନିର୍ଦ୍ଧାରିତ ଓ ଅତିରିକ୍ତ ସମୟ ଅର୍ଥାତ୍ ୧୨୦ ମିନିଟ୍ ଖେଳ ୧-୧ ଗୋଲରେ ସମାନ ସ୍ତରରେ ରହିଥିଲା। ଜର୍ମାନୀ ପକ୍ଷରୁ କାଇ ହାର୍ଭେଜ୍ ଓ ପାରାଗୁଏ ପକ୍ଷରୁ ଜୁଲିଓ ଏନ୍‌ସିସ୍କୋ ଗୋଲ ସ୍କୋର କରିଥିଲେ। ପେନାଲ୍ଟି ସୁଟ୍‌ଆଉଟ୍‌ରେ ପାରାଗୁଏ ୪-୧ ଗୋଲରେ ବିଜୟୀ ହୋଇଥିଲା। ଦଳର ଗୋଲରକ୍ଷକ ଅର୍ଲାଣ୍ଡୋ ଗିଲ୍ ୨ଟି ପେନାଲ୍ଟି ସଟ୍‌କୁ ଅଟକାଇ ଏହି ମ୍ୟାଚ୍‌ରେ ହିରୋ ବନିଯାଇଥିଲେ। ୨୦୧୦ରେ କ୍ୱାର୍ଟରଫାଇନାଲ ଖେଳିଥିବା ପାରାଗୁଏ ଗତ ୨ଟି ବିଶ୍ୱକପ୍‌ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରି ନ ଥିଲା। ଏହି ମ୍ୟାଚ୍‌ରେ ବଲ ଜର୍ମାନୀ ନିୟନ୍ତ୍ରଣରେ ରହିଥିଲା। ଏପରିକି ପାରାଗୁଏ ଦଳ ଖେଳିବାକୁ ବଲ୍ ମଧ୍ୟ ପାଇ ନ ଥିଲେ। ଏହା ସତ୍ତ୍ୱେ ଜର୍ମାନୀ ଗୋଲ ସ୍କୋର କରିବାକୁ ସମର୍ଥ ହୋଇ ନ ଥିଲା। ପେନାଲ୍ଟି ସୁଟଆଉଟରେ ହାରିବା ଫଳରେ ଗତ ୪ଟି ବିଶ୍ୱକପ୍‌ରେ ଜର୍ମାନୀର ପ୍ରଦର୍ଶନ ଅତ୍ୟନ୍ତ ନିରାଶାଜନକ ହୋଇଛି। ୨୦୧୦ ଓ ୨୦୨୨ରେ ଦଳ ଗ୍ରୁପ୍ ପର୍ଯ୍ୟାୟରୁ ଏବଂ ୨୦୨୬ରେ ରାଉଣ୍ଡ ଅଫ୍ ୩୨ରୁ ବିଦା ହୋଇଛି। ଦଳ ପ୍ରଥମଥର ପେନାଲ୍ଟି ସୁଟ୍‌ଆଉଟରେ ପରାଜିତ ହୋଇଥିଲାବେଳେ ପୂର୍ବରୁ ୪ଥର ବିଜୟୀ ହୋଇଥିଲା। ନୂଆ ଖେଳାଳିମାନଙ୍କୁ ନେଇ ଗଠିତ ଜର୍ମାନୀ ଦଳ ଚଳିତ ବିଶ୍ୱକପ୍‌ରେ ଆଦୌ ବିଶ୍ୱସନୀୟ ଖେଳ ପ୍ରଦର୍ଶନ କରି ନ ଥିଲା।

## ମରୋକ୍କୋ ହିରୋ ୟାସିନ୍, ସାଇବାରୀ



ମଣ୍ଟେରୀ ଷ୍ଟାଡିୟମ୍‌ରେ ଫିଫା ର‌୍ୟାଙ୍କିଙ୍ଗ୍‌ରେ ଉପରତଳ ହୋଇ ରହିଥିବା ନେଦରଲ୍ୟାଣ୍ଡସ ଓ ମରୋକ୍କୋ ମଧ୍ୟରେ ରାଉଣ୍ଡ -୩୨ ମୁକାବିଲା ରୋମାଞ୍ଚକ ହୋଇଥିଲା। ଖେଳର ୭୧ତମ ମିନିଟ୍ ଯାଏ କେହି କାହାରିକୁ ଗୋଲ ଦେଇ ନ ଥିଲେ। ୭୨ତମ ମିନିଟ୍‌ରେ କୋଡି ଗାକ୍‌ପୋ ନେଦରଲ୍ୟାଣ୍ଡସ ପକ୍ଷରୁ ଓ ୯୧ତମ (ଇଞ୍ଜୁରୀ ଟାଇମ୍) ମିନିଟରେ ଇସା ଡିଓପ ମରୋକ୍କୋ ପକ୍ଷରୁ ଗୋଲ ଦେବା ଫଳରେ ଖେଳ ସମାନ ସ୍ତରରେ ରହିଥିଲା। ପେନାଲ୍ଟି ସୁଟ୍‌ଆଉଟରେ ନେଦରଲ୍ୟାଣ୍ଡସ ପକ୍ଷରୁ କ୍ରିସେନିକୋ ସମରଭିଲେ ମାରିଥିବା ଗୁରୁତ୍ୱପୂର୍ଣ୍ଣ ଚତୁର୍ଥ ସଟ୍‌କୁ ମରୋକ୍କୋ ଗୋଲରକ୍ଷକ ଅଟକାଇବା ପରେ ୫ମ ସଟ୍ ମିସ୍ ହୋଇଥିଲା। ଫଳରେ ଶେଷ ସଟ୍‌କୁ ମରୋକ୍କୋ ଗୋଲରେ ପରିଣତ କରିଥିଲେ ମ୍ୟାଚ୍ ଜିତିବାର ସ୍ଥିତିରେ ଥିଲା। ଏହି ସଟ୍‌କୁ ଷ୍ଟ୍ରାଇକର ଇସ୍‌ମାଏଲ ସାଇବାରୀ ଗୋଲରେ ପରିଣତ କରି ମରୋକ୍କୋକୁ ୩-୨ ପେନାଲ୍‌ଟିରେ ଜିତାଇବା ସହ ଦଳକୁ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରାଇଥିଲେ। ମରୋକ୍କୋ ମଧ୍ୟ ଗତ ୩ଟି ସଂସ୍କରଣରେ ୟୁରୋପର ଦୁଇଟି ଶକ୍ତିଶାଳୀ ଟିମ୍‌କୁ ପେନାଲ୍ଟି ସୁଟ୍‌ଆଉଟରେ ବିଦା କରିଛି। ଗତ ବିଶ୍ୱକପ୍‌ରେ ୟାସିନ୍ ବୋଉନୋଉ ୨ଟି ପେନାଲ୍ଟି ସଟ୍ ସେଭ୍ କରିବା ଫଳରେ ସ୍ପେନ୍‌କୁ ମରୋକ୍କୋ ହରାଇଥିଲା। ସାଇବାରୀଙ୍କ ଗୋଲ ବଳରେ ମରୋକ୍କୋ ଇତିହାସ ସୃଷ୍ଟି କରିବା ସହ ଆସନ୍ତା ଶନିବାର କାନାଡା ସହ ପ୍ରି-କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।

## ହରମନପ୍ରୀତଙ୍କୁ ଭାରତର ନେତୃତ୍ୱ

ଏସୀୟ କ୍ରୀଡ଼ା

ନୂଆଦିଲ୍ଲୀ, ୩୦।୬ (ଏଜେନ୍ସି): ଆଗାମୀ ଏସୀୟ କ୍ରୀଡ଼ା ଲାଗି ମଙ୍ଗଳବାର ଭାରତୀୟ ମହିଳା କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ଚଳିତ ଟି-୨୦ ବିଶ୍ୱକପ୍‌ରେ ଖରାପ ପ୍ରଦର୍ଶନ ସତ୍ତ୍ୱେ ହରମନପ୍ରୀତ୍ କୌର ଅଧିନାୟିକା ପଦ ବଜାୟ ରଖିଛନ୍ତି। କ୍ରମାଗତ ଦ୍ୱିତୀୟ ସଂସ୍କରଣ ଲାଗି ହରମନପ୍ରୀତ୍ ଏସୀୟ କ୍ରୀଡ଼ାରେ ଭାରତୀୟ କ୍ରିକେଟ୍ ଦଳର ନେତୃତ୍ୱ ନେବେ। ତାଙ୍କ ନେତୃତ୍ୱରେ ଭାରତ ୨୦୨୨ ସଂସ୍କରଣରେ ଚାମ୍ପିଅନ ହୋଇଥିଲା।

**ଭାରତୀୟ ମହିଳା କ୍ରିକେଟ୍ ଦଳ**

ହରମନପ୍ରୀତ୍ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ-ଅଧିନାୟିକା), ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସ, ଦୀପ୍ତି ଶର୍ମା, ରିଚା ଘୋଷ, ଗୁନାଲାନ କମଳିନୀ, ଭାରତୀ ଫୁଲମଣି, ଶ୍ରୀ ଚରଣି, ରେଣୁକା ଠାକୁର, କ୍ରାନ୍ତି ଗୌଡ଼, ଅରୁନ୍ଧତୀ ରେଡ୍ଡୀ, ଶ୍ରେୟଙ୍କା ପାଟିଲ୍, ରାଧା ଯାଦବ ଓ ନନ୍ଦିନୀ ଶର୍ମା।

## ରୋଷେୟାକୁ ବାଡ଼େଇ ବିବାଦରେ ଶଶାଙ୍କ ସିଂହ

ଭୋପାଳ, ୩୦।୬ (ଏଜେନ୍ସି): ପଞ୍ଜାବ କିଙ୍ଗ୍‌ସର କ୍ରିକେଟର୍ ଶଶାଙ୍କ ସିଂହ ଓ ତାଙ୍କ ଅବସରପ୍ରାପ୍ତ ଆଇପିଏସ ପିତା ଶୈଳେଶ ସିଂହ ବିବାଦ ଘେରରେ ଫସିଛନ୍ତି। ଘରୋଇ ରୋଷେୟାକୁ ଦୁର୍ବ୍ୟବହାର, ବେଆଇନ ଭାବେ ବନ୍ଦୀ କରି ଆକ୍ରମଣ କରିବା ଅଭିଯୋଗ ଶଶାଙ୍କ ଓ ତାଙ୍କ ପିତାଙ୍କ ନାମରେ ଆସିଛି। ରୋଷେୟା ବିପେନ୍ଦ୍ର ସିଂହ ତୋମାରର ଅଭିଯୋଗ ଆଧାରରେ ଭୋପାଳର ରତିବାଦ ପୋଲିସ ଷ୍ଟେସନରେ ଶଶାଙ୍କ, ଶୈଳେଶ ଓ ତାଙ୍କ ଡ୍ରାଇଭରଙ୍କ ବିରୋଧରେ ଏଫଆଇଆର୍ ରୁଜୁ ହୋଇଛି। ରୋଷେୟା ବିପେନ୍ଦ୍ର ଅଭିଯୋଗ କରିଥିଲେ ଯେ ଖାଦ୍ୟ ଠିକ ଭାବରେ ରାନ୍ଧି ନ ପାରିବାରୁ ଶଶାଙ୍କ ଓ ତାଙ୍କ ପିତା ଗାଳିଗୁଲଜ କରିଥିଲେ। ଏପରିକି ସେ ଘରକୁ ଫେରିଯିବାକୁ ବାହାରିବାରୁ ଗୋଟିଏ ରୁମରେ ବନ୍ଦୀ କରି ନିସ୍ଥୁକ ବାଡ଼େଇଥିଲେ ବୋଲି ବିପେନ୍ଦ୍ର ପୋଲିସ ନିକଟରେ କହିଛନ୍ତି। ତେବେ କ୍ରିକେଟର ଶଶାଙ୍କ ଏହି ଖବରକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି। ଶଶାଙ୍କ କହିଛନ୍ତି ଯେ ରୋଷେୟାଜଣଙ୍କ ତାଙ୍କ ଘରର ବ୍ୟକ୍ତିଗତ ସ୍ଥାନରେ ପ୍ରବେଶ କରି ବିନା ଅନୁମତିରେ ଭିଡିଓ ରେକର୍ଡ କରୁଥିଲେ। ତେଣୁ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା।

● ଆଇସିସି ମହିଳା ଟି-୨୦ ବିଶ୍ୱକପ

## ପ୍ରଥମ ସେମିରେ ଅଷ୍ଟ୍ରେଲିଆ ବୋଲରଙ୍କ କମାଲ

ଲଣ୍ଡନ, ୩୦।୬ (ଏଜେନ୍ସି): ରେକର୍ଡ ଛ'ଥରର ବିଜେତା ଅଷ୍ଟ୍ରେଲିଆ ଓ ଦୁଇଥରର ଚାମ୍ପିଅନ ୱେଷ୍ଟଇଣ୍ଡିଜ ମଧ୍ୟରେ ଚଳିତ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କେନିଙ୍ଗଟନ ଓଭାଲ ଗ୍ରାଉଣ୍ଡରେ ମଙ୍ଗଳବାର ରାତିରେ ଖେଳାଯାଇଥିବା ଏହି ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ୨୦ ଓଭରରେ ୭ ୱିକେଟ ହରାଇ ୧୨୫ ରନର ଛୋଟିଆ ସ୍କୋର କରିଥିଲା। ଦଳ ପକ୍ଷରୁ ଅଧିନାୟିକା ହେଲି ମାଥ୍ୟୁସ ସର୍ବାଧିକ ୩୦, ଡେଣ୍ଡ୍ରା ଡଟିନ ଅପରାଜିତ ୨୬, ଶେମିନେ କ୍ୟାମ୍ପବେଲ୍ ୨୨, କ୍ୱିଆନା ଜୋଶେଫ ୧୬ ରନ କରିଥିଲେ। ଅଷ୍ଟ୍ରେଲିଆ ବୋଲରମାନେ ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ବେଶ୍ ମାପଚୁପ ବୋଲିଂ କରିଥିଲେ। ଅଧିନାୟିକା ସୋଫି ମୋନିଲେକ୍ସ (୨/୩୦), ଆସଲେ ଗାର୍ଡନର (୨/୧୩) ଓ ଜର୍ଜିଆ ୱେରହାମ (୨/୧୭) ମିଳିତ ଭାବେ ୬ଟି ୱିକେଟ ନେଇଥିଲେ। ଜବାବରେ ଏହି ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଅଷ୍ଟ୍ରେଲିଆ ଶେଷ ଖବର ସୁଦ୍ଧା ୯ ଓଭରରେ ୨ ୱିକେଟ ହରାଇ ୮୧ ରନ ସଂଗ୍ରହ କରିଛି। ଗୁରୁବାର ଆୟୋଜକ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମହିଳା ଦଳ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଜୁଲାଇ ୫ (ରବିବାର) ବିଶ୍ୱକପ୍ ଫାଇନାଲ ଅନୁଷ୍ଠିତ ହେବ।



ତୁର୍କୀରେ ଅନୁଷ୍ଠିତ ୱାର୍ଲ୍ଡ ଆବିଲିଟୀ ସ୍ପୋର୍ଟ୍ସ ୟୁଥ୍ ଗେମ୍ସରେ ପଦକ ଜିତି ରାଜ୍ୟ ଓ ଦେଶ ଲାଗି ଗୌରବ ଆଣିଥିବା ଓଡ଼ିଶାର ଆକାଶ ରଞ୍ଜନ ମୁଣ୍ଡ ଓ ବିଭାସିନ୍ଧୁ ବାରିକଙ୍କୁ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି।

### ଆଜିଠୁ ଓଡ଼ିଶାରେ ଉତ୍ତର-ପୂର୍ବାଞ୍ଚଳ ଦୃଷ୍ଟିହୀନ ଫୁଟ୍‌ବଲ୍

ଭୁବନେଶ୍ୱର, ୩୦।୬ (ସମିସ): ଓଡ଼ିଶାରେ ପ୍ରଥମଥର ଲାଗି ଜାତୀୟ ଦୃଷ୍ଟିହୀନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବାକୁଯାଉଛି। ବୁଧବାରଠାରୁ ଭୁବନେଶ୍ୱର ୟୁନିଟ-୧ ଏକାଡେମୀ ଫୁଟବଲ ପଡ଼ିଆରେ ଉତ୍ତ-ପୂର୍ବାଞ୍ଚଳ ଦୃଷ୍ଟିହୀନ ଫୁଟବଲ ପ୍ରତିଯୋଗିତା ଆରମ୍ଭ ହେବ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଓ ବ୍ଲୁଆଇ ଅର୍ଗାନାଇଜେସନର ମିଳିତ ଆନୁକୂଲ୍ୟରେ ୩ଦିନ ଧରି ଆୟୋଜିତ ହେବ।

# ଭାରତ-ଇଂଲଣ୍ଡ ଟି-୨୦ ସିରିଜ ଆଜିଠୁ

ଚେଷ୍ଟର-ଲି-ଷ୍ଟ୍ରିଟ, ୩୦।୬ (ଏଜେନ୍ସି)

ଭାରତୀୟ କ୍ରିକେଟ୍ ଦଳର ଇଂଲଣ୍ଡ ଗସ୍ତ ବୁଧବାରଠାରୁ ଆରମ୍ଭ ହେବାକୁଯାଉଛି। ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଖେଳାଯିବାକୁ ଥିବା ପାଞ୍ଚଟିକିଆ ଟି-୨୦ ସିରିଜର ପ୍ରଥମ ମ୍ୟାଚ ଚେଷ୍ଟର-ଲି-ଷ୍ଟ୍ରିଟରେ ରାତି ୧୦ଟାରେ ଖେଳାଯିବ। ଆୟର୍ଲାଣ୍ଡ ବିପକ୍ଷରେ ବିରାଟ ବିପର୍ଯ୍ୟୟର ସମ୍ମୁଖୀନ ହେବାପରେ ଟିମ୍ ଇଣ୍ଡିଆ ଏହି ସିରିଜ ଖେଳିବ। ତେଣୁ ନୂଆ ଅଧିନାୟକ ଶ୍ରେୟସ ଆୟରଙ୍କ ପାଇଁ ଏହି ସିରିଜ ବେଶ୍ ଗୁରୁତ୍ୱବହନ କରୁଛି। ଆୟର୍ଲାଣ୍ଡ ବିପକ୍ଷରେ ଲଜ୍ଜାଜନକ ଭାବେ ଦୁଇଟିଯାକ ଟି-୨୦ ମ୍ୟାଚ ହାରିବା ପରେ ଭାରତୀୟ ଦଳର ଖେଳାଳିମାନେ ଚାପରେ ରହିଛନ୍ତି। ତେଣୁ ଇଂଲଣ୍ଡ ବିପକ୍ଷରେ ଉନ୍ନତ ପ୍ରଦର୍ଶନ କରି ଏହି କ୍ଷତିର ଭରଣା କରିବାକୁ ଭାରତ ଲକ୍ଷ୍ୟ ରଖିଛି।



| ପ୍ରଥମ ଟି-୨୦ |
| --- |
| ମ୍ୟାଚ୍ ଆରମ୍ଭ: ରାତି ୧୦ଟା |
| ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟୱର୍କ |

ଅପରପକ୍ଷରେ ଅଧିନାୟକ ଆୟରଙ୍କ ନେତୃତ୍ୱରେ ଉପରେ ମଧ୍ୟ ପ୍ରଶ୍ନବାଚୀ ଛିଡ଼ା ହୋଇଛି। ପ୍ରାୟ ୩ ବର୍ଷ ଧରି ଭାରତୀୟ ଦଳର ଟି-୨୦ ସେଟଅପ୍‌ରୁ ବାହାରେ ରହିବା ପରେ ଆୟର ଅଧିନାୟକ ସହ ଦଳକୁ ଫେରିଥିଲେ। ସୂର୍ଯ୍ୟକୁମାର ଯାଦବଙ୍କ ସ୍ଥାନରେ ତାଙ୍କୁ ନୂଆ ନେତୃତ୍ୱ ଭାର ମିଳିଥିଲା। କିନ୍ତୁ ଆୟରଙ୍କ ନେତୃତ୍ୱରେ ଭାରତ ପ୍ରଥମ ସିରିଜରେ ୨-୦ରେ ଆୟର୍ଲାଣ୍ଡ ନିକଟରୁ କ୍ଲିନସୁଇପ ହୋଇଛି। ଏବେ ବିଶ୍ୱର ଦୁଇ ନମ୍ବର ଦଳ ଇଂଲଣ୍ଡ ବିପକ୍ଷରେ ଘରୋଇ ମାଟିରେ ଭାରତ ଲଢ଼େଇ କରିବାକୁ ଯାଉଛି। ଯାହାକି ଆୟର ବାହିନୀ ପାଇଁ ଆହୁରି କଷ୍ଟକର ପରୀକ୍ଷା ହେବ। ହ୍ୟାରୀ ବ୍ରୁକଙ୍କ ନେତୃତ୍ୱରେ ଇଂଲଣ୍ଡ ବିଶ୍ୱ କ୍ରିକେଟରେ ସୀମିତ ଓଭରରେ ଏକ ଶ୍ରେଷ୍ଠ ଦଳ ଭାବେ ବିବେଚିତ ହେଉଛି। ଅଧିନାୟକ ବ୍ରୁକଙ୍କ ସମେତ ଜାକବ ବେଥେଲ, ଜୋଶ ବଟଲର, ସାମ୍ କରନ, ୱିଲ୍ ଜ୍ୟାକ, ଫିଲ୍ ସଟ, ଜୋଫ୍ରା ଆର୍ଚରଙ୍କ ଭଳି ଖେଳାଳି ଯେକୌଣସି ଦଳ ପାଇଁ ବିପଦଜନକ ସାବ୍ୟସ୍ତ ହୋଇପାରନ୍ତି। ତେଣୁ ଇଂଲଣ୍ଡ ମାଟିରେ ଖେଳାଯିବାକୁ ଥିବା ଏହି ସିରିଜ ଟିମ୍ ଇଣ୍ଡିଆ ପାଇଁ ସହଜ ହେବନାହିଁ। ସେହିଭଳି ଆୟର୍ଲାଣ୍ଡରେ ସୁଯୋଗ ପାଇ ନ ଥିବା ୧୫ ବର୍ଷୀୟ ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀଙ୍କୁ ଏହି ସିରିଜରେ ଅନ୍ତର୍ଜାତୀୟ ପଦାର୍ପଣର ସୁଯୋଗ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି।

### ଭାରତ ସପକ୍ଷରେ ରେକର୍ଡ

ରେକର୍ଡ ଉପରେ ନଜର ପକାଇଲେ ଭାରତର ପଲା ଭାରି ରହିଛି। ଉଭୟ ଦଳ ମଧ୍ୟରେ ଆଜି ପର୍ଯ୍ୟନ୍ତ ୩୦ଟି ଟି-୨୦ ମ୍ୟାଚ୍ ଖେଳାଯାଇଛି। ଯେଉଁଥିରେ ଭାରତ ୧୮ ଓ ଇଂଲଣ୍ଡ ୧୨ ମ୍ୟାଚ ଜିତିଛି। ଦୁଇ ଦଳ ଶେଷଥର ଲାଗି ଚଳିତ ବର୍ଷ ପ୍ରାରମ୍ଭରେ ଟି-୨୦ ବିଶ୍ୱକପ୍ ସେମିଫାଇନାଲରେ ସାମ୍ନାସାମ୍ନି ହୋଇଥିଲେ। ଏଥିରେ ଭାରତ ୭ ରନରେ ବିଜୟୀ ହୋଇଥିଲା।

AHANA GYNAECARE & IVF
Wishes You A
Happy Doctors' Day 2026
NABH-Accredited Small Healthcare Organisation
1st and only exclusive gynaecology and maternity hospital in Bhubaneswar to get the honour.
Headed by **Dr. Sujit Kumar Behera**, Chief Gynaecologist & Advanced Laparoscopic Surgeon
**State-of-the-art IVF & Infertility** unit, headed by **Dr. Sanjeev Behera**
1st Hospital in Bhubaneswar with Permission from Govt. Authority towards undertaking Pre-implantation Genetic Testing (PGT), Screening (PGS), & Diagnosis (PGD)
Fully-equipped **Fetal Medicine Dept.**, headed by **Dr. Shweta Somasikta Pani**
All Pregnancy Ultrasonography Scans like Fetal Echo, Genetic Counselling, Fetal Therapy and Invasive Procedures like Amniocentesis, CVS & Fetal Reduction
Services offered:
- Advanced Gynaecology Laparoscopic Procedures
- Fetal Medicine Unit with Invasive Procedures
- OPD services for Cardiology & Ultrasound
- IVF-ET, ICSI, IUI & other Fertility services
- High-Risk Pregnancy handling
- Neonatal Unit with Level - 3 NICU
CERTIFIED PESHCO-2023-7863
Plot No. 119, District Center, C.S. Pur, Bhubaneswar-751016
0674 68 11 111 & 0674 23 00 888 | 91243 64151
ahanagynaecare@gmail.com | www.ahanagynaecare.com
Facebook Page | Google Map

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS